ନନ୍ଦନର କୁଂଜତଳେ

ବିନୋଦ ରାଉତରାୟ

ଉତ୍କଳିକା

ବାଙ୍କାବଜାର, କଟକ-୭୫୩୦୦୨

Digitized by srujanika@gmail.com

ନନ୍ଦନର କୁଞ୍ଜତଳେ

ଲେଖକ :

ବିନୋଦ ରାଉତରାୟ

ପ୍ରକାଶକ :

ଉତ୍କଳିକା

ବାଙ୍କାବଜାର, କଟକ-୭୫୩୦୦୨

ପ୍ରଚ୍ଛଦ ଶିଳ୍ପୀ :

ବିନୋଦ ରାଉତରାୟ

ପ୍ରଥମ ପ୍ରକାଶ—ମେ, ୧୯୮୫

ମୁଦ୍ରଣ :

ସ୍ୱରାଜ ପ୍ରେସ

ଝୋଳାସାହି, କଟକ-୧

ମୂଲ୍ୟ : ଆଠ ଟଙ୍କା

NANDANAR KUNJATALE

Written by :

Binod Routray

Published by :

Utkalika

Banka Bazar, Cuttack-2

Publication : May, 1985

Printers :

Swaraj Press, Cuttack-1

Price : **Rupees Eight only**

Digitized by srujanika@gmail.com

ଯେହ୍ନମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କଲି ଯେଉଁମାନଙ୍କର
ଅପରସୀମ ସ୍ନେହ ଓ ଦୁର୍ଲଭ ସାନ୍ନିଧରେ
ନନ୍ଦନର କୁଞ୍ଜତଳେ ରଞ୍ଜନାର
ଧାରା ପ୍ରବାହିତ ।

Digitized by srujanika@gmail.com

ଆଚାର୍ଯ୍ୟ ନନ୍ଦଲାଲଙ୍କ ଗହଣରେ ଶିଳ୍ପୀ ରଉତରାୟ (ଛିଡା ହୋଇଥିବା
ବ୍ୟକ୍ତିମାନଙ୍କ ମଧ୍ୟରୁ [illegible] ଦ୍ୱିତୀୟ) ଓ ତାଙ୍କ ସତୀର୍ଥମାନେ

Digitized by srujanika@gmail.com

॥ ଏକ ॥

ଶାନ୍ତିନିକେତନର କଳାଭବନରେ ମୋର ଛାତ୍ରଜୀବନର ପାଞ୍ଚୋଟି ବର୍ଷ କଟିଛି । ସେହି ଗତିଶୀଳ ଆବେଗମୟ କର୍ମମୁଖର ଛାତ୍ରଜୀବନ କଥା ମନେ ପଡ଼ିଲେ ଏବେ ବି ମୁଁ ଉଲ୍ଲସିତ ହୁଏ । ଅଧ୍ୟକ୍ଷ ଓ ଅଧ୍ୟାପକଙ୍କର ଆତ୍ମୀୟତା ଓ ଆଶ୍ରମବାସୀ-ମାନଙ୍କର ଆନନ୍ଦମୟ ସମ୍ଭାଷଣ ମୋର ସବୁଦିନକୁ ମନେ ରହିବ । ସବୁ ସ୍ମୃତି ଉପରେ ସର୍ବାଧିନାୟକ ମାଷ୍ଟର ମହାଶୟ ଶିଳ୍ପାଚାର୍ଯ୍ୟ ନନ୍ଦଲାଲ ବସୁଙ୍କର ପବିତ୍ର ସମ୍ପର୍କ ମୋତେ ଅନ୍ଧାରରୁ ଆଲୁଅକୁ ବାଟ କଢ଼ାଉଥିବ । ତାଙ୍କର ତୂଳି ସ୍ପର୍ଶରେ ବୀରଭୂମ ଜିଲ୍ଲାର ରୁକ୍ଷ ପୃଥିବୀର ଚିତ୍ତ ବିଗଳିତ ହୋଇଛି । ଶାନ୍ତିନିକେତନର ଚତୁଃପାର୍ଶ୍ୱରେ ରୂପ ଓ ରସର ବନ୍ୟା ସମ୍ଭବ ହୋଇଛି । ସେ ବନ୍ୟାର ସୁକୁମାର ଊର୍ଜସ୍ୱଳତାର ସ୍ପର୍ଶ କେବଳ ଆଶ୍ରମକୁ ରସାପ୍ଲୁତ କରିନାହିଁ, ଛାତ୍ରଛାତ୍ରୀମାନଙ୍କର ଅନ୍ତରକୁ ଆର୍ଦ୍ର କରିଛି । ମାଷ୍ଟର ମହାଶୟଙ୍କୁ କବିଗୁରୁ ରବୀନ୍ଦ୍ରନାଥ ୧୯୧୪ ମସିହାରେ ଶାନ୍ତିନିକେତନକୁ ଆମନ୍ତ୍ରଣ କରିଆଣି ସମ୍ବର୍ଦ୍ଧିତ କରିଥିଲେ । କିନ୍ତୁ କଳାଭବନର ସମ୍ପୂର୍ଣ୍ଣ ଦାୟିତ୍ୱ ଟେକି ଦେଇଥିଲେ ୧୯୨୩ ରେ । ଏହାର ପରଠାରୁ ତାଙ୍କର ଶିଳ୍ପୀ ଜୀବନର ଇତିହାସ ସହିତ କଳାଭବନର ଇତିହାସ ଓତଃପ୍ରୋତ ଭାବରେ ଜଡ଼ିତ । ତାଙ୍କର ଶିଳ୍ପୀ ଜୀବନର ବ୍ୟାପ୍ତି ଓ ବିଶାଳତାର ପରିମାପ ଦ୍ୱାରା କଳାଭବନର ବ୍ୟାପ୍ତି ଓ ବିଶାଳତା ସମ୍ଭବ ହୋଇଛି । ଏବେ ମଧ୍ୟ ତାଙ୍କର ନାମର କାଳମାହାନ ଆନନ୍ଦମୟ ସ୍ପର୍ଶ ଦେଶ ଓ ଦେଶାନ୍ତରର ବହୁ ଛାତ୍ରଛାତ୍ରୀଙ୍କୁ ଆକର୍ଷଣ କରୁଛି । ସତ୍‌ପୁରୁଷର ସଦିଚ୍ଛା କେବେହେଲେ ମ୍ଳାନ ହୁଏ ନାହିଁ ।

ଯେଉଁ ସଂସାରରେ ମୋର ନେତ୍ର ପାଖୁଡ଼ା ଦୁଇଟି ପ୍ରଥମେ ଉନ୍ମୁକ୍ତ ହୋଇଥିଲା, ତାହା ଥିଲା ସ୍ନେହ, ଆନନ୍ଦ ଓ ଭୋଗବିଳାସର ପୁଲକିତ ପ୍ରାଚୁର୍ଯ୍ୟ ମଧ୍ୟରେ । ମୁଁ ଥିଲି ଏକୋଇରବଲା ବଶିକେଶନ । ମୋ ଉପରେ କେହି ନ ଥିଲେ

Digitized by srujanika@gmail.com

କିମ୍ବା ତଳେ ମଧ୍ୟ କେହି ନାହିଁ । ଏଣୁ ଘରର ଏରୁଣ୍ଡିବନ୍ଧ ଡେଇଁଲେ ସାଙ୍ଗରେ ଜଗୁଆଳି ଥିଲି କଳ୍ପିତ ବିପଦର ଆଶଙ୍କା କରି । ଟିକେ ଘରକୁ ଫେରିବାରେ ବିଳମ୍ବ ଘଟିଲେ ପରିବାରର ପ୍ରତ୍ୟେକ ଲୋକ ବ୍ୟସ୍ତହୋଇ ପଡୁଥିଲେ । ଗୋଟେ ଗୋଟେ ମାଷ୍ଟର ରଖା ହୋଇଥିଲେ ପାଠ ପଢାଇବା ପାଇଁ । ଗୋଟିଏ ଅଲିଅଳ ସନ୍ତାନ ପାଇଁ ସ୍ନେହର ବନ୍ଧନ ଯେତେଦୂର ଦୃଢହେବା କଥା, ସେଥିରୁ ଆଦୌ ଊଣା ନଥିଲା । ଏଣୁ ମୁଁ ହୋଇଯାଇଥିଲି ଗୋଟିଏ କୂପ-ମଣ୍ଡୁକ । ଭୃତ୍ୟ ଯେବେତ ଗ୍ଲାସ ତଳର ଏକାନ୍ତ ଅନନୁକରଣୀୟ ଅପରିହାର୍ଯ୍ୟ ଫୁଲକୁଣ୍ଡଟିଏ । ସାଧାରଣଙ୍କ ଭାଷାରେ କହିଲେ ମଫସଲିଆ ଗଣ୍ଡଟାଏ । ବୁଦ୍ଧିର ଦୀପ୍ତି ଓ ତୀକ୍ଷ୍ଣତା ମୋର ବୟସାନୁପାତରେ ଯଥେଷ୍ଟ ନ ଥିଲା । ସେଥିରେ ପୁଣି ଲମ୍ବ ଟ୍ରେନ୍ ଯାହା ହେଉଛି ପ୍ରଥମ । ଯିବାକୁ ପଡ଼ିବ ପାସେଞ୍ଜର ଗାଡ଼ିର ଅଣ ଓସାରିଆ ତୃତୀୟ ଶ୍ରେଣୀ ଡବାରେ । ଏ ଯୁଗୀୟ ସଭ୍ୟତାର ଅସମାଧିତ ଗୋଲକ ଧନ୍ଦା ମଧ୍ୟରେ ଏପରି କେହି ଜୀବନ ଆରମ୍ଭ କରିଥିବ ବୋଲି ମୋର ମନେହୁଏ ନାହିଁ ।

ସେ କାଳରେ ପୁଅକୁ ମଣିଷ କରିବାର ଅମୋଘ ବିଧାନ ରହିଥିଲା ବାପ ହାତରେ । ପିତୃ ନିର୍ଦ୍ଦେଶର ବ୍ୟତିକ୍ରମ ଘଟାଇବା ପରିବାର ମଧ୍ୟରେ ସମ୍ଭବ ନ ଥିଲା । ଭଦ୍ର ଘରର ବୈଶିଷ୍ଟ୍ୟ ରକ୍ଷା ନିମନ୍ତେ ମୋ ପାଇଁ ବାପାଙ୍କର କଡା ନିର୍ଦ୍ଦେଶ ଥିଲା ଓକିଲାତି ପଢ଼ି ଓକିଲଟିଏ ହେବାକୁ । ଆମ ଗ୍ରାମର ଚିନ୍ତାମଣି ଆଗ୍ରୟ ଯେତେବେଳେ ଓକିଲାତି କରି ଯଥେଷ୍ଟ ଅର୍ଥ ଓ ସୁନାମ ହାସଲ କରିଥାନ୍ତି । ବାପାଙ୍କର ନିର୍ମମ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଇ ନ ଦେବା ଅର୍ଥ ଶାଶ୍ୱତ ପିତୃ ଅଧିକାରର ଅବମାନନା କରିବା । ଏଣୁ ପ୍ରଚଳିତ ଶିକ୍ଷାକ୍ଷେତ୍ରରେ ନିୟମ ତାନ୍ତ୍ରିକତାର ଅସହ୍ୟ ପ୍ରତିକ୍ରିୟା ଦ୍ୱାରା ବିତସ୍ପୃହ ହୋଇ ଯେତେବେଳେ ମୁଁ ଶାନ୍ତିନିକେତନ ଯିବାପାଇଁ ସ୍ଥିରକଲି, ସେତେବେଳେ ଆମଘରେ ଭୂଲେଣି ପଡ଼ି-ଯାଇଥିଲା । ସ୍ରୋତ ବିରୁଦ୍ଧରେ ନୌକା ଚାଳିବ କିପରି ? ବୋଉ ମୋର ଖାଇବା ପିଇବା ଛାଡ଼ିଦେଇ ଲୁହ ଢାଳିଲା । ଅତ୍ୟଧିକ କ୍ରୁଦ୍ଧ ନ ହେଲେ ମଧ୍ୟ ବାପା ମନ ସ୍ଥିର କରି ରହିପାରିଲେ ନାହିଁ । ଅନିଷ୍ଟ ହେଲେ ଅନ୍ନ ସଂସ୍ଥାନ କେବଳ ଦୁରୂହ ହୋଇ ପଡ଼ିବ ନାହିଁ, ସାମାଜିକ ସମ୍ମାନ ମଧ୍ୟ କ୍ଷୁଣ୍ଣ ହେବ ବୋଲି ବାରମ୍ବାର ଚେତାଇ ଦେଲେ । ସେ କାଳରେ କଲିକତା ଦେଖିଥିବା ଜଣେ କୁଲିକୁ ଆମ ଗାଆଁରୁ ମୋ ସହିତ ପଠାଗଲା । ସେ ଲୋକଟି ବର୍ତ୍ତମାନ ପର୍ଯ୍ୟନ୍ତ ବାଟ ଦେଖିଥିଲା ବୋଲି ଆସିଲା । ଆଉ କାହାରି ତାହା ଭଳି ଯୋଗ୍ୟତା ନ ଥିଲା ।

ଓଡ଼ିଶା ସରକାରଙ୍କର ଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କ ବିଜ୍ଞାପନ ଅନୁସାରେ ଆମେ ଚାରିଜଣ ପ୍ରାର୍ଥୀ ଥିଲୁ କଳାବିଦ୍ୟା ଶିକ୍ଷା କରିବାପାଇଁ । ଏଣୁ ନିର୍ଦ୍ଦେଶକଙ୍କର

Digitized by srujanika@gmail.com

ଅଫିସ ବାରଣ୍ଡାରେ ଆମ ମଧ୍ୟରେ ପ୍ରାଥମିକ ପରିଚୟ ଘଟିବାକୁ ବିଳମ୍ବ ନ ଥିଲା ।
ବୃତ୍ତିଧାରୀ ଛାତ୍ର ରୂପେ ପ୍ରଥମେ କଳାଭବନରେ ଯୋଗ ଦେଇଥିଲେ ରବିନାରାୟଣ
ନାୟକ । ଦଲ୍ଲୀପ କୁମାର ମାନସିଂହ୍ ମହାପାତ୍ର ଓଡ଼ିଶା ସରକାରଙ୍କ ବଦଳରେ,
ବୃତ୍ତି ଗ୍ରହଣ କରିଥିଲେ ମଧ୍ୟପ୍ରଦେଶ ସରକାରଙ୍କ ଠାରୁ । ଗୋଟିଏ ବର୍ଷର
ବ୍ୟବଧାନ ପରେ ବହୁ କଷ୍ଟରେ ଗୋଟିଏ ସ୍ଥାନଟିଏ ଯୋଗାଡ଼ କରି ମୁଁ ଯାଇଥିଲି
ପଢ଼ିବାକୁ । ମୋର ବର୍ଷକ ପରେ, ସମ୍ବଲପୁରଠାରେ ଦୁଇବର୍ଷ ଚାକିରି କରି ଯେଉଁ
ଅର୍ଥ ସଞ୍ଚୟ କରିଥିଲେ, ତାହାକୁ ହିଁ ସମ୍ବଳ କରି ପହଞ୍ଚିଥିଲେ ବଂଶୀଧର ପ୍ରତିହାରୀ ।
ଆମ ମଧ୍ୟରେ ଯେଉଁ ଉତ୍କଣ୍ଠ ଉତ୍ସାହ ଓ ପ୍ରେରଣା ଥିଲା ତାହା ହିଁ ଆମକୁ ତିନିବର୍ଷର
ବ୍ୟବଧାନ ପରେ ଗୋଟିଏ ତୀର୍ଥରେ ଏକତ୍ର କରାଇ ଦେଇଥିଲା ।...

ଜୁଲାଇ ମାସ । ନୂଆ ମେଘ । ଜହ୍ନ ଛନ ଛନ ସବୁଜ ପ୍ରାନ୍ତରାଞ୍ଚଳ ।
ଶ୍ୟାମଳ କୁଞ୍ଜ ବନସ୍ପତି ଭରା ପ୍ରକୃତି । ଏହା ସହିତ ସାମଞ୍ଜସ୍ୟ ରକ୍ଷି ଶିକ୍ଷାୟତନରେ
ନୂତନ ବର୍ଷର ଆରମ୍ଭ । ଶାନ୍ତିନିକେତନର କଳାଭବନ ପରିସର ମଧ୍ୟରେ କେତେ
ନୂଆ ମୁହଁ ଫୁଟି ଉଠୁଥାଏ । ଚକ୍‌କଣ ଗଛର ସବୁଜ ଜାମୁଗଛର ଫାଙ୍କରେ
ଫାଙ୍କରେ ନୂତନ ଜୀବନର ଛନ୍ଦ ପ୍ରକଟିତ ହେଉଥାଏ । କିଏ ଆସିଥାଏ ନିଜର
ଭାଇ ସହିତ । କିଏ ଆସିଥାଏ ଉପଯୁକ୍ତ ପ୍ରତିନିଧି ସହିତ । ଆଉ କିଏ ଆସିଥାଏ
ଏକାନ୍ତ ଆପଣାର ପିତାମାତାଙ୍କ ଗହଣରେ । ସେମାନଙ୍କ ମଧ୍ୟରେ ମୁଁ ପହଞ୍ଚିଥାଏ
ବିଡ଼ମ୍ବିତ ଜୀବନର ପ୍ରତିଛବି ଭଳି ଅନୌପଚାରିକ ଭାବରେ । ପ୍ରଥମଥର ପାଇଁ
ହାବଡ଼ା ପୋଲ ଓ କଲିକତା ମହାନଗରୀରେ ପାଦ ଦେଇ ବୃହତ୍ତମ ଜୀବନର
ସ୍ୱାଦ ଆସ୍ୱାଦନ କରିବା ସଙ୍ଗେ ସଙ୍ଗେ କ୍ରମେ ମାନସପଟରୁ କଟକର ଯୋବ୍ରା
ଝୁଣ୍ଟିର ରହସ୍ୟଘନ ସ୍ୱରୂପକୁ ଭୁଲିପାରି ନଥାଏ । ଗୋଟିଏ କୂପ ମଣ୍ଡୁକର ଏହା
ପ୍ରଥମ ସାଗରର ସାନ୍ନିଧ୍ୟଲାଭ !

ମୁଁ ନାମ ଲେଖାଇଲି । ବିଧିବଦ୍ଧ ଭାବରେ ବିଶ୍ୱଭାରତୀର ଛାତ୍ର ହେବାପାଇଁ
ମୋତେ ତିନିଦିନ ସମୟ ଲାଗିଥିଲା । ପ୍ରଥମ ଦିନର ଅଭିଜ୍ଞତା ପରେ ଉପରୋକ୍ତ
ସାଥିଟି ଫେରି ଆସିଥିଲେ, ଆପଣାର କର୍ମ କ୍ଷେତ୍ରକୁ । ମୋର ଚାରିପାଖରେ ସୃଷ୍ଟି
ହୋଇଥିଲା ନୀହାରିକାର ଏକ କୁଜ୍‌ଝଟିକା ! କେତେ ବେଦନା, କେତେ ଯନ୍ତ୍ରଣା,
ସୁଖ ଦୁଃଖ, ଅନୁରାଗ ବିରାଗ, ଭଲମନ୍ଦର ଅଜସ୍ର ଘାତ ପ୍ରତିଘାତ ଆସି ଦେଖା-
ଦେଇଥିଲା, ହତାଶାର ପାଂଶୁଳତା ମଧ୍ୟରେ । ଅଳ୍ପଦିନ ମଧ୍ୟରେ କିନ୍ତୁ ଆରମ୍ଭ
ହୋଇ ଯାଇଥିଲା ଏକ ନୂତନ ଜୀବନର ଧାରା । ଜଣଙ୍କ ସହିତ ଦ୍ୱିଗପରିଚୟ
ଜଣକର ଘନିଷ୍ଠତା ସମ୍ଭବ ହୋଇଥିଲା । ସାଧନା ସହିତ ସ୍ୱଭାବର ଓ କାମନା
ସହିତ ଯନ୍ତ୍ରଣାର ସଙ୍ଘାତ ଘଟିଥିଲା । କଳାଭବନର ପରିସର ମଧ୍ୟରେ ଦୈନିକ

Digitized by srujanika@gmail.com

ସାଧନା କରିବାକୁ ହେଲା । ଏଥି ନିମନ୍ତେ ଶ୍ୱାସ-ପ୍ରଶ୍ୱାସକୁ ଦମନ କରିବାକୁ ପଡ଼ିଲା ନାହିଁ । ଆଖି ବନ୍ଦ କରିବାକୁ ପଡ଼ିଲା ନାହିଁ । କ୍ଷୁଧା—ତୃଷ୍ଣାକୁ ଅସ୍ୱୀକାର କରି କୋଣନରେ ବସି ଧ୍ୟାନସ୍ଥ ହେବାକୁ ପଡ଼ିଲା ନାହିଁ । ଏ ସାଧନା କଳାର ସାଧନା ଓ କଳ୍ପନାର ସାଧନା । ସେଥିପାଇଁ ସବୁ ପ୍ରକାରର ଘଟଣାନ୍ତର, ପଟାନ୍ତର ରୂପାନ୍ତରର ସମାରୋହ ଓ ସମାଗମ ମଧ୍ୟରେ ନୟନଯୁଗଳକୁ ବିସ୍ଫାରିତ କରାଯାଏ, ପ୍ରାଣକୁ ଜାଗ୍ରତ ରଖାଯାଏ ଓ ପଞ୍ଜୁରୀମୁକ୍ତ ପକ୍ଷୀଟି ଭଳି ମନକୁ ଉଡ଼ାଇ ଦିଆଯାଏ ସସୀମରୁ ଅସୀମ ଆଡ଼କୁ ।

ଆଜ ବିଶ୍ୱଭାରତୀ ଭାରତସରକାରଙ୍କ ଦ୍ୱାରା ପରିଚାଳିତ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଛି । ନାଲିମାଟିର ଯେଉଁ ରାସ୍ତା ମନକୁ ଭୁଲାଇ ଦେଉଥିଲା ତାହା କଳା ପିଚୁର ପିଚ୍ଛିଳ ପଥରେ ପରିଣତ ହୋଇଛି । ଛାତ୍ରାଛାତ୍ରୀଙ୍କ ଗୁରି ସଂଖ୍ୟା ଧୀରେ ଧୀରେ ବୃଦ୍ଧି ପାଇବା ଫଳରେ ବିରାଟ ସୌଧମାଳା ଉଠିଛି । ଉପାଚାର୍ଯ୍ୟ ମହାଶୟ ଗାଡ଼ି ଚଢ଼ି ଯିବା ଆସିବା କରୁଛନ୍ତି । ଅଧ୍ୟାପକମାନଙ୍କର ଆୟ ବଢ଼ିବା ସଙ୍ଗେ ସଙ୍ଗେ ପଦମର୍ଯ୍ୟାଦା ମଧ୍ୟ ବଢ଼ିଛି । ବିପୁଳ ନାଟ୍ୟଶାଳା, ଅତିଥିଭବନ, ରବୀନ୍ଦ୍ର ଯାଦୁଘର, ପାଠାଗାର ଆଦିର ବାହ୍ୟିକ ଉନ୍ନତି ହୋଇଛି । ସେହି ଅନୁସାରେ କଳାଭବନର ବର୍ଦ୍ଧିତ ରୂପ ପ୍ରକଟିତ ହୋଇଛି । ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ଓ କେନ୍ଦ୍ର ଲଳିତକଳା ଏକାଡ଼େମୀ ପ୍ରଭୃତିର ଅନୁଦାନ ଦ୍ୱାରା ଅର୍ଥ ଓ ଆଡ଼ମ୍ବରର ଅଭାବ ନାହିଁ । କିନ୍ତୁ ମୁଁ ସେଠାରେ ଯୋଗ ଦେଲାବେଳକୁ ବିଶ୍ୱଭାରତୀର ଦାୟିତ୍ୱ କେନ୍ଦ୍ର ସରକାର ଗ୍ରହଣ କରି ନ ଥାନ୍ତି । ଗ୍ରହଣ କରିବାର ପ୍ରସ୍ତାବ କେବଳ ପ୍ରସ୍ତାବ ଆକାରରେ ଥାଏ । ସେତେବେଳେ ଶ୍ରେଣୀଗୃହ ଓ ପାଠ-ଦାନର ସମସ୍ତ ପ୍ରକାର ଉପକରଣର ଶୋଚନୀୟ ଅଭାବ ଅନୁଭବ କରାଯାଉଥାଏ । ଛାତ୍ରମାନେ ଛାତ୍ରାବାସରେ ନିଜ ସଂଲଗ୍ନ କୋଠରୀ ଷ୍ଟୁଡ଼ିଓରେ କଳାଚର୍ଚ୍ଚା କରନ୍ତି । କେବଳ ଛାତ୍ରୀମାନଙ୍କ ନିମନ୍ତେ କଳାଭବନର ପରିସର ମଧ୍ୟରେ ଷ୍ଟୁଡ଼ିଓ ଯୋଗାଇ ଦିଆଯାଇଥାଏ । ଅଳ୍ପସଂଖ୍ୟକ ଅଧ୍ୟାପକଙ୍କ ପାଇଁ ଗୋଟିଏ ଲେଖାଏଁ ଷ୍ଟୁଡ଼ିଓ ଥାଏ । ଛାତ୍ରାବାସର ଅଧିକାଂଶ ଗୃହ ମାଟି ନିର୍ମିତ ଓ ନଡ଼ା ଛାଉଣୀ ଛପର । ତଳର ଚଟାଣ ସିମେଣ୍ଟ, ଭିତର ପାଖର କାନ୍ଥ ଚୂନ ଧଉଳା । ବାହାର ପାଖର କାନ୍ଥରେ ନାନାପ୍ରକାର ପଶୁପକ୍ଷୀ, ମନୁଷ୍ୟ, ଦେବତା ମୂର୍ତ୍ତି ମାଟିରେ ତିଆରି ହୋଇ ଆଲକାତାର ପ୍ରଲେପ ଦିଆଯାଇଛି । କହନ୍ତି 'କାଲୋବାଡ଼ି' । ଏହି କାଲୋ-ବାଡ଼ିର ପ୍ରତି କୋଠରୀକୁ ଯାଇଁ ଅଧ୍ୟାପକମାନେ ପ୍ରତ୍ୟେକ ଛାତ୍ରର ସୁଖ ଦୁଃଖ ସମ୍ବାଦ ସଂଗ୍ରହ କରିବା ସଙ୍ଗେ ସଙ୍ଗେ ରୂପକଳାର ଅନୁଶୀଳନ କରାନ୍ତି, ଜାମୁଗଛ ପିଜୁଳି ଗଛ, ଗଙ୍ଗଶିଉଳି ଗଛ ଶୋଭିତ ମୁକ୍ତ ପ୍ରାକୃତିକ ପରିବେଶ ମଧ୍ୟରେ ବନ୍ଧୁ ସମୟରେ ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ କଟିଯାଏ । ଅନ୍ତରର ଅନ୍ତର୍ଯ୍ୟାମୀଙ୍କ

Digitized by srujanika@gmail.com

ଠାରୁ ମିଳେ ନଗ୍ନତା ଶିଳ୍ପ-ଦୀକ୍ଷା । ଜୀବନର କକ୍ଷ ପଥ ଧୀରେ ଧୀରେ ନିରୂପିତ ହୁଏ । ଉପଯୁକ୍ତ ସ୍ଥାନାଭାବରୁ ନିଜେ ଅଧକ୍ଷ ପ୍ରାୟତଃ ନନ୍ଦନ ଗୃହର ବାରଣ୍ଡାରେ ସମୟ କଟାନ୍ତି । ତଥାପି ସ୍ୱଚ୍ଛଳ ଆନନ୍ଦ ମାଧୁରୀ ଓ ରସାଳ ପ୍ରାଣର ମୂର୍ଚ୍ଛନା ଊଣା ନ ଥାଏ । ଯେତିକି ଚୂନା, ସେଥିରେ ଚମତ୍କାର ପିଠା ପ୍ରସ୍ତୁତ କରିବାର ବ୍ୟବସ୍ଥା ଥାଏ । ଗଳ୍ପ, ଗୀତ, ଛବି, ମୂର୍ତ୍ତି, ଅଭିନୟ ପ୍ରଭୃତି ପ୍ରତିଦିନର ଆଦୋଳନ ମଧ୍ୟରେ ଗଲା ଫଟାଇ ଗୀତ ଗାଇବା ଓ ପର୍ମଶିକ୍ଷ କଳେବରରେ ତୁଳି ବୁଲି ସ୍କେଚ କରିବା ବ୍ୟବସ୍ଥା ଥାଏ । ଦୁଃଖ ବା ଅନୁଶୋଚନାର ଅବକାଶ କାହିଁ ?

ଅଶରୀରୀ କ୍ଷମତାର କାଉଁରୀ ହାତ ଛୁଆଁଇ ଯେଉଁ ମମତା ବିହୀନ ନୀରନ୍ଧ୍ର ଶିକ୍ଷାର ନିୟମତାନ୍ତ୍ରିକତା ସୃଷ୍ଟି ହୋଇଛି, ତାର ନୀରବ ଅତ୍ୟାଚାର ନନ୍ଦଲାଲଙ୍କ ପ୍ରାଣକୁ ଆବାଲ୍ୟରୁ କ୍ଷତ ବିକ୍ଷତ କରିଥିଲା । ସେଥିପାଇଁ ସେ ତରୁଣ ଶିକ୍ଷାର୍ଥୀମାନଙ୍କର ରୂପ ଓ ରସର ତୃଷ୍ଣା ପ୍ରଶମିତ କଲା ଭଳି ସ୍ନେହ ଓ ସଦିଚ୍ଛାମୟ ରଞ୍ଜନାର ଧାରା ନନ୍ଦନର କୁଞ୍ଜ ତଳେ ପ୍ରବାହିତ କରାଇଥିଲେ । ତାଙ୍କ ସ୍ୱପ୍ନର କଳାଭବନ ପରିଣତ ହୋଇଥିଲା ଆନନ୍ଦ ଭବନରେ । 'ନନ୍ଦନ' ଗୃହ ରୂପ ନେଇଥିଲା ଏ ଯୁଗରେ ଏକ କ୍ଷୁଦ୍ରକାୟ ନାଳନ୍ଦାର ।

ସେହି ଦିନଟିର ସ୍ମୃତି ଏବେ ବି ମନେ ଅଛି, ଯେଉଁଦିନ ବୋଲପୁର ଷ୍ଟେସନରେ ଟ୍ରେନ୍‌ରୁ ଓହ୍ଲାଇ ରିକ୍ସାପନ ସହ ଯାଇଁ ବସିଲି ବିଶ୍ୱଭାରତୀର ବସ୍‌ରେ । ସେତେବେଳେ ମୋର ମନ ଯେଉଁ ଅପୂର୍ବ ଆନନ୍ଦରେ ଭରିଯାଇଥିଲା ତାହା ଭାଷାରେ ପ୍ରକାଶ କରିବା କଠିନ । ଆଶ୍ରୟ ନେଇଥିଲି ଅତିଥିଭବନରେ । ସମ୍ମୁଖଭାଗରେ କାଚର ମନ୍ଦିର, ପୃଷ୍ଠ ଭାଗରେ ସୁଦୀର୍ଘ ଆମ୍ର କୁଞ୍ଜ । ପାର୍ଶ୍ୱ ଦେଶରେ ଅମଳକୀବୀଥି । ଯଥାସମୟରେ କଳାଭବନର ଶ୍ରେଣୀରେ ଯୋଗ ଦେବା ପାଇଁ ସୌଭାଗ୍ୟ ହେଲା । ସୂର୍ଯ୍ୟକରୋଦ୍ଦୀପ୍ତ କାକର ପଖାଳା ଗୌରପ୍ରାଙ୍ଗଣରେ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଏକତ୍ର ଦଣ୍ଡାୟମାନ ହୋଇ ନୂତନଦିନର କାର୍ଯ୍ୟାରମ୍ଭ ପୂର୍ବରୁ ପ୍ରାର୍ଥନା କଲେ । ସେମାନଙ୍କ କଣ୍ଠରୁ ଉଚ୍ଚାରିତ ହେଲା ବୈଦିକ ସୂକ୍ତ—

"ଓଁ ପିତା ନୋ ହସି
ପିତାନୋବୋଧି
ନମସ୍ତେଽସ୍ତୁ
ମାମାହିଂସୀଃ
ବିଶ୍ୱାନି ଦେବ ସବିତର୍
ଦୁରିତାନି ପରାସୁବ ।"

Digitized by srujanika@gmail.com

(ପିତା, ତୁମି ଆମାଦେର ପିତା
ଆମି ପିତା ବଲି ତୋମାୟ୍ ଜାନି
ଆମି ନତହୟ୍ ତୋମାୟ୍ ମାନି
ତୁମି କରନା କରନା ରୋଷ,
ହେ ପିତା
ହେ ଦେବ
ଦୂର କରେ ଦାଓ
ଯତ ଭୟ୍ ଯତ ଦୋଷ ।...)

ସୁଲଳିତ କଣ୍ଠରେ ରବୀନ୍ଦ୍ର ସଙ୍ଗୀତ ବୋଲି ହେଲା—

"ନୟ୍ ଏ ମଧୂର ଖେଲା, ତୋମାର ଆମାର ସାରାଜୀବନ ସକାଲ ସନ୍ଧ୍ୟାବେଲା ।" ସମ୍ମିଳିତ କଣ୍ଠର କଲ୍ଲୋଳିତ ସ୍ୱର ଝଙ୍କାର ଯେପରି ଗୃହପାଖରେ ନନ୍ଦିତ ଗଛପତ୍ର ଦେହରେ ସ୍ନେହମୟ ସ୍ପର୍ଶଦେଇ ଆନନ୍ଦ ସଞ୍ଚାର କରୁଥାଏ । ଶିଶିର ସିକ୍ତ ପତ୍ରଗୁଡ଼ିକ ଫିଟାଇ ଧୀରେ ଧୀରେ ଆଶ୍ରମର ପ୍ରକୃତି ଶତଚକ୍ଷୁ ଉନ୍ମିଳିତ କରୁଥାଏ । ଗଛଲତାର ଫାଙ୍କେ ଫାଙ୍କେ ଦିଗନ୍ତର ସୀମାରେଖା ଉପରେ ଭାସି ଉଠୁଥାଏ ଜ୍ୱଳନ୍ତ ଧାବମାନ ଚକ୍ର ଭଳି ଉଦିତ ସୂର୍ଯ୍ୟର ଅଗ୍ନିମୟ ଅଂଶ । ଧୀରେ ଧୀରେ ପୂର୍ଣ୍ଣୋଦିତ ସୂର୍ଯ୍ୟର ପରିଧିଚକ୍ର ବୃହତ୍ତର ହୋଇ ଉପରକୁ ଉଠୁଥାଏ ସଙ୍ଗୀତର ସୁଧାମୟ ସ୍ପର୍ଶରେ । ପ୍ରାର୍ଥନାନ୍ତେ ଲାଇବ୍ରେରୀର ସମ୍ମୁଖରୁ ଶାନ୍ତିନିକେତନ-ଗଣ ଆଶ୍ରମର ନାନାଦିଗକୁ ନାନାପଥ ଦେଇ ବିକ୍ଷିପ୍ତ ହୋଇ ପଡ଼ିଲେ । ଆମେ ଆଗେଇଲୁ ଧୂପଧୂଆଁ ସୁରଭିତ କଳାଭବନର ନନ୍ଦନ ଆଡ଼କୁ ।

ପ୍ରଥମେ ପରିଚୟ ହେଲା ଅଧ୍ୟାପକ ଅରୁଣାଚଳ ପେରୁମଲଙ୍କ ସହିତ । ଦକ୍ଷିଣ ଭାରତୀୟ କଣ୍ଠରେ ବଙ୍ଗଳାର ମଧୁର ଉଚ୍ଚାରଣ । ସେ ଆମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କ ସହିତ ପରିଚୟ କରାଇଦେଲେ । ତାହା ପରଦିନ ଆମକୁ ଛବି ଆଙ୍କିବା ପାଇଁ ନିର୍ଦ୍ଦେଶ ଦେଲେ । କେତେଆଡ଼ୁ କେତେ ପ୍ରକାରର ଶିକ୍ଷାର୍ଥୀ-ଶିକ୍ଷାର୍ଥିନୀ ଆସିଥାନ୍ତି । ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ଯେଉଁମାନେ ଆସିଥାନ୍ତି ସେମାନଙ୍କର ଆଇ. ଏ ଓ ବି. ଏ. ଶ୍ରେଣୀରେ ଛବି ଆଙ୍କିବା ଥିଲା ପାଠ୍ୟ ବିଷୟ-ଗୁଡ଼ିକ ମଧ୍ୟରୁ ଗୋଟିଏ । କିନ୍ତୁ ସପ୍ତମ ଶ୍ରେଣୀ ପରେ ମୁଁ କେବଳ ମନକୁ ମନ ଛବି ଆଙ୍କିଛି । ଶିଳ୍ପ ଶିକ୍ଷକର ନିର୍ଦ୍ଦେଶ ଲାଭ କରିବା ବଡ଼ କଥା, ଜଣେ ଶିଳ୍ପୀଙ୍କୁ ବିଦ୍ୟାଳୟର ପରିସର ମଧ୍ୟରେ ଦେଖିବାର ସୌଭାଗ୍ୟ ମୋର ନ ଥିଲା । ଅଧ୍ୟାପକ ପେରୁମଲଙ୍କର ମାର୍ଜିତ ବୈଦଗ୍ଧ ଓ ଶାନ୍ତମଧୁର ବ୍ୟବହାରରେ ଆମେ

Digitized by srujanika@gmail.com

ଚମତ୍କୃତ ହେଉଥାଉ । କଳାଭବନର ପରିସର ମଧ୍ୟରେ ଥିବା ଫୁଟନ୍ତ କନିଅର କୁଞ୍ଜ ନିକଟକୁ ଯେନ ଯାଇଁ ପତ୍ର, ପୁଷ୍ପ ଓ କଢ଼ ସହିତ ଗୋଟିଏ କନିଅର ଡାଳ ଅଙ୍କନ କରିବାକୁ ନିର୍ଦ୍ଦେଶ ଦେଲେ । ଜୁଲାଇ ମାସର ସଦ୍ୟ ବର୍ଷା ବିଧୌତ ସମ୍ପ୍ଲୁତ ପ୍ରଭାତରେ କମନୀୟ ପୁଷ୍ପ ସମ୍ଭାର ଦେହରୁ ବିନ୍ଦୁ ବିନ୍ଦୁ ଜଳ ଖସି ପଡ଼ୁଥାଏ । ଧୀର ପବନର ମନ୍ଥର ଆଘାତରେ ଉଜ୍ଜ୍ୱଳ କୋମଳ ପତ୍ରର ଡାଳଗୁଡ଼ିକ ଦୋହଲୁଥାଏ । ସୁଗନ୍ଧ ବର୍ଣ୍ଣପୁଷ୍ପ ସ୍ତବକରେ ବିମଣ୍ଡିତ ଐଶ୍ୱର୍ଯ୍ୟଶାଳୀ କନିଅର କୁଞ୍ଜ ଦୃଶ୍ୟ ଅତୀବ ହୃଦୟସ୍ପର୍ଶୀ । ତଥାପି କାଗଜ ଉପରେ ଗୋଟିଏ ଗାର ସୁଦ୍ଧା ଟାଣି ପାରିଲି ନାହିଁ । ଓଡ଼ିଶାର ବହୁ ଉଚ୍ଚ ପରୀକ୍ଷାରୁ ଉତ୍ତୀର୍ଣ୍ଣ ହୋଇ ଛାତି ଫୁଲାଇ ଚାଲିବାକୁ ସକ୍ଷମ ହୋଇଥିଲି । ମାତ୍ର ଏ ପରୀକ୍ଷାର କରୁଣ ସ୍ମୃତି ସବୁକୁ ବଳିଗଲା । ଏହିଭଳି ବ୍ୟର୍ଥତା ଦେଖା ଦେଇଥାଏ ବହୁ ସହାଧ୍ୟାୟୀଙ୍କ ମଧ୍ୟରେ । ସେତିକିଥାଏ ମୋର ଏକମାତ୍ର ସାନ୍ତ୍ୱନା । ତାହାପରେ ଅଧ୍ୟାପକ ପେରୁମଲ ଆମକୁ କହିଲେ—"ଯଦି ଦେଖିକରି ଆଙ୍କି ନ ପାରୁଛ, ତେବେ ମନରୁ କିଛି କିଛି ଆଙ୍କିବାକୁ ଚେଷ୍ଟା କର ।" ଏଥର ଆମେ ଟିକେ ସ୍ୱସ୍ତିରେ ନିଃଶ୍ୱାସ ମାରିଲୁ । କିନ୍ତୁ ତାହା ବି ହେଉଛି କେତେକ ? ମନରୁ କ'ଣ ଆଙ୍କିବୁ ସ୍ଥିର କରିପାରିଲୁ ନାହିଁ । ଆମର ସ୍ୱାଧୀନ ସଚେତନ କଳ୍ପନାପ୍ରବଣ ମନ କାହିଁ ? ବହୁ ଦିନରୁ ପାଠ୍ୟପୁସ୍ତକର ପୃଷ୍ଠା ମୁଖସ୍ଥ କରି କରି ଆମର ମନ ପାଲଟି ଯାଇଛି ଅକର୍ମଣ୍ୟ, ନିଷ୍କ୍ରିୟ, ସ୍ତବ୍ଧ, ସତେ ଯିମିତି ଗୋଟାଏ ପୋଡ଼ା ଭୂଇଁ । ଦୁବ କେରାଏ କଅଁଳିବାର ସମ୍ଭାବନା ନାହିଁ । ଏଠାରେ ଆମେ ସମସ୍ତେ ଗୋଟିଏ ରାସ୍ତାରେ ରହି ପରସ୍ପରର ମୁହଁକୁ ଚାହାଁଚାହିଁ ହେଲୁ । ସମସ୍ତଙ୍କର ଗୋଡ଼ ଅଛି, ସମସ୍ତେ ଚାଲି ପାରିବେ । କିନ୍ତୁ ସମସ୍ତଙ୍କର ହାତ ଅଛି, ସମସ୍ତେ ଆଙ୍କି ପାରିବେ ନାହିଁ । କାରଣ, ହାତ ଏକାକୀ କେବେ ହେଲେ ଛବି ଆଙ୍କେ ନାହିଁ—ଆଖି ଓ ମନର ଆଦେଶ ପାଳନ କରେ ମାତ୍ର । ଯେଉଁଠି ଦୃଷ୍ଟି ଭଙ୍ଗି ତିଆରି ହୋଇନାହିଁ, କିମ୍ବା ମନର ମର୍ଯ୍ୟାଦା ସୃଷ୍ଟି ହୋଇ ନାହିଁ, ସେଠାରେ ହାତର କର୍ତ୍ତୃତ୍ୱ କେତେ ? ବାଧ୍ୟ ହୋଇ ଶେଷକୁ ସେ ଆଣି ଧରାଇ ଦେଲେ ହ୍ୟାଭେଲ୍ ସାହେବଙ୍କ ଡ୍ରଇଂ ବହିରୁ ଅଲଗା ହୋଇ ରଖାଯାଇଥିବା ରେଖାଚିତ୍ର କେତେଖଣ୍ଡ । ଅତ୍ୟନ୍ତ ନିପୁଣତାର ସହିତ ନକଲ କରି ଆତ୍ମପ୍ରସାଦ ଅନୁଭବକଲୁ । ଏହିଥିରୁ ଆମର ଜୀବନ କେଉଁ ଧାତୁରେ ଗଢ଼ା ହୋଇ କେଉଁମାର୍ଗରେ ଗତିକରିବାକୁ ଯାଉଥିଲା, ତାହା ଅନୁମାନ କରାଯାଇପାରିବ ।

Digitized by srujanika@gmail.com

॥ ଦୁଇ ॥

ଧୀରେ ଧୀରେ ନୂଆ ଦିନଗୁଡ଼ିକ ପୁରୁଣା ହେଲା । ସବୁ ଅଧ୍ୟାପକଙ୍କ ସହିତ ପରିଚୟ ଘଟିଲା । ବନ୍ଧୁମାନଙ୍କ ସହିତ ଏକାସନରେ ବସି ରୂପଚର୍ଚ୍ଚାର ସୁଯୋଗ ପାଇଲି । ବିଚ୍ଛିନ୍ନ, ବିକ୍ଷିପ୍ତ, ଗୌଣଭାବାପନ୍ନ ମନୋଭାବ କ୍ରମେ କ୍ରମେ ଅପସରିଗଲା । ପେଡ଼ି ଭିତରେ କୁଣ୍ଡଳି ବାନ୍ଧି ପଡ଼ି ରହିଥିବା କଳ୍ପନାପ୍ରବଣତା ଅନାହୃତ ମୁକ୍ତିର ସ୍ୱାଦ ଆସ୍ୱାଦନ କଲା । ଛବି ଆଙ୍କି ନାମ କରିବାର ଯୋଗ୍ୟତା ମଧ୍ୟ ମୋର ମଧ୍ୟରେ ଦେଖାଦେଲା । କିନ୍ତୁ କିଏ ଅଧ୍ୟାପକ, କିଏ ଗୁରୁ, କିଏ ପ୍ରବୀଣ, କିଏ ନବୀନ, କିଏ ଦେବ, କିଏ ଗ୍ରହଣ କରିବ—ଏକଥାର ସମାଧାନ ପାଞ୍ଚବର୍ଷ ଯାଏ କରି ପାରିଲି ନାହିଁ । ସେଠାରେ ଦଳ ଦଳ ହୋଇ ଗୁରୁ ଗୁରୁବୀ ରୂପର ତପସ୍ୟା କରୁଛନ୍ତି ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଗହଣରେ । ଯେତିକି ପାଉଛନ୍ତି, ସେତିକି ନିଜକୁ ଦରିଦ୍ର ବୋଲି ଅନୁଭବ କରୁଛନ୍ତି । ସେମାନଙ୍କ ପାଇଁ ସାଧନାର ପରିସର ସେହି ପରିମାଣରେ ପ୍ରସାରିତ ହୋଇଯାଉଛି । ଧୀମତ୍ତା, ସତ୍ୟାନ୍ୱେଷିତା, ଶ୍ରମ, ସାଧନା, ବିଦ୍ୟୋତ୍ସାହିତା, ସ୍ୱକାର୍ଯ୍ୟ ବତ୍ସଳତା ସେହି ପରିମାଣରେ ବୃଦ୍ଧି ପାଉଛି । କେବେହେଲେ କୌଣସିଦିନ ଦେଖିନାହିଁ ଆମ ହୃଦୟର ରିକ୍ତପାତ୍ରକୁ ପୂର୍ଣ୍ଣ କରିବା ପାଇଁ କୌଣସି ଅଧ୍ୟାପକ ଜ୍ଞାନର ଶୀର୍ଷ ସ୍ଥାନରୁ ବିଦ୍ୟା ବିତରଣ କରୁଛନ୍ତି । ମୋର ଅଧ୍ୟାପକମାନଙ୍କ ମଧ୍ୟରୁ ଅଧିକାଂଶ କେବଳ ସର୍ବଭାରତୀୟ ସ୍ୱୀକୃତି ପାଇ ନ ଥିଲେ, କେତେକ ଆନ୍ତର୍ଜାତିକ ସିଦ୍ଧି ମଧ୍ୟ ଅର୍ଜନ କରିଥିଲେ । ତଥାପି ସେମାନେ ଅହମିକା-ଦୃପ୍ତ ହୋଇ କେବେହେଲେ ପାଣ୍ଡିତ୍ୟର ଗାଦି ମାଡ଼ିବସି, ଗୁରୁ ଗୁରୁବୀମାନଙ୍କୁ କାଙ୍ଗାଳ ସଜାଇବାର ସ୍ୱପ୍ନରେ ବିଭୋର ହୋଇ ନାହାନ୍ତି । ଅତି ସହଜ ଓ ନିରାଡ଼ମ୍ବର ଭାବରେ ଗୁରୁ ଓ ଶିଷ୍ୟ ମିଳିମିଶି ଅତି ସ୍ନିଗ୍ଧ ପାରିବାରିକ ପରିବେଶ ଗଢ଼ିଛନ୍ତି । ଏହାହିଁ କଳାଭବନ ଶିକ୍ଷାର ଉଜ୍ଜ୍ୱଳତମ ବୈଶିଷ୍ଟ୍ୟ । ଗୁରୁମାନଙ୍କ କାର୍ଯ୍ୟରେ ଅଧ୍ୟାପକମାନେ ଅଯଥା ହସ୍ତକ୍ଷେପ କରିବା ପାଇଁ ଆଚାର୍ଯ୍ୟ ନନ୍ଦଲାଲଙ୍କର ସ୍ପଷ୍ଟ ନିର୍ଦ୍ଦେଶ ରହିଛି । ଯେତେ ଅନାଡ଼ି ହେଲେ ମଧ୍ୟ ପ୍ରତ୍ୟେକ ଗୁରୁ ହେଉଛନ୍ତି ଜଣେ ଲେଖାଁ ଶିଳ୍ପୀ । ସେମାନଙ୍କର ସୃଷ୍ଟି କର୍ମରେ ବାଧା ଦେବାର ଅଧିକାର ଅନ୍ୟର ରହିବା ଅନୁଚିତ । ନିଜେ ମଧ୍ୟ ଅଧ୍ୟାପକମାନଙ୍କୁ ଆବଶ୍ୟକୀୟ ଉପଦେଶ ଦେଇଥାନ୍ତି । କିନ୍ତୁ ସେମାନଙ୍କର ଶିକ୍ଷାପଦ୍ଧତି ଉପରେ ପ୍ରତ୍ୟକ୍ଷ ହସ୍ତକ୍ଷେପ କରନ୍ତି ନାହିଁ । ଏଣୁ ସହୃଦୟ ବ୍ୟବହାର ସର୍ବତ୍ର ସମପରିମାଣରେ ଲକ୍ଷ୍ୟ କରାଯାଏ । ସେଠାରେ ମୋତେ ଚିର ଅଭ୍ୟସ୍ତ 'ସାର୍' ଡାକ ପ୍ରଥମେ ଛାଡ଼ିବାକୁ ହୋଇଥିଲା ।

Digitized by srujanika@gmail.com

ବହୁ ଦିନରୁ ପାକଳ ଧରି ଯାଇଥିବା ଭୃତ୍ୟରେ 'ଦାଦା' ବା ଭାଇ ସମ୍ବୋଧନ କରିବାକୁ ଅଡୁଆ ଲାଗିଥିଲା ।

କଳାଭବନ ଗୋଟିଏ ଉଚ୍ଚକୋଟିର କଳାଶିକ୍ଷାଳୟ । ସେଠାକାର ଅଧ୍ୟାପକ ଓ ଅଧ୍ୟାପିକାବୃନ୍ଦ ଭାରତୀୟ ଶିଳ୍ପ ପରମ୍ପରାକୁ ନବଜନ୍ମ ଦେଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ସେମାନଙ୍କ ମନର ଶାଣିତ ଶିଳ୍ପବୋଧ ନୈପୁଣ୍ୟ, ଅନ୍ତର୍ଦୃଷ୍ଟି, ଅନ୍ୟତ୍ର ଦୁର୍ଲଭ । ଅଧ୍ୟାପକଙ୍କର ବ୍ୟକ୍ତିତ୍ୱ ହିଁ ଅଧ୍ୟାପନାର ପ୍ରଧାନତମ ଉତ୍ସ । ଏହି ବ୍ୟକ୍ତିତ୍ୱ କେବଳ ସଂଶ୍ଲିଷ୍ଟ ଛାତ୍ରମାନଙ୍କ ମଧ୍ୟରେ ବିଦ୍ୟା ବିତରଣ କରିନାହିଁ, ବରଂ କଳାଭବନର ପରିଧି ମଧ୍ୟରେ ବିଦ୍ୟାର ବିକୀରଣ କରାଇଛି । ଅଧ୍ୟାପକମାନଙ୍କ ସହିତ ଛାତ୍ରମାନଙ୍କର କେବଳ ଗୁରୁଶିଷ୍ୟ ସମ୍ପର୍କ ନଥାଏ, ଗଭୀର ସ୍ନେହର ସମ୍ବନ୍ଧ ସର୍ବଦା ଥାଏ । କଳାଭବନରେ ଶିକ୍ଷା ଶେଷ କରି ଚାଲିଯିବା ପରେ ମଧ୍ୟ ଏହି ସମ୍ବନ୍ଧ ଅବ୍ୟାହତ ଥାଏ । ଏହା ଅତ୍ୟନ୍ତ ସ୍ୱାଭାବିକ କଥା ଯେ ମଳୟର ସ୍ପର୍ଶରେ ନିମ୍ବଗଛରୁ ଚନ୍ଦନର ମହକ ଆସେ । ସେହିପରି ମହାଶିଳ୍ପୀଙ୍କ ସଂସ୍ପର୍ଶରେ ଆସି କର୍ମଚାରୀଠାରୁ ଆରମ୍ଭ କରି ପିଅନ୍ ପର୍ଯ୍ୟନ୍ତ ସମସ୍ତେ ସେଠାରେ ନିଜର ଶକ୍ତି ଅନୁସାରେ କଳାଚର୍ଚ୍ଚା କରନ୍ତି । ସେଠାକାର ଛାତ୍ରାବାସର ପିଅନ୍ ରତନ୍ ମଣ୍ଡଳ ମଧ୍ୟ ଅବସର ସମୟରେ ପ୍ରଥମ ବାର୍ଷିକ ଛାତ୍ରମାନଙ୍କୁ ଚିତ୍ରାଙ୍କନର ମୌଳିକ କୌଶଳ ବତାଇ ଦେଇଥାଏ । ଛାତ୍ରାବାସର କାର୍ଯ୍ୟ ଶେଷ କରି ସେ ଅବସର ସମୟରେ ଛବି ଆଙ୍କେ । ରତନର ଛବି ଆଙ୍କିବାର ନୈପୁଣ୍ୟ ଓ ସରଞ୍ଜାମ ଦେଖିଲେ ଯେକୌଣସି ଦର୍ଶକ ଆଶ୍ଚର୍ଯ୍ୟ ହେବ । ପ୍ରଦର୍ଶନୀମାନଙ୍କରେ ମଧ୍ୟ ଉଚ୍ଚ ମୂଲ୍ୟରେ ତା'ର ଛବି ବିକ୍ରୀ ହୋଇଥାଏ । ସେହିପରି ଆଉ ଜଣେ ପିଅନ୍ ତାରାପଦ, ଲୁଗାବୁଣା ଓ କାଠ କାମରେ ଯଥେଷ୍ଟ କୃତିତ୍ୱ ଅର୍ଜନ କରିଛି । ଗ୍ରନ୍ଥାଗାରର ଦାୟିତ୍ୱରେ ଥିବା ବ୍ୟକ୍ତି ହେଉଛନ୍ତି ଶିଳ୍ପଗୁରୁ ଅବନୀନ୍ଦ୍ର ନାଥଙ୍କର ସର୍ବଶେଷ ଶିଷ୍ୟ । ତାଙ୍କର ଶିଳ୍ପବୋଧ କୌଣସି ଜଣେ ପ୍ରଥମ ଶ୍ରେଣୀର ଶିଳ୍ପୀଙ୍କର ଶିଳ୍ପବୋଧ ଠାରୁ ନ୍ୟୂନ ନୁହେଁ । ବହୁ ସମୟରେ ତାଙ୍କର ହାତଅଙ୍କା ଛବି ବଡ଼ ବଡ଼ ଚିତ୍ରପ୍ରଦର୍ଶନୀରେ ପୁରସ୍କୃତ ହୋଇଥାଏ ।

କଳାଭବନର ସାଧନା-ସରଣୀରେ ଅଗ୍ରସର ହେବାପାଇଁ କୌଣସି ପ୍ରକାର ଅନୁଷ୍ଠାନ ଲିପି ନ ଥିଲା । କଳାଭବନରେ ପ୍ରବେଶ କରିବା ପୂର୍ବରୁ କୌଣସି ପ୍ରକାର ଅପରିବର୍ତ୍ତନୀୟ ଶପଥ ପତ୍ରରେ ସ୍ୱାକ୍ଷର କରିବାକୁ ପଡୁ ନ ଥିଲା । କଳାଭବନରେ ଶିକ୍ଷାଦାନ ପାଇଁ ଅନୁଷ୍ଠାନ ଲିପି (Manifesto) ଓ ପ୍ରଶ୍ନପତ୍ର ନ ଥିଲେ ମଧ୍ୟ ସେଠାରେ ଯାହା ଅନୁସରଣ କରାଯାଉଥିଲା ତାହାକୁ ମୋଟାମୋଟି ଭାବରେ ନିମ୍ନମତେ ଭାଗ କରାଯାଇପାରିବ—ଚିତ୍ରବିଦ୍ୟା, ଭିତ୍ତିଚିତ୍ର, ମୂର୍ତ୍ତିକଳା,

Digitized by srujanika@gmail.com

ଗ୍ରାଫିକ୍ କଳା, ନକ୍ସାଙ୍କନ ବା ମଣ୍ଡନ କଳା ଓ କାରୁଶିଳ୍ପ । ପ୍ରତ୍ୟେକର ଉପକରଣ ଓ କରଣ କୌଶଳ ସମ୍ବନ୍ଧରେ ନିର୍ଭୁଲ ଶିକ୍ଷା ଦିଆଯାଉଥିଲା । ପୂର୍ବାହ୍ଣରେ ସାଧାରଣତଃ ଅଧ୍ୟାପକମାନେ ଛାତ୍ରମାନଙ୍କ ଗହଣରେ କଟାଇଥାନ୍ତି ଓ ସେମାନଙ୍କର ଆତଙ୍କନାଶନ ଜ୍ୱଳନ୍ତ ଶିଳ୍ପଦୃଷ୍ଟି ନବୀନ ଶିକ୍ଷାର୍ଥୀମାନଙ୍କର ପଥ ପ୍ରଦର୍ଶନରେ ସହାୟକ ହୋଇଥାଏ । କିନ୍ତୁ ଅପରାହ୍ଣରେ ପ୍ରତ୍ୟେକ ନିଜ ନିଜର ଷ୍ଟୁଡ଼ିଓରେ ଉପସ୍ଥିତ ରହି ବ୍ୟକ୍ତିଗତ ରୂପ ଚର୍ଚ୍ଚାରେ ମନୋନିବେଶ କରିଥାନ୍ତି । ଅଧ୍ୟାପନା କାର୍ଯ୍ୟ ସୁଗୁରୁରୂପେ ସମ୍ପନ୍ନ କରିବା ସମୟରେ ଶିଳ୍ପୀମାନେ ଯେପରି ନିଜର ସୃଜନଶୀଳତାକୁ ନଷ୍ଟ କରି ନ ଦିଅନ୍ତି, ସେଥିପ୍ରତି ଶିଳ୍ପାଗୁରୁ ଅତ୍ୟନ୍ତ ସଚେତନ ଥିଲେ । ତାଙ୍କର ଧାରଣା ଥିଲା ଯେ ଗୋଟିଏ ପ୍ରଦୀପ ଯଦି ଜଳୁଛି ସେଥିରୁ ଅନେକଗୁଡ଼ିଏ ପ୍ରଦୀପ ଜଳାଇ ନିଆଯାଇ ପାରିବ । ସେହିପରି ଅଧ୍ୟାପକ-ମାନଙ୍କର ସୃଜନ କ୍ଷମତାର ଶିଖା ଯଦି ଜଳୁଥାଏ, ତେବେ ଛାତ୍ରମଣ୍ଡଳୀ ସେମାନଙ୍କର ଜୀବନ ପ୍ରଦୀପକୁ ଜଳାଇ ନେବାପାଇଁ ଅନୁପ୍ରାଣିତ ହେବେ । ଏହି ଦୃଷ୍ଟିରୁ କଳା-ଭବନର ପରିବେଶ ସର୍ବଦା ସଜୀବ ଓ ପ୍ରାଣବନ୍ତ ରହିପାରିଥିଲା । ଗଭୀରତମ ଅନ୍ତଃସ୍ଥଳର ପ୍ରଚ୍ଛନ୍ନ ଜିଜ୍ଞାସା ଅତି ଅବଲୀଳାକ୍ରମେ ରୂପାୟିତ ହୋଇ ପାରୁଥିଲା । ପ୍ରତିଷ୍ଠା ସମ୍ପନ୍ନ ଅଧ୍ୟାପକ ଓ ଉଚ୍ଚଶ୍ରେଣୀର ଛାତ୍ରମାନଙ୍କ ସହିତ ପ୍ରଥମ ଶିକ୍ଷାର୍ଥୀମାନେ ଏକତ୍ର ରୂପ ରଚନାରେ ବ୍ରତୀ ହେବା ଫଳରେ ସେମାନେ ଅଗ୍ରବର୍ତ୍ତୀମାନଙ୍କ କାର୍ଯ୍ୟର ବିଭିନ୍ନ ସ୍ତରଗୁଡ଼ିକ ଦେଖିବାକୁ ସୁଯୋଗ ପାଉଥିଲେ । ବିଭିନ୍ନ ଶୈଳୀର ବ୍ୟଞ୍ଜନା ସମ୍ବନ୍ଧରେ ଅବଧାରଣା କରି ପାରୁଥିଲେ ।

ମୌଳିକ ରଚନା, ପ୍ରକୃତି ପର୍ଯ୍ୟବେକ୍ଷଣ ଓ ପରମ୍ପରାର ଅନୁସରଣ ହିଁ ଥିଲା କଳାଭବନ ଶିକ୍ଷାର ମୂଳଭିତ୍ତି । ଏହି ଭିତ୍ତିଭୂମି ଉପରେ ଛାତ୍ରମାନଙ୍କୁ ଠିଆକରାଇ ଦିଆଯାଉଥିଲା କଳାଚର୍ଚ୍ଚାର ଗୌରବମୟ ଅଭ୍ରଭେଦୀ ଶିଖର ଦେଶରେ । ସର୍ବାଗ୍ରେ ଦୃଷ୍ଟି ନିବଦ୍ଧ ରହୁଥିଲା । ମୌଳିକ ରଚନା କ୍ଷେତ୍ରରେ । ପ୍ରତ୍ୟେକ ଛାତ୍ର-ଛାତ୍ରୀଙ୍କୁ ସ୍ୱାବଲମ୍ବୀ କରାଇବା ଦିଗରେ । ପ୍ରଥମରୁ ଏହି ଦିଗରେ ପ୍ରୋତ୍ସାହିତ ନ କଲେ ସାଧାରଣତଃ ପ୍ରକୃତି ପର୍ଯ୍ୟବେକ୍ଷଣ ଓ ପରମ୍ପରାର ଅନୁସରଣ କରି କରି ମୌଳିକ ଚିନ୍ତାଶକ୍ତି ଲୁପ୍ତ ହୋଇଯିବାର ସମ୍ଭାବନା ଅଧିକ । ନିଖୁଣ ଢ଼ଙ୍ଗ କିମ୍ବା ସମସ୍ତ ପ୍ରକାରର କରଣ କୌଶଳ ଆୟତ୍ତ କଳା ଚର୍ଚ୍ଚାର ଚରମ ଲକ୍ଷ୍ୟ ନୁହେଁ । ଆଙ୍ଗିକ ଚିରକାଳ ଶିଳ୍ପୀର ଦାସ, ପ୍ରଭୁ ନୁହେଁ ! ଦୈନନ୍ଦିନ ଜୀବନରେ ପ୍ରକୃତିର ସର୍ବବ୍ୟାପୀ ପ୍ରଭାବକୁ ଭୁଲିଯିବା କଠିନ । ପ୍ରକୃତି ପର୍ଯ୍ୟବେକ୍ଷଣ, ଅଧ୍ୟୟନ ଓ ଅନୁଶୀଳନ କିମ୍ବା ବସ୍ତୁ ଆଶ୍ରିତ ଗଢ଼ି ସହିତ ଗଠନର ଅନୁସନ୍ଧାନ ପାଇଁ ପ୍ରଚୁର ଅବକାଶ ରହିଥିଲା କଳାଭବନର ଦୈନନ୍ଦିନ କର୍ମ ପ୍ରବାହ ମଧ୍ୟରେ । ଶାନ୍ତିନିକେତନର ଦିଗନ୍ତ ବିସ୍ତୃତ ତାଳ-ଖର୍ଜୁର-ପରିଶୋଭିତ ନାଲି ଗୋଡ଼ିମାଟିର

Digitized by srujanika@gmail.com

ପଡ଼ିଆ ଓ ଆକାଶରେ ନାଲି ମେଘର ଚନ୍ଦ୍ରାତପ ଏଥି ନିମନ୍ତେ ଯଥେଷ୍ଟ ପ୍ରେରଣା ଯୋଗାଏ । ଶିର ବିଚାରା ଅଚିନ୍ତନୀୟ ପ୍ରକୃତ ସୃଷ୍ଟିଶକ୍ତିର ଜଡ଼ତାକୁ ସତେଜ କରିଦିଏ—

"ଝୁଆଇରେ ନାଲିମାଟି ଆକାଶରେ ନାଲି ନାଲି ମେଘ,
ଛୁଇଁଯାଏ ଦିଗସୀମା—ବୁଣିଯାଏ ଅମ୍ବରର ଧୂଳି
ପାଚିଲା ପଣତ ଉଡ଼େ ଶିରଡିର ଶଣଫୁଲ ପରି
ତମ ସୁନାମୁହେଁ ହସେ ଚିନା ଚିନା ସୁନେଲି ଗୋଧୂଳି ।"

ବୈଜ୍ଞାନିକର ନିର୍ମୋହ ମନ ଓ ଅପ୍ରମତ୍ତ ବୁଦ୍ଧି ଯେନ ପ୍ରକୃତିର ସାନ୍ନିଧ୍ୟ ଲାଭ ନିମନ୍ତେ ପ୍ରୟୋଜନୀୟ ଋତୁ ଉତ୍ସବ, ବନଭୋଜନ, ପରିଭ୍ରମଣ ପ୍ରଭୃତିର ସାମୟିକ ବ୍ୟବସ୍ଥା ରହିଥିଲା । ପ୍ରକୃତି ସହିତ ଏକାତ୍ମ ବୋଧ ହିଁ ସେଠାକାର ଶିକ୍ଷା ପଦ୍ଧତିର ମେରୁଦଣ୍ଡ । ନାନ୍ଦନୀୟ ଅର୍ଥରେ ତଥା ସାମଗ୍ରୀକ ଅର୍ଥରେ ପରମ୍ପରାର ଅନୁଶୀଳନ କରାଯାଉଥିଲା । ପ୍ରତ୍ୟେକ ଶୈଳୀର ନିର୍ମାଣଧର୍ମୀ ଗୁଣ ସହିତ ସାମଗ୍ରୀକ ପରମ୍ପରାର ଆକାରଗତ ବୈଶିଷ୍ଟ୍ୟ (Formal and structural element) ଆୟତ୍ତ କରିବାର ପ୍ରୟାସ ଅକ୍ଷୁଣ୍ଣ ଥିଲା । ଅଧ୍ୟାପକ ଓ ଅଧ୍ୟାପିକା-ମାନେ ସେମାନଙ୍କ ଉପସ୍ଥାନ ଖାତାର ନିର୍ଦ୍ଦିଷ୍ଟ ସ୍ଥାନରେ ସ୍ୱାକ୍ଷର ପରିବର୍ତ୍ତେ ପ୍ରତ୍ୟେକ ଦିନ ଫଳ ଫୁଲ, ପଶୁ ପକ୍ଷୀ, କଂସାବାସନ, କୀଟପତଙ୍ଗ, ତାଳପତ୍ର ଇତ୍ୟାଦି ମଧ୍ୟରୁ କୌଣସି ଗୋଟିଏ ଅଙ୍କନ କରୁଥିଲେ । ତୂଳି ଚାଳନାର ଭଙ୍ଗୀ ଦେଖି ଶିଳ୍ପୀର ସନ୍ତକ ରୂପେ ତାହାକୁ ଗ୍ରହଣ କରାଯାଉଥିଲା ।

ସେ ସମୟରେ କଳାଭବନରେ ଛାତ୍ର ସଂଖ୍ୟା ଯେଉଁ ପରିମାଣରେ ଥିଲା, ଛାତ୍ରୀ ସଂଖ୍ୟା ତାହିଁରୁ ନ୍ୟୂନ ନ ଥିଲା । ମୋର ଯେତେଦୂର ମନେହୁଏ ଆମର ଶ୍ରେଣୀରେ ଛାତ୍ରମାନଙ୍କ ଠାରୁ ଛାତ୍ରୀମାନେ ଥିଲେ ଅଧିକ । କିନ୍ତୁ କଳାଭବନର ଆରମ୍ଭ ପର୍ବରେ ଶିଳ୍ପାଗୁରୁ ନନ୍ଦଲାଲ ଛାତ୍ରୀବର୍ଜ୍ଜନ ଅନୁଷ୍ଠାନଟିଏ ଗଢ଼ିବା ପାଇଁ ଆଗ୍ରହୀ ଥିଲେ । ସେ ସ୍ଥିର କରିଥିଲେ ଯେ ଯଦି ଏକାନ୍ତ ଆବଶ୍ୟକ ହୁଏ ତେବେ ଛଅ ମାସ କିମ୍ବା ବର୍ଷକ ନିମନ୍ତେ ପଢ଼ିଲା ଭଳି ଛାତ୍ରୀମାନଙ୍କ ନିମନ୍ତେ କାରୁଶିଳ୍ପ ଶିକ୍ଷାର ସଂକ୍ଷିପ୍ତ ବ୍ୟବସ୍ଥା କରିବାପାଇଁ । ବର୍ତ୍ତମାନ ସୁଦ୍ଧା ସେହିଭଳି ଏକ ଦୁଇବର୍ଷର ପାଠ୍ୟକ୍ରମ ରହିଛି ଓ ତାହା ଆରମ୍ଭ କରାଯାଇଛି ଆମେମାନେ ଯୋଗଦେଲା ପରେ । ଅପର ଦିଗରୁ ଦେଖିବାକୁ ଗଲେ କଳାଭବନର ଯଥା ନିର୍ଦ୍ଦିଷ୍ଟ ପାଠ୍ୟକ୍ରମ ମଧ୍ୟରେ ଛାତ୍ରମାନଙ୍କ ସହିତ ଏକା ମଂଚରେ ବସି ରୂପଚର୍ଚ୍ଚା କରିବାପାଇଁ ଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ସୁଯୋଗ ଦିଆଯାଇଛି । ଏହାର ମୁଖ୍ୟ କାରଣ ହେଉଛି ଯଦି ଜଣେ ଛାତ୍ରୀ

Digitized by srujanika@gmail.com

ଅନ୍ତରରେ ଉପଯୁକ୍ତ ଶିଳ୍ପବୋଧ ଜାଗ୍ରତ କରାଯାଇ ପାରିଲା, ତେବେ ତାହା ଭବିଷ୍ୟତରେ ଗୋଟିଏ ପରିବାର ମଧ୍ୟରେ ବିସ୍ତାର ଲାଭ କରିବ । ଏହିପରି ଭାବରେ ପ୍ରାଚୀନ ଭାରତୀୟ ଶିଳ୍ପ ପରମ୍ପରା ଯେଉଁପରି ପରିବାରମୁଖୀ ଓ ସମାଜମୁଖୀ ଥିଲା; ତାହାର କାଙ୍କ୍ଷିତ ପୁନରୁଦ୍ଧାର କରାଯାଇ ପାରିବ ।

ଅବାରିତ ସହଶିକ୍ଷା ଫଳରେ ବିପଦର ସମ୍ଭାବନା ନାହିଁ ବୋଲି କୁହାଯାଇ ପାରିବନାହିଁ । କିନ୍ତୁ ଛାତ୍ର ଛାତ୍ରୀମାନେ ଏକତ୍ର କାର୍ଯ୍ୟ କରିବାର ସୁଯୋଗ ପାଇବା ଦ୍ୱାରା ପରସ୍ପର ସମ୍ବନ୍ଧରେ ଅହେତୁକ ଧାରଣା ପୋଷଣର ବୟସୋଚିତ ଦୁର୍ଯୋଗାଶଙ୍କା ଦୂରହୋଇ ହୃଦୟରେ ଗଭୀର ଦାୟିତ୍ୱ ବୋଧ ଜାଗ୍ରତ ହୁଏ । ଜୀବନର ଗତି କେତେକ ପରିମାଣରେ ସହଜ ଓ ସାବଲୀଳ ହୁଏ କି ନାହିଁ ତାହା ପ୍ରଶ୍ନର ବହିର୍ଭୂତ ବିଷୟ । ସାଧାରଣତଃ ଦେଖିବାକୁ ଗଲେ ପୁରୁଷମାନେ ସଂସାର କର୍ତ୍ତା । ସାଂସାରିକ ଉନ୍ନତି ଦିଗରେ ସେମାନଙ୍କର ଲୋଭ ତୃଷ୍ଣା । ଅପର ଦିଗରୁ ଦେଖିବାକୁ ଗଲେ ନାରୀମାନେ ନିରର୍ଥକ ଆଗ୍ରହନଷ୍ଟ ହେଲେ ମଧ୍ୟ ସାଂସାରିକ ବୁଦ୍ଧି ସମ୍ପନ୍ନା । ଜନନୀ, ଭଗ୍ନୀ, କନ୍ୟା, ପତ୍ନୀ, ପ୍ରେୟସୀ, ସଖୀ ଆଦି ବିଭିନ୍ନ ଭୂମିକାରେ ସେମାନେ ସ୍ନେହ, ପ୍ରେମ, ଘୃଣା, ଈର୍ଷା, କାମ, କ୍ରୋଧ, ଭକ୍ତି, ପ୍ରୀତି ବିତରଣ କରି ସଂସାରକୁ ଗଠନ କରନ୍ତି । ସୁତରାଂ କଳା ସୃଷ୍ଟି ତଥା ଜୀବନ ସୃଷ୍ଟିର ଧାରାକୁ ଅବ୍ୟାହତ ରଖିବା ନିମନ୍ତେ ନାରୀ ଓ ପୁରୁଷର କଳା ଶିକ୍ଷା କରିବା ଆବଶ୍ୟକ । ଆମ ସହିତ ଯେଉଁ ଛାତ୍ରୀମାନେ ଭଲ ମନ୍ଦ, ପାପ ପୁଣ୍ୟ, ପ୍ରେମକାମର ବିଗ୍ରହ କିମ୍ବା ବିଶ୍ଳେଷଣ ନ କରି କାନ୍ଧକୁ କାନ୍ଧ ମିଳାଇ ଅଧ୍ୟୟନ କରୁଥିଲେ, ସେମାନଙ୍କ ମଧ୍ୟରୁ ଅଳ୍ପ କେତେକ ଥିଲେ ବିବାହିତା । ସେମାନେ ଥିଲେ ସାଂସାରିକ କର୍ମନିପୁଣା । ଆଉ କେତେକ ଅଧ୍ୟୟନ କାଳରେ ବିବାହ କରି ସଂସାରୀ ହୋଇଥିଲେ । ସେମାନେ ଉଭୟ ଅଧିକେ ମିଳାମିଶା କ୍ଷେତ୍ରରେ ସହଜ ହୋଇ ପାରିଥିଲେ । ବିବାହ ପରେ ନାରୀମାନଙ୍କର ବୟସ ଓ ଦାୟିତ୍ୱବୋଧ ସତେ ଯିମିତି ହଠାତ୍ ବଢ଼ିଯାଏ । ମୋଟାମୋଟି ଭାବରେ ଦେଖିବାକୁ ଗଲେ ଯେଉଁ ଛାତ୍ରୀମାନଙ୍କର କଳାଚର୍ଚ୍ଚା ନିମନ୍ତେ ଯଥେଷ୍ଟ ଆଗ୍ରହ ଓ ଯୋଗ୍ୟତା ଥିଲା, ସେମାନେ ନୀଡ଼ ରଚନାର ନିବିଡ଼ ସୁଖ ସମ୍ଭୋଗ ମଧ୍ୟରେ ହୁଏତ ଲୀନ ହୋଇଗଲେ । ଆଜି ସେମାନଙ୍କ ପଦଧ୍ୱନି ଭାରତର ଶିଳ୍ପ ଜଗତରେ ଶୁଣାଯାଏ ନାହିଁ । ଜୀବନକୁ ପରିପୂର୍ଣ୍ଣ ଆନନ୍ଦ କାହାରିକୁ ନିଃଶେଷ କରି କେହି ବିତରଣ କରିପାରେ ନାହିଁ । ତଥାପି ଯେଉଁ ସହାଧ୍ୟାୟିନୀମାନେ କଳାଭବନର ପରିବେଶରୁ ଆରମ୍ଭ କରି ହିନ୍ଦ କୂଳର ନିକାଞ୍ଚନ ସାନ୍ତାଲପଡ଼ାର ଛାୟା ସୁଷମା ଭରା ପୂର୍ବାହ୍ନ, ତାଳବନ, ବେଣୁବନ, କପାଇକୂଳକୁ ରସମୟ କରାଉଥିଲେ, ଜୀବନର ଅବସାଦମୟ ପରିପ୍ରେକ୍ଷୀରୁ ଉଦ୍ଧାର କରି ଆନନ୍ଦମୟ ସାର୍ଥକ

Digitized by srujanika@gmail.com

ମୂର୍ତ୍ତିଗୁଡ଼ିକ ଅବଚଳାନ୍ତମେ ସୃଷ୍ଟି କରୁଥିଲେ ସେମାନେ ଚିରକାଳ ଶିଳ୍ପୀର ପ୍ରେରଣା, କବିର କବିତା—

"ତମେ ଏଇ ପୃଥିବୀର ଶୁଚିମନ୍ତ ଗୌର ପାରିଜାତ
ତମର ଅଧରେ ହସେ ଶରତର ପାଟଳ ପ୍ରଭାତ
ମୁଁ କେବଳ ମୁଗ୍ଧ କବି ଦେଖେ ବେନନେନ ପୂର୍ତ୍ତି କରି
ତମର ବିଚିତ୍ର ରୂପ ସୌନ୍ଦର୍ଯ୍ୟର ବିମୋହନ ଶିଖା ।"

ଓଡ଼ିଶାରେ ରହିଥିବା ସମୟରେ ମୋର ମନ ସମସ୍ତ ସମୟରେ ରାଜନୀତି ଆଡ଼କୁ ଟାଣୁଥିଲା । କିନ୍ତୁ ସେଥିପ୍ରତି ପୂର୍ଣ୍ଣ ପ୍ରାଣରେ ଆସକ୍ତ ହୋଇପାରୁ ନ ଥିଲି । ଏହାର ପ୍ରଧାନ କାରଣ ହେଉଛି ରାଜନୀତି ଲକ୍ଷ୍ମୀଙ୍କର ସବୁ ଦେଶରେ ଓ ସବୁ କାଳରେ ପାଞ୍ଚ ଆଙ୍ଗୁଠି ସମାନ ହୋଇ ନ ଥାଏ । କିନ୍ତୁ ଆମ ଦେଶଭଳି ବୋଧହୁଏ କୌଣସି ଦେଶରେ ଗୋଟିଏ ଆଙ୍ଗୁଠିକୁ ସମୂଳେ ଉତ୍ପାଟନ କରିବା ନିମନ୍ତେ ଅନ୍ୟ ଗୋଟିଏ ଆଙ୍ଗୁଠି ଟିପ ବଙ୍କେଇ ଠିଆହୋଇ ନଥାଏ । ଆମ ଦେଶରେ ଏହି ପୀଡ଼ନର ପ୍ରତିକ୍ରିୟା ସହଜ । କଳାଭବନରେ ଯୋଗଦେଲି ପରେ ପ୍ରତ୍ୟକ୍ଷ ରାଜନୀତିରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଲେ ମଧ୍ୟ ଜାତୀୟତାର ମଧୁର ସ୍ୱାଦ ଗଭୀର ଭାବେ ଆସ୍ୱାଦନ କରିବାକୁ ଲାଗିଲି । ଜାତୀୟତା କହିଲେ କିମ୍ବା ଜାତିପ୍ରୀତି କହିଲେ ତାହା ଚଳନ୍ତି ରାଜନୀତିର ଭୟଙ୍କର କ୍ଷମତାଲିପ୍ସା ଓ ଖବରକାଗଜୀ ବ୍ୟକ୍ତିତ୍ୱର ପ୍ରତିଷ୍ଠା ନୁହେଁ, ଏ କଥାଟି ଭଲଭାବରେ ହୃଦୟଙ୍ଗମ କରିପାରିଲି । ଶିଳ୍ପାଚାର୍ଯ୍ୟ ନନ୍ଦଲାଲଙ୍କର କୈଶୋରରେ ଥିଲା ରାମକୃଷ୍ଣ ମିଶନ୍ ସହିତ ଅନ୍ତରଙ୍ଗ ସମ୍ପର୍କ । ଯୌବନରେ ସେ ଯୋଗଦେଇ କାର୍ଯ୍ୟ କରିଥିଲେ ବିଶ୍ୱକବି ରବୀନ୍ଦ୍ରନାଥଙ୍କର ଜଣେ ଘନିଷ୍ଠ ସହଯୋଗୀ ଭାବରେ । ପରିଣତ ବୟସରେ ହୋଇଥିଲେ ମହାତ୍ମା ଗାନ୍ଧୀଙ୍କର ଅନ୍ୟତମ ବନ୍ଧୁ ଓ ସହଯୋଗୀ । ଏଣୁ ନନ୍ଦଲାଲଙ୍କ କଳାଭବନରେ ପରସ୍ପର ମଧ୍ୟରେ ପ୍ରତ୍ୟେକର ସୂକ୍ଷ୍ମତମ ଅନ୍ତଃସାରର ପରୀକ୍ଷା ନିରୀକ୍ଷା କରାଇ ଏକ ବିଜ୍ଞାନସମ୍ମତ ଦୃଷ୍ଟିକୋଣର ପୁଷ୍ଟିସାଧନ କରାଯାଇଥିଲା । ଗାନ୍ଧିଜୀଙ୍କର ପ୍ରବର୍ତ୍ତିତ ବୁନିୟାଦ ଶିକ୍ଷାର ପରିକଳ୍ପନା ସମୟରେ ଧନ୍ଦା ମାଧ୍ୟମରେ ଶିକ୍ଷାର ପାଠ୍ୟକ୍ରମର ଭିତ୍ତିଭୂମି ରଚିତ ହୋଇଥିଲା ନନ୍ଦଲାଲଙ୍କ ଭଳି ଶିଳ୍ପୀଙ୍କର ସହଯୋଗୀତାରେ । ଆର୍ଯ୍ୟନାୟକମ୍ ଓ ଆଶାଦେବୀ ଥିଲେ ଶାନ୍ତିନିକେତନର ଗୃହଗୃହୀ । ଦେଶୀରଙ୍ଗ, ଦେଶୀ ତୂଳି, ଦେଶୀ କାଗଜ ଓ ଦେଶୀୟ ଚିତ୍ରକଳାର ଉପଯୋଗୀତା ସମ୍ବନ୍ଧରେ କଳା ଶିକ୍ଷାର୍ଥୀମାନଙ୍କୁ କଳାଭବନରେ ପରୋକ୍ଷରେ ଓ ପ୍ରତ୍ୟକ୍ଷରେ ସ୍ପଷ୍ଟ ଧାରଣା ଦିଆଯାଇଥାଏ । ମୋର ଯେତେଦୂର ମନେହୁଏ ସେ ସମୟରେ ଏହିପରି ଏକ ଧାରଣା ପୋଷଣ କଳାଭଳି ସୁଯୋଗ ଶାନ୍ତିନିକେତନ କିମ୍ବା ସେବାଗ୍ରାମ ଭିନ୍ନ

Digitized by srujanika@gmail.com

ଅନ୍ୟତ୍ର ଥିଲା ଦୁର୍ଲଭ ! ସୃଜନ କଳାପ୍ରୀ ଶିଳ୍ପୀ ସାମାନ୍ୟତମ ଉପକରଣଙ୍କୁ ନେଇ ଅସାମାନ୍ୟ ରୂପ ଓ ରସ ପରିବେଷଣ ନିମନ୍ତେ ଯେଉଁ ପ୍ରଚେଷ୍ଟା କରିଥାଏ ତାହାର ମୂଲ୍ୟ ଅପରିସୀମ ।

କଳାଭବନର ଶିକ୍ଷା ହେଉଛି ଯେ କୌଣସି ଶିଳ୍ପୀ ନିମନ୍ତେ ଅକ୍ଷର ପରିଚୟ ମାତ୍ର । ଏକ ସିର୍ମୀତ ସମୟର ସୀମା ମଧ୍ୟରେ ବିଭିନ୍ନ ଧରଣର କରଣ ପଦ୍ଧତି ଓ ତାର ନୈପୁଣ୍ୟ ସମ୍ବନ୍ଧରେ ପ୍ରାଥମିକ ଧାରଣା ଦିଆଯାଇଥାଏ । ଏଣୁ କେବଳ କଳାଭବନର ସ୍ନାତକ ହେଲେ ଜଣେ ଶିଳ୍ପୀ ହୋଇ ପାରିନାହିଁ; ଯଦି ସେ ଜୀବନର କର୍ମଚଞ୍ଚଳ ପ୍ରତ୍ୟେକ ମୁହୂର୍ତ୍ତିକୁ ଶିଳ୍ପ ସୃଷ୍ଟିର ପୂର୍ଣ୍ଣତା ଦିଗରେ ନିୟୋଜିତ ନ କରେ । ଶିଳ୍ପ ସମ୍ଭାରପୂର୍ଣ୍ଣ ଶାନ୍ତିନିକେତନର ପରିବେଷ୍ଟନୀ ଜଣେ ଛାତ୍ରକୁ ଆଦର୍ଶ ଶିଳ୍ପୀ ହେବା ନିମନ୍ତେ ପ୍ରେରଣା ଯୋଗାଇଥାଏ ।

୧୯୫୧ ମସିହାରେ ବିଶ୍ୱଭାରତୀ ଭାରତ ସରକାରଙ୍କ ବିଶ୍ୱବିଦ୍ୟାଳୟର ମର୍ଯ୍ୟାଦା ପାଇବା ସଙ୍ଗେ ସଙ୍ଗେ ଶିଳ୍ପାଗ୍ରଣୀ ନନ୍ଦଲାଲ ବିଶ୍ୱବିଦ୍ୟାଳୟର ସମ୍ମାନିତ ଅଧ୍ୟାପକ ହୋଇ ଅବସର ଗ୍ରହଣ କଲେ । କଳାଭବନର ଅଧ୍ୟକ୍ଷ ଆସନ ମଣ୍ଡନ କଲେ ନନ୍ଦଲାଲଙ୍କର ସହକର୍ମୀ ଶିଳ୍ପୀ ସୁରେନ୍ଦ୍ରନାଥ କର । ରବୀନ୍ଦ୍ରନାଥଙ୍କର ବିଶ୍ୱଭାରତୀରେ ନନ୍ଦଲାଲ ପ୍ରବର୍ତ୍ତିତ ଶିକ୍ଷାଦର୍ଶକୁ କଳାଭବନରେ ଅକ୍ଷୁଣ୍ଣ ରଖିବା ନିମନ୍ତେ ଯଥାସମ୍ଭବ ଉଦ୍ୟମଶୀଳ ଥିଲେ ମଧ୍ୟ । ଏହି ସମୟରେ ପାଶ୍ଚାତ୍ୟ ଧରଣର ଜଳରଙ୍ଗ, ଷ୍ଟିଲ ଲାଇଫ, ପ୍ରତିକୃତି ଓ ପ୍ରସପେକ୍ଟିଭ ଆଦିର ଶିକ୍ଷା ଦିଆଯିବାର ବ୍ୟବସ୍ଥା ହୋଇଥିଲା । ଦୁଇବର୍ଷ ନିମନ୍ତେ ମହିଳାମାନଙ୍କ ପାଇଁ କାରୁଶିଳ୍ପ ଶିକ୍ଷାର ପାଠ୍ୟକ୍ରମ ପ୍ରବର୍ତ୍ତନ କରାଯାଇଥିଲା । ଆଉ ମଧ୍ୟ କଳାଭବନରେ ପ୍ରଥମ ପରୀକ୍ଷା ରୀତିର ପ୍ରବର୍ତ୍ତନ କରାଯାଇଥିଲା । ବିଶ୍ୱବିଦ୍ୟାଳୟର ଆଇନ୍ କାନୁନ୍ ଅନୁଯାୟୀ ନନ୍ଦଲାଲ ଶିଳ୍ପଶିକ୍ଷା କ୍ଷେତ୍ରରେ ପରୀକ୍ଷା କମ୍ବା ପାଶ୍ ଫେଲ୍‌କୁ ଆଦୌ ପ୍ରଶ୍ରୟ ଦେଇ ନ ଥିଲେ । ଏହି ବିଧିବ୍ୟବସ୍ଥା ଏକପ୍ରକାର ପ୍ରଥାଗତ ସଂସ୍କାର ଭିନ୍ନ ଅନ୍ୟ କିଛି ନୁହେଁ । ନନ୍ଦଲାଲଙ୍କ ଦୃଷ୍ଟିରେ ଶିଳ୍ପ ସୃଷ୍ଟି କରିବା ଓ ସେଥିରେ ଆନନ୍ଦ ପାଇବା ହିଁ ଥିଲା ସବୁଠାରୁ ବଡ଼ କଥା । ଶିଳ୍ପୀମାନଙ୍କର ଶିଳ୍ପଚେତନା ଓ ସୃଜନୀ ଶକ୍ତି, ଆଙ୍ଗିକଗତ ଦକ୍ଷତା ଏବଂ ଆଗ୍ରହ ଓ ଉଦ୍ଦୀପନାକୁ ଏକ ନିର୍ଦ୍ଦିଷ୍ଟ ମାପୁଣିକାଠି ଦ୍ୱାରା ମାପିବା ହେଉଛି ମୌଳିକ ସୃଷ୍ଟିର ପ୍ରତିବନ୍ଧକ । ତଥାପି ଆମମାନଙ୍କୁ ବିଶ୍ୱ-ବିଦ୍ୟାଳୟର ପ୍ରଥାନୁଯାୟୀ ଏକ ସାଧାରଣ ପରୀକ୍ଷା କେନ୍ଦ୍ରରେ ବସି ଚିତ୍ରାଙ୍କନ କରିବାକୁ ହୋଇଥିଲା ଓ ଛପା ପ୍ରଶ୍ନ ପତ୍ର ଯୋଗାଇ ଦିଆଯାଇଥିଲା । ଆମେ ହିଁ ଥିଲୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଥମ ଦଫାର କଳାଭବନସ୍ଥ ଛାତ୍ର ଛାତ୍ରୀ ।

Digitized by srujanika@gmail.com

॥ ତିନ ॥

ଶାନ୍ତିନିକେତନର ରହଣୀକାଳ ମଧ୍ୟରେ ପଶ୍ଚିମବଙ୍ଗର କଲ୍ୟାଣୀଠାରେ ଅଧ୍ୟକ୍ଷ ସୁରେନ୍ଦ୍ରନାଥ କରଙ୍କ ନେତୃତ୍ୱରେ କଂଗ୍ରେସ ଅଧିବେଶନର ମଣ୍ଡପ ଓ ତୋରଣ ମଣ୍ଡନ ଏକ ମୁଖ୍ୟ ଘଟଣା । ଏ ଅନୁଭୂତ ରୋମାଞ୍ଚକର ଓ ଉଲ୍ଲେଖନୀୟ । ନନ୍ଦଲାଲଙ୍କ ଅଧ୍ୟକ୍ଷତାରେ କଳାଭବନର ଆରମ୍ଭ ଯେଉଁ ସମୟରେ ଘଟିଥିଲା ସେହି ସମୟରେ ଭାରତର ରାଜନୀତିକ ଇତିହାସରେ ଅସହଯୋଗ ଓ ସ୍ୱଦେଶୀକତାର ଉଦ୍ଦୀପନା ପ୍ରବଳ । ଚକ୍ଷୁଷ୍ମାନ, ଆତ୍ମସଚେତନ ଜାତୀୟତାର ପ୍ରତିକ୍ରିୟା ଥିଲା ସର୍ବାଙ୍ଗୀନ ତୀବ୍ର ଓ ଗଭୀର । ଏଣୁ ତାଙ୍କର ମଧ୍ୟସ୍ଥତାରେ ଶିଳ୍ପୀ ସମାଜ ସ୍ୱଦେଶ-ମୁଖୀ ରାଜନୀତିକ ଆନ୍ଦୋଳନର ଯୋଗାଯୋଗ ଘନିଷ୍ଠ ହୋଇ ପାରିଥିଲା । ବୋଧହୁଏ ଗାନ୍ଧିଜୀ ତତ୍କାଳୀନ ଶିଳ୍ପୀମାନଙ୍କ ମଧ୍ୟରେ ନନ୍ଦଲାଲଙ୍କ ଅନୁରୂପ ନିରହଂକାରୀ ଅନ୍ୟ କର୍ମୀର ସନ୍ଧାନ ପାଇ ନ ଥିଲେ । ୧୯୩୬ ମସିହାର ଅପ୍ରେଲ ମାସରେ ଲକ୍ଷ୍ନୌ ଓ ଡିସେମ୍ବର ମାସରେ ଫୈଜପୁର, ୧୯୩୮ ମସିହାରେ ହରିପୁରା କଂଗ୍ରେସର ପ୍ରଦର୍ଶନୀ ମଣ୍ଡପ, ସଭା ମଣ୍ଡପ ଓ ତୋରଣ ଆଦିର ଅଳଂକରଣ କର୍ମ ହୋଇଥିଲା ଶିଳ୍ପାଚାର୍ଯ୍ୟ ନନ୍ଦଲାଲଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ । ଏହା ଫଳରେ କଳାଭବନର ଶିଳ୍ପୀମାନେ ଏ ଦେଶର ଶୀର୍ଷ ନେତୃବୃନ୍ଦଙ୍କ ମନରେ ବଦ୍ଧମୂଳ ଧାରଣା ସୃଷ୍ଟି କରିପାରିଥିଲେ ଯେ, ଶିଳ୍ପୀମାନେ ସୌଖୀନ ସମାଜର ପ୍ରତିନିଧି ନୁହଁନ୍ତି । ସେମାନେ ଏ ଦେଶର ପରମ୍ପରା ଓ ସଂସ୍କୃତିର ପୁନର୍ଗଠନ କ୍ଷେତ୍ରରେ ଜଣେ ଜଣେ ସ୍ଥାପତ୍ୟ କର୍ମୀ । ରାଜନୈତିକ ସ୍ୱାଧୀନତା ଲାଭର ସଙ୍ଗେ ସଙ୍ଗେ ସାଂସ୍କୃତିକ ଓ ଅର୍ଥନୈତିକ ସ୍ୱାଧୀନତା ଲାଭ ନିମନ୍ତେ ସେମାନଙ୍କର ଅବଦାନକୁ ଉପେକ୍ଷା କରାଯିବା ଉଚିତ ନୁହେଁ । କଳାଭବନର ଦାୟିତ୍ୱରୁ ନନ୍ଦଲାଲ ଅବ୍ୟାହତି ପାଇଥିଲେ ମଧ୍ୟ ଜନଗଣ ମନ ଅଧିନାୟକଙ୍କ ମନରୁ କଳାଭବନର ଶିଳ୍ପୀମାନେ ବିଦାୟ ନେଇଥିଲେ । ବରଂ ଅଧ୍ୟକ୍ଷ ସୁରେନ୍ଦ୍ରନାଥ କର ସେହି ପ୍ରାଚୀନ ଯୋଗାଯୋଗର ସୂତ୍ରଧର ରୂପେ ଉପସ୍ଥିତ ଥିଲେ ଓ କାର୍ଯ୍ୟନିର୍ବାହ କରୁଥିଲେ ।

ପଶ୍ଚିମବଙ୍ଗର ରାଜଧାନୀ କଲିକତା ମହାନଗରୀ ପୂର୍ବରୁ ଜନବହୁଳ । ଦେଶ ବିଭାଗ ପରେ ଉଦ୍‌ବାସ୍ତୁମାନଙ୍କର ଆଗମନରେ ଏହାର ଜନସଂଖ୍ୟା ସମ୍ଭାବନାର ସୀମାକୁ ଟପି ଯାଇଥିଲା । ଏହି ବିପୁଳାୟତନ ଜନସଂଖ୍ୟାର କଲ୍ୟାଣ କାମନା କରି,

Digitized by srujanika@gmail.com

ଜୀବନ ଓ ଜୀବିକାର ବହୁବିଧ ସମସ୍ୟାକୁ ସୁନିର୍ଦ୍ଦିଷ୍ଟ ଓ ସୁପରିକଳ୍ପିତ ଉପାୟରେ ସମାଧାନ କରିଇ ଆଧୁନିକ ନାଗରିକ ଜୀବନର ସବୁପ୍ରକାର ସୁଯୋଗ ଓ ସୁବିଧା ରଖି ହୋଇଥିଲା କଲ୍ୟାଣୀ ନଗରୀର ପରିକଳ୍ପନା । ଏହି ପରିକଳ୍ପନାକୁ ରୂପ ଦେବାର ଶୁଭ ଲକ୍ଷଣରେ ସ୍ଥିର ହୋଇଥିଲା । ଏଠାରେ ୧୯୫୪ ମସିହାରେ ଭାରତର ସର୍ବଶ୍ରେଷ୍ଠ ରାଜନୈତିକ ପ୍ରତିଷ୍ଠାନର ୫୯ତମ ନିଖିଳ ଭାରତୀୟ ଅଧିବେଶନ ବସିବ ବୋଲି କଲିକତା ଠାରୁ ପ୍ରାୟ ୬୦ କିଲୋମିଟର ଶିୟାଲ-ଦହ-ରାଣାଘାଟ ରେଲଲାଇନ୍‌ର ପାର୍ଶ୍ୱବର୍ତ୍ତୀ ସ୍ଥାନ । ସ୍ୱଳ୍ପ ପରିଜ୍ଞାତ ଏହି ସ୍ଥାନର ନାମ "କାଚରା-ପଡ଼ା" । ପ୍ରାଚୀନ ନାମ ଥିଲା କାଞ୍ଚନପଲ୍ଲୀ । କାଳର କପୋଳ ତଳେ ବହୁ ଉତ୍ଥାନ ପତନ ଭିତରେ କାଞ୍ଚନପଲ୍ଲୀର ନାମ କାଞ୍ଚନପଡ଼ା, କାଞ୍ଚନାପଡ଼ା, କାଚଲପଡ଼ା ଓ କାଁଚରାପଡ଼ା ହୋଇଛି ବୋଲି ଅନୁମାନ କରାଯାଏ । ମହାପ୍ରଭୁ ଚୈତନ୍ୟଙ୍କର ବହୁ ସ୍ମୃତି ବିଜଡ଼ିତ ପବିତ୍ର ସ୍ଥାନଗୁଡ଼ିକ ମଧ୍ୟରୁ ଗୋଟିଏ । ଧର୍ମ, ସାହିତ୍ୟ, ସଙ୍ଗୀତ ଓ ଶିଳ୍ପକଳା ଦିଗରୁ ବଙ୍ଗ ଇତିହାସରେ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ବିଚିତ୍ର କାରୁକାର୍ଯ୍ୟମଣ୍ଡିତ ଚିତ୍ତାକର୍ଷକ କୃଷ୍ଣ-ରାଇଜୀଉ ମନ୍ଦିର ଏଠାରେ ବିଦ୍ୟମାନ । ଏହା ୧୭୦୭ ରୁ ୧୭୮୫ ମସିହା ମଧ୍ୟରେ ନିର୍ମିତ । କଳା ମୁଗୁନିର ଶ୍ରୀକୃଷ୍ଣ ଓ ଅଷ୍ଟଧାତୁର ଶ୍ରୀରାଧା ପ୍ରତିମା ଅସାଧାରଣ ଶିଳ୍ପନୈପୁଣ୍ୟର ଉଜ୍ଜ୍ୱଳ ନିଦର୍ଶନ । କାଁଚରାପଡ଼ା ଠାରୁ ପ୍ରାୟ ଛଅ କିଲୋମିଟର ଦୂରରେ କୁଲିୟାଠାରେ "ଗୌର-ନିତାଇ" ବିଖ୍ୟାତ ମନ୍ଦିର ଦୃଷ୍ଟିଗୋଚର ହୁଏ । ଶ୍ରୀ ଚୈତନ୍ୟଙ୍କର ପରମ ଭକ୍ତ ଶିବାନନ୍ଦ ସେନ୍‌ଙ୍କର ପୁତ୍ର ପରମାନନ୍ଦ କାଞ୍ଚନପଲ୍ଲୀଠାରେ ସଂସ୍କୃତ ଭାଷାରେ "ଚୈତନ୍ୟ ଚରିତାମୃତ" କାବ୍ୟ ଓ "ଚୈତନ୍ୟ ଚନ୍ଦ୍ରୋଦୟ" ନାଟକ ପ୍ରଭୃତି ରଚନା କରି ମହାକବି ରୂପେ ପ୍ରସିଦ୍ଧି ଲାଭ କରିଥିଲେ । ବହୁ ଧନ୍ୟାମଧନ୍ୟ ପଣ୍ଡିତ, କବି, ସାଧକ, ଭକ୍ତ ଏହିଠାରେ ଜନ୍ମଗ୍ରହଣ କରି ଏହାର ଗୌରବ ବର୍ଦ୍ଧନରେ ସହାୟକ ହୋଇଛନ୍ତି ।

୧୯୨୮ ମସିହାରେ କଲିକତାର ପାର୍କ ସର୍କସ ମଇଦାନଠାରେ ଯେଉଁ କଂଗ୍ରେସ ଅଧିବେଶନ ବସିଥିଲା ତାହାର ସଭାପତି ଥିଲେ ପଣ୍ଡିତ ମୋତିଲାଲ ନେହେରୁ । ଏହାର ଚଉଠ ଶତାବ୍ଦୀ ପରେ ପୁଣି ଯେତେବେଳେ କଲ୍ୟାଣୀଠାରେ କଂଗ୍ରେସ ଅଧିବେଶନ ନିମନ୍ତେ ଆୟୋଜନ ହେଲା, ସେତେବେଳେ ସଭାପତି ହେଲେ ଜବାହାରଲାଲ ନେହେରୁ, ପଣ୍ଡିତ ମୋତିଲାଲଙ୍କର ସୁଯୋଗ୍ୟ ସନ୍ତାନ । ତାଙ୍କର ବାହ୍ୟ ସାବ୍ୟସାଚୀ ଭଳି ସଂଗ୍ରାମ ଓ ସଂଗଠନ କାର୍ଯ୍ୟରେ ସମାନ ନିପୁଣ । କଂଗ୍ରେସର ମଣ୍ଡନ କାର୍ଯ୍ୟ କରିବାକୁ ଯେଉଁ ଗୁଣୀମାନଙ୍କୁ ବାଛି ବାଛି ନିଆଯାଇଥିଲା ସେମାନଙ୍କ ମଧ୍ୟରେ ପ୍ରଧାନ ହେଉଛନ୍ତି, ଜବାହାରଲାଲ ଆର୍ଚ୍ଚାର୍ଯ୍ୟ ରୂପେ କାର୍ଯ୍ୟ

Digitized by srujanika@gmail.com

କରୁଥିବା ବିଶ୍ୱଭାରତୀର କଳାଭବନୀୟ ଛାତ୍ରଛାତ୍ରୀ । ଅଧିବେଶନ ଆରମ୍ଭ ହେବାର ପ୍ରାୟ ତିନିମାସ ପୂର୍ବରୁ ଆମେ ସମସ୍ତେ ସେଠାକୁ ଯାଇଥିଲୁ । ଛାତ୍ର-ଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ମିଶି ତିରିଶ ଜଣ ପର୍ଯ୍ୟନ୍ତ । କାଳୀପୂଜାର ଦୁଇଦିନ ପୂର୍ବରୁ, ଯେଉଁ ରାତିରେ ସେଠାରେ ଯାଇଁ ପହଞ୍ଚିଲୁ ସେ ରାତିର ମୂର୍ଚ୍ଛିତ ନିର୍ଜନତା, ଗମ୍ଭୀର ନିସ୍ତବ୍ଧତା ଓ ତୀବ୍ର ଅନ୍ଧକାର ଏବେ ମଧ୍ୟ ମନେପଡ଼ିଲେ ଲୋମ ଟାଙ୍କୁରି ଉଠେ । ଚତୁର୍ଦ୍ଦିଗ ଘନ ଅରଣ୍ୟ ଆଚ୍ଛନ୍ନ । ବ୍ୟାଘ୍ର-ଭଲ୍ଲୁକ ଆଦି ହିଂସ୍ରଜନ୍ତୁଙ୍କର ଆଶ୍ରୟସ୍ଥଳୀ । କାଁଚରାପଡ଼ା ଯିବା ବାଟରେ ପଡ଼େ ନିବିଡ଼ ବଂଶ ବନାବୃତ 'ବାଘେରମୋଡ଼', 'ବାଘେରଖୋଳ' ଇତ୍ୟାଦି । ଅନତି ଦୂରରେ ପତିତପାବନୀ ଗଙ୍ଗା । ତାହାର ଅପର ପାର୍ଶ୍ୱରେ ତ୍ରିବେଣୀ ଓ ବଂଶବାଟୀ ଅବସ୍ଥିତ । ଇତିହାସ ପ୍ରସିଦ୍ଧ ସେହି ଅଞ୍ଚଳରେ ବହୁ ନିଦର୍ଶନ ରହିଛି ।

ବନାଞ୍ଚଳର ପ୍ରଶାନ୍ତ ସବୁଜିମା ମଧ୍ୟରେ ବାଉଁଶତାଟିର ଗୋଟିଏ ବଡ଼ ଘର । ଉପରେ ଆଜବେଷ୍ଟସର ଛାଉଣୀ । ମାଟିର ପଡ଼ିଆକୁ ସମତୁଲ କରି ସିମେଣ୍ଟ ମଡ଼ାଇ ଚଟାଣ ତିଆରି ହୋଇଛି । କେନ୍ଦ୍ରସ୍ଥଳରେ ଗୋଟିଏ ବଡ଼ ଘର ଲମ୍ବା ହଲ୍ ଭଳି ଓ ତାର ଦୁଇ ପାର୍ଶ୍ୱରେ ବାଉଁଶ ତଲେଇର କାନ୍ଥ ଦିଆହୋଇ ସାଧାରଣ ଭାବରେ ତିନି କଟେରୀ ଘର କରାଯାଇଥାଏ । ପ୍ରଥମେ ଗୋଟିକୁ ଦଖଲ କରିନେଲେ ଛାତ୍ରୀମାନେ । ଆଉ ଗୋଟିଏରେ ଅଧ୍ୟକ୍ଷ, ଅଧ୍ୟାପକ ଓ ଚିତ୍ରାଙ୍କନର ସାଜସରଞ୍ଜାମ । ଅନ୍ୟ ଦୁଇଟି କୋଠରୀ ଉଦ୍ଦିଷ୍ଟ ରହିଲା ଛାତ୍ରମାନଙ୍କ ପାଇଁ । ପଛପାଖରେ ସେହି ବାଉଁଶ ତଲେଇ ଘେରା ରୋଷାଇଘର, ଗାଧୁଆଘର ଓ ପାଇଖାନା ଇତ୍ୟାଦି । ସାମନା ପାଖକୁ ଏକ ପ୍ରକାଣ୍ଡ ଆମ୍ବଗଛ । ଏହି ସ୍ୱଳ୍ପ ପରିବେଶ ମଧ୍ୟ ଲୋକଜୀବନର ଧର୍ମମୟ ଓ କର୍ମମୟ ମୁହୂର୍ତ୍ତଗୁଡ଼ିକର ଚିତ୍ର ଅଙ୍କନ କରିବାକୁ ହୋଇଥିଲା ପ୍ରାୟ ତିନିଶହରୁ ଅଧିକ । ମାଟି, ଗଙ୍ଗାମାଟି, ଗେରୁ, କାଇମାଟି, ପାଉଁଶ, ଭୁସିକାଳି ପ୍ରଭୃତି ଦେଶୀରଙ୍ଗ ଓ ତୁଚ୍ଛ ଉପାଦାନରେ ଚିତ୍ରାଙ୍କନ କରିବାକୁ ହୋଇଥିଲା । ଆମର ଆଖି ଆଗରେ କଲ୍ୟାଣୀ ନଗରର ନିର୍ମାଣକାର୍ଯ୍ୟ ଆରମ୍ଭ ହୋଇ ଶେଷ ହୋଇଥିଲା ପ୍ରାୟ ତିନିମାସ ମଧ୍ୟରେ । ଘରଦ୍ୱାର, ରାସ୍ତାଘାଟ, କୋଠାବାଡ଼ି, ଜଳ ଓ ବିଜୁଳି ସରବରାହ ମଧ୍ୟ କରାଯାଇଥିଲା ଅଧ୍ୟକ୍ଷ ସୁରେନ୍ଦ୍ରନାଥଙ୍କ ନିର୍ଦ୍ଦେଶରେ । ସେ ଚିତ୍ରଶିଳ୍ପୀ ହେଲେ ମଧ୍ୟ ଉଚ୍ଚକୋଟୀର ସ୍ଥପତି ଓ ନଗର ପରିକଳ୍ପନାରେ ଧୂରୀଣ ।

ଗୋଟିଏ କଥାରେ କହିବାକୁ ଗଲେ, ଏହି ସମୟରେ ରୂପଚର୍ଚ୍ଚା ଓ ଚିତ୍ରାଙ୍କନର ଅର୍ଗଳ ଖୋଲି ଯାଇଥିଲା । ଅଧ୍ୟକ୍ଷ ମହାଶୟଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ଆମେ ଆନନ୍ଦ ଉତ୍ସବ ମୁଖରେ ନିର୍ଣ୍ଣୀତ ଅକଳନ୍ତି ରୂପ ସୃଷ୍ଟିକରି ଦେବାର

Digitized by srujanika@gmail.com

ନେତୃବୃନ୍ଦଙ୍କର ଶୁଭାଗମନ ହୋଇପାରିଥିଲା । ଆମଙ୍କୁ ଭେଟି କାମର ଅଗ୍ରଗତି ଦେଖିବାପାଇଁ ପ୍ରତ୍ୟେକ ସପ୍ତାହରେ ଆସୁଥିଲେ ପଶ୍ଚିମବଙ୍ଗ କଂଗ୍ରେସର କର୍ଣ୍ଣଧାର ଦ୍ୱୟ—ଅଭ୍ୟର୍ଥନା ସମିତିର ସଭାପତି ଅତୁଲ୍ୟ ଘୋଷ ଓ ମୁଖ୍ୟମନ୍ତ୍ରୀ ଡାକ୍ତର ବିଧାନ ଚନ୍ଦ୍ର ରାୟ । ସେମାନେ ମିଶି ରହିବାକୁ ଗୃହୁଁ ଥିଲେ ଆମର ପ୍ରାତ୍ୟହିକ ବ୍ୟାପାରରେ । ପ୍ରଥମେ ପ୍ରଥମେ ସେମାନଙ୍କର ଆଦର ସମ୍ଭାଷଣର ଉତ୍ତର ଦେବାକୁ ଯାଇ ମନେ ହେଉଥିଲା, ହରକାଠରେ ପଡ଼ିଥିବା ଗ୍ରାମ ଶିଶୁର କଣ୍ଠରୁ ଯେପରି ଭୟକାତର ଶବ୍ଦ ନିର୍ଗତ ହେଉଛି । ପରେ ଏହି ସଙ୍କୋଚ କଟିବାକୁ ଅଧିକ ଦିନ ଲାଗି ନ ଥିଲା । ତତ୍କାଳୀନ କଂଗ୍ରେସର ସଭାପତି ପ୍ରଧାନମନ୍ତ୍ରୀ ନେହେରୁ କିମ୍ବା ଲାଲବାହାଦୂର ଶାସ୍ତ୍ରୀ ପ୍ରମୁଖ ଯେତେବେଳେ ଆମ ନିକଟକୁ ଆସି ସୁଖ ଦୁଃଖର ପ୍ରଶ୍ନ ପଚାରି ପିଠିରେ ହାତ ବୁଲାଇ ଉତ୍ସାହିତ କରୁଥିଲେ, ସେତେବେଳେ ଅଭିଭୂତ ହୋଇ ପଡ଼ୁଥିଲୁ । କେନ୍ଦ୍ରସରକାରଙ୍କର ଉପମନ୍ତ୍ରୀ ଅନିଲ ଚନ୍ଦା ଥିଲେ ଏକଦା ବିଶ୍ୱଭାରତୀ ଶିକ୍ଷା-ଭବନର ଅଧ୍ୟକ୍ଷ । ତାଙ୍କର ପତ୍ନୀ ଶିଳ୍ପୀ ରାଣୀଚନ୍ଦା ହେଉଛନ୍ତି ଅବନୀନ୍ଦ୍ରନାଥଙ୍କର ଛାତ୍ରୀ । ଏଣୁ ସେମାନେ କଲ୍ୟାଣୀ କଂଗ୍ରେସ ଅଧିବେଶନରେ ଯୋଗଦେବାକୁ ଆସି, ଆମର ଶିବିରରେ ଆସ୍ଥାନ ଜମାଇଥିଲେ । ଅନିଲ ଚନ୍ଦାଙ୍କର ଉତ୍ଫୁଲ୍ଲ ଗୃହିଣୀ ଓ ତାଙ୍କ ପତ୍ନୀଙ୍କର ପ୍ରୀତିପୂର୍ଣ୍ଣ ବ୍ୟବହାରରେ ଆମ ଶ୍ରମର ଚତୁର୍ଗୁଣ ପାଇଗଲା ଭଳି ମନେହେଉଥିଲା ।

ଆମେ ବଡ଼ା ବାନ୍ଧ କାର୍ଯ୍ୟ ଆରମ୍ଭ କରିବା ପରେ ଆସି ପହଞ୍ଚିଲେ ଦଳ ଦଳ ହୋଇ ସେବାଦଳର କର୍ମୀ । ନୀଳ ରଙ୍ଗର ହାଫ ପ୍ୟାଣ୍ଟ, ଧଳା ରଙ୍ଗର ସାର୍ଟ, ମୁଣ୍ଡରେ ଗାନ୍ଧିଟୋପି ଓ ହାତରେ ଗୋଟାଏ ଉଚ୍ଚର ଠେଙ୍ଗା । ଆହୁରି ଆସିଥିଲେ ଅନେକ କର୍ମିଣୀ । ନାଲି ରଙ୍ଗର ଧଡ଼ିଥିବା ଧଳା ଖଦଡ଼ ଶାଢ଼ୀ ସେମାନଙ୍କର ନିର୍ଦ୍ଧାରିତ ପୋଷାକ । ଆମେ କେବେ କେମିତି ସେମାନଙ୍କ ଶିବିର ପର୍ଯ୍ୟନ୍ତ ଯାଉଥିଲୁ । କୌତୂହଳୀ ହୋଇ ସେମାନଙ୍କ କାର୍ଯ୍ୟ ଲକ୍ଷ୍ୟ କରୁଥିଲୁ । ମନେ ହେଉଥିଲା ଯେପରି ଅତି କ୍ଷୁଦ୍ର କୀଟପତଙ୍ଗର ସମଷ୍ଟି ଏଠାରେ ମାନବ ରୂପ ପରି-ଗ୍ରହଣ କରିଛି । ଅଇଁଠା କଣ୍ଟା ଉପରେ ବସି ରହିଥିବା ମାଛିଦଳ ଯେପରି ଗୋଟାଏ ଝାଡ଼ୁର ପ୍ରହାରରେ ନିଃଶେଷ ହୋଇଯାଏ, ସେହିପରି ଏହି ନରକୀଟ ଦଳକୁ ଅନାୟାସରେ ଦଳମର୍ଦ୍ଦି ଦିଆଯାଇ ପାରିବ । ସେମାନଙ୍କର ଶିକ୍ଷାଦୀକ୍ଷା, ଦୃଷ୍ଟିଭଙ୍ଗୀ ଆଚରଣଶୈଳୀ ମଧ୍ୟରେ କୌଣସି ପ୍ରକାର ଆନ୍ତରିକ ଆବେଦନ ଥିଲା ଭଳି ମନେ ହେଉ ନ ଥାଏ । ଯେଉଁ ଗାନ୍ଧୀ ସେବାଦଳ ଦିନେ ସ୍ୱତଃସ୍ଫୂର୍ତ୍ତି ପ୍ରେରଣାର ଉତ୍ସ ଥିଲା, ସେହି ସେବାଦଳ ହୋଇପାରିଛି କେବଳ ନୀତିହୀନ ଭଡ଼ାଟିଆ ବେକାର-ମାନଙ୍କର ଆଡ୍ଡା କ୍ଷେତ୍ର । ଯାହାଙ୍କର ଜୀବନ ମଧ୍ୟରୁ ନବଜୀବନ ଲାଭ କରି ଦିନେ

Digitized by srujanika@gmail.com

ସମଗ୍ର ଦେଶ ଜାଗ୍ରତ ହୋଇ ପାରିଥିଲା, ତାଙ୍କର କଥା କେହି କେବେହେଲେ ଦୃଷ୍ଟିରେ ଧରିଲା ଭଳି ମନେ ହେଉ ନ ଥାଏ ।

ଶିଳ୍ପାଚାର୍ଯ୍ୟ ନନ୍ଦଲାଲଙ୍କର ୭୦ ବର୍ଷ ପୂର୍ଣ୍ଣ ହେଲା ୧୯୫୩ ମସିହା, ଡିସେମ୍ବର ୩ ତାରିଖରେ । ଏହି ଦିନ ତାଙ୍କୁ ଆଶ୍ରମିକ ସଂଘ ପକ୍ଷରୁ ସମ୍ମାନ ପ୍ରଦର୍ଶନ ନିମନ୍ତେ ଅର୍ଘ୍ୟଦାନ ଅନୁଷ୍ଠାନର ଆୟୋଜନ କରାହୋଇଥିଲା । ଏଥିରେ ଯୋଗଦେବା ପାଇଁ ଆମକୁ ସଦଲବଳେ କିଛିଦିନ ପାଇଁ କଲ୍ୟାଣୀଠାରୁ ଶାନ୍ତିନିକେତନ ଫେରାଇ ଅଣାଯାଇଥିଲା । କାର୍ଯ୍ୟ ଶେଷରେ ଫେରି ଯାଇଥିଲୁ ସେହି ବାଉଁଶ ତଲାଇ ଘେରା କ୍ଷୁଦ୍ର ସଂସାରକୁ । ଏହି ସମୟରେ ଶିଳ୍ପାଚାର୍ଯ୍ୟଙ୍କର ଚିତ୍ରାବଳୀର ବିରାଟ ପ୍ରଦର୍ଶନୀ କରାଯାଇଥିଲା କଳାଭବନର ନନ୍ଦନ ଗୃହରେ । ଏହି ପ୍ରଦର୍ଶନୀରେ ସ୍ୱୟଂ ଶିଳ୍ପୀ ବୁଲି ବୁଲି ଛବି ଦେଖୁଥିବା ସମୟରେ ଧରାପଡ଼ି ଯାଇଥିଲେ ଦଳେ ସାମ୍ବାଦିକଙ୍କ ଘେର ମଧ୍ୟରେ । ଲଜ୍ଜାବନତ ସ୍ୱଭାବ । ମନଭୋଳା ବୈଦଗ୍ଧ କିମ୍ବା ବାଗୈଶ୍ୱର୍ଯ୍ୟର ଅଧିକାରୀ ନୁହନ୍ତି । ସର୍ବଦା ଅନ୍ତରର ଐଶ୍ୱର୍ଯ୍ୟରେ ଉଦ୍‌ବେଳିତ । ସାମ୍ବାଦିକମାନଙ୍କର ପ୍ରଶ୍ନ ଏଡ଼ାଇ ଦେବାକୁ ଯାଇଁ କହିଥିଲେ—"ଯାହା ଆଙ୍କିଛି ତାହାକୁ ହିଁ ଦେଖନ୍ତୁ ।" ପରଦିନ ସମ୍ବାଦପତ୍ରର ପ୍ରଥମ ପୃଷ୍ଠାରେ ପ୍ରକାଶିତ ହୋଇଥିଲା ତାଙ୍କର ଆବକ୍ଷ ଫଟୋ ସହିତ ବଡ଼ ବଡ଼ ଅକ୍ଷରରେ ହେଡ୍ ଲାଇନ୍—"ଆମାର ଛବି ଇ ଆମାର ବାଣୀ ।" ଅତି ଧୀର ନମ୍ର ଭାବରେ ଏ କଥା ସ୍ୱୀକାର କରିବାକୁ ପଡ଼ିବ ଯେ କଲ୍ୟାଣୀ କଂଗ୍ରେସର କାର୍ଯ୍ୟାବଳୀ ମଧ୍ୟରୁ ଆହରଣ କରାଯାଇ ପାରିଛି ବୃହତ୍ତର ଓ ମହତ୍ତର କ୍ଷେତ୍ରରେ କିଭଳି ଭାବରେ ପ୍ରାଣ ମନ ସମର୍ପଣ କରି ଦେଶୀୟ କଳାକୁ ସସମ୍ମାନେ ଉପସ୍ଥାପନ କରାଯାଇପାରେ । ଏହାଠାରୁ ମଧୁରତର ଅଭିଜ୍ଞତା ଆଉ ଅଧିକ କଣ ଅଛି ?

॥ ସ୍ମୃତି ॥

ଶାନ୍ତିନିକେତନରେ ଯୋଗ ଦେଲା ପରେ ଏକ ଅନ୍ଧକାରମୟ ଗହ୍ୱରରୁ ମୁକ୍ତ ଆକାଶର ଆଲୋକ ଉଦ୍ଦେଶ୍ୟରେ ଦୃଷ୍ଟି ପ୍ରସାରିତ କରିଥିଲି । ଏହି ଦୃଷ୍ଟି ସଂପ୍ରସାରଣରେ ବିନ୍ଦୁମାତ୍ର ବିଚ୍ୟୁତି ଘଟିନାହିଁ । ଅଧ୍ୟାପକମାନଙ୍କର ସ୍ନେହ, ଯତ୍ନ, କୁଶଳସମ୍ଭାଷଣ, ବନ୍ଧୁମାନଙ୍କର ନିବିଡ଼ ଘନିଷ୍ଠଭାବ,

Digitized by srujanika@gmail.com

ଆମ୍ରକୁଞ୍ଜ, ଶାଳବୀଥି, ବକୁଳ କୁଞ୍ଜ, ଅମଳାକ୍ଷୀକାନନର ତଳ ତଣ୍ଟ୍ରୁଲତା ଗ୍ରୀଷ୍ମାଲୋକ ସୁଷମା, ବହୁ ପୁଷ୍ପର ଗନ୍ଧଭାରେ ଆମୋଦିତ ପବନ, ନୀଳବର୍ଣ୍ଣ ହ୍ରଦର ଅସଙ୍ଗ ନୀରବତା, ଡେଙ୍ଗ ଡେଉଳା ପ୍ରାନ୍ତରର ନାଲିମାଟି ଉପରେ ଉଦାର ଉନ୍ମୁକ୍ତ ଆକାଶରେ ଅସ୍ୱାଭାବିକ ସୂର୍ଯ୍ୟାସ୍ତ ଓ ଚନ୍ଦ୍ରୋଦୟ ଆଦି ମୋତେ ଅସମ୍ପୂର୍ଣ୍ଣତାର ଅସନ୍ତୋଷରୁ ପୂର୍ଣ୍ଣତା ଦିଗକୁ ଆଗେଇ ଯିବାପାଇଁ ପ୍ରେରଣା ଯୋଗାଇଛୁ । କିନ୍ତୁ ଏହି ପ୍ରାକୃତିକର ଆକର୍ଷଣ ମଧ୍ୟରେ ଯେଉଁ ବିଶେଷ ଘଟଣାର ସଂଘାତ ମନ ମଧ୍ୟରେ ଅତି କ୍ଷୀଣ ଅଥଚ ସ୍ପଷ୍ଟ ଦାଗ ଦେଇଯାଇଛି ସେଗୁଡ଼ିକ ମଧ୍ୟରୁ ଶିଳ୍ପଗୁରୁ ଅବନୀନ୍ଦ୍ରନାଥଙ୍କର ମୃତ୍ୟୁ ଅନ୍ୟତମ । ଏହି ଅବନୀନ୍ଦ୍ରନାଥ ଥିଲେ ଆଚାର୍ଯ୍ୟ ନନ୍ଦଲାଲଙ୍କର ଶିକ୍ଷାଗୁରୁ ଓ ଦୀକ୍ଷାଗୁରୁ । ନବନବରୂପାଲୋକର ଲୀଳା ବିଳାସରେ ମଗ୍ନ ରହୁଥିଲେ ଶିଶୁ ସୁଲଭ ମନର ସ୍ୱଚ୍ଛତା ଓ ତଦନୁରୂପ ଉଲ୍ଲାସକୁ ପାଥେୟ କରି । ତାଙ୍କ ଶିଳ୍ପ ସାଧନାର ଲକ୍ଷ୍ୟ ଥିଲା । ଭାବର ଜମ ସଂକୀର୍ଣ୍ଣ ପଥରେ ଗ୍ରହଣ ଜୀବନକୁ ଅନୁଭବ କରିବା । ରବୀନ୍ଦ୍ରନାଥଙ୍କର ଅବର୍ତ୍ତମାନରେ ହୋଇଥିଲେ ବିଶ୍ୱଭାରତୀର ଆଚାର୍ଯ୍ୟ । ୧୯୫୧ ମସିହାର ଜନ୍ମାଷ୍ଟମୀ ଦିନ ଅଗଷ୍ଟ ମାସରେ ସେ ପଦାର୍ପଣ କଲେ ୮° ବର୍ଷରେ । କେବଳ କଳାଭବନ କାହିଁକି, ବିଶ୍ୱଭାରତୀ ଓ କଲିକତାରେ ମଧ୍ୟ ବହୁ ଆଡ଼ମ୍ବରରେ ତାଙ୍କର ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା । ମାତ୍ର ଡିସେମ୍ବର ମାସର ପାଞ୍ଚ ତାରିଖର ରାତିରେ ସେ ଇହଧାମ ତ୍ୟାଗ କଲେ ବରାହ ନଗର ବାସଭବନ ଗୁପ୍ତ ନିବାସରେ । ଶୀତ ରାତିର କୁହୁଡ଼ି କମ୍ବଳ ଟେକି ସୂର୍ଯ୍ୟ ମୁହଁ ଉଠାଇଲା ବେଳକୁ ସମ୍ବାଦ ଆସି ପହଞ୍ଚିଗଲାଣି ଶାନ୍ତିନିକେତନରେ । କଳାଭବନ ଓ ଅନ୍ୟାନ୍ୟ ଭବନର ଗୃହସ୍ଥଗୃହୀ ତଥା ଆଶ୍ରମବାସୀଗଣ ଶୋକ ସଙ୍ଗୀତ ଗାଇ ଗାଇ ଆଶ୍ରମ ପରିକ୍ରମା କଲେ—

"ତୋମାର ଅସୀମେ ପ୍ରାଣ ମନ ଲୟେ
ଯତଦୂର ଆମି ଧାଇ
କୋଥାଓ ଦୁଃଖ, କୋଥାଓ ମୃତ୍ୟୁ
କୋଥା ବିଚ୍ଛେଦ ନାଇ…"

ଗୀତର କରୁଣ ଉଚ୍ଛୁଳା କାରୁଣ୍ୟରେ ଆଶ୍ରମର ପରିବେଶ ସ୍ତବ୍ଧ ହୋଇଗଲା । ଗୌର ପ୍ରାଙ୍ଗଣ, କଳାଭବନ, ସଙ୍ଗୀତଭବନ, ଗ୍ରନ୍ଥମଣ୍ଡଳ ଆଦି ପ୍ରଦକ୍ଷିଣ କରି ଏହି ଶୋଭାଯାତ୍ରା ଧୀର ମନ୍ଥର ଗତିରେ ଉତ୍ତରାୟଣରେ ପହଞ୍ଚିଲା-ବେଳକୁ ଦେଖାଗଲା ଉପାଚାର୍ଯ୍ୟ ରଥୀନ୍ଦ୍ରନାଥ ଠାକୁର ଦୁଃଖର ଚିହ୍ନ ସ୍ୱରୂପ ସମଗ୍ର ଶରୀରକୁ କଳାପୋଷାକରେ ଆବୃତ କରି ଦଣ୍ଡାୟମାନ ହୋଇଛନ୍ତି ଦ୍ୱାର ଦେହଳୀରେ ।

Digitized by srujanika@gmail.com

ଅବନୀନ୍ଦ୍ର ନାଥଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ଆଲମ୍‌ବଜାରର ଶ୍ମଶାନ ଘାଟରେ । କଳାଭବନର ଛାତ୍ରମାନେ ଏହି ମହାନ୍ ଶିଳ୍ପୀଙ୍କର ଶେଷକୃତ୍ୟରେ ଯୋଗ ଦେବାପାଇଁ କଲିକତା ଯାତ୍ରା କଲେ । ଆମେ କେତେଜଣ ସତୀର୍ଥ ଶେଷଦର୍ଶନ ଉଦ୍ଦେଶ୍ୟରେ ଗଲୁ । ବଙ୍ଗଭାଷା ଓ କଲିକତା ମହାନଗରୀ ସହିତ ଅପରିଚିତ ଥିବାରୁ ନାନା ସ୍ଥାନରେ ବୁଲି ବୁଲି ଅସହାୟ ଭାବେ ପହଞ୍ଚିଲୁ ଆଲମ୍ ବଜାରର ଶ୍ମଶାନରେ । ଲୋକାରଣ୍ୟ ମଧ୍ୟରୁ ଲକ୍ଷ୍ୟକଲୁ ଶବ ଦେହରେ ଅଗ୍ନି ସଂଯୋଗ ହୋଇଗଲାଣି । କେବଳ ଚୂର୍ଣ୍ଣ ଧୂସର ପାଦ ଦୁଇଟି ଦେଖାଯାଉଛି । ପ୍ରବଳ ଅନୁଶୋଚନା ଜନ୍ମିଲା । ଏହି ବିଚିତ୍ର ଭାବୋଚ୍ଛ୍ୱାସ ରୂପାୟିତ ହୋଇଥିଲା କବିତାରେ—

"ଦୀପ୍ତ ଅରୁଣ ଆହ୍ୱାନ ଉଠେ ହସି
ଇନ୍ଧନ ସ୍ତୂପ ଅନଳ ପରଶେ ଜଳେ
ଅକ୍ଷତ ଅଛି କେବଳ ଦୁଇଟି ପାଦ
ହିମାଳୟ ଭଳି ହେମାଳ ହୋଇଛି ଯାହା
ଶୋଭା କଟ କଟ ନିର୍ଜୀବ ଅଚପଳ
ରେଖା ଦାଗ ସବୁ ଗଲାଣି ନେଳିଆ ପଡ଼ି
ଚକ୍ଷୁ ପଲକେ ପାଉଁଶରେ ହେବ ଶେଷ
ଦାଗ କର୍ମିତ କରି
ଚହଲି ଉଠଇ ସକରୁଣ କୋଳାହଳ
ମଶାଣି ଭିତରେ ଲକ୍ଷ ଜନର ଭିଡ଼..." ଇତ୍ୟାଦି ।

୧୯୫୧ ମସିହାର ଅନ୍ୟ ଏକ ସ୍ମରଣୀୟ ଘଟଣା ହେଉଛି ବିଶ୍ୱଭାରତୀକୁ ଭାରତସରକାରଙ୍କର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରୂପେ ଘୋଷଣା । ଏହି ଉପଲକ୍ଷେ ଶାନ୍ତି ନିକେତନର ଆମ୍ରକୁଞ୍ଜରେ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରା-ହୋଇଥିଲା ସେପ୍‌ଟେମ୍ବର ମାସର ବାଇଶି ତାରିଖରେ । ଏଥିରେ ଉଦ୍‌ବୋଧନ ଦେଇଥିଲେ ଭାରତସରକାରଙ୍କର ତତ୍‌କାଳୀନ ଶିକ୍ଷାମନ୍ତ୍ରୀ ମୌଲାନା ଆବୁଲକାଲାମ ଆଜାଦ୍ । ଏହି ଉପଲକ୍ଷରେ କଳାଭବନରେ ହ୍ୟାଭେଲ ହଲ୍ ଠାରେ ଏକ ଉତ୍କୃଷ୍ଟତମ ଚିତ୍ର ପ୍ରଦର୍ଶନୀ କରାଯାଇଥିଲା । ନନ୍ଦନ ଗୃହର ପ୍ରଦର୍ଶନୀ କକ୍ଷର ନାମ ହ୍ୟାଭେଲ ହଲ୍ । ଭାରତର ଶିଳ୍ପୋନ୍ନୟନର ଭୂମିକାରେ ଆରନେଷ୍ଟ ବିନା-ଫିଲ୍‌ଡ଼ ହ୍ୟାଭେଲଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ । ଭାରତକୁ ସେ ଆସିଥିଲେ ସାଉଥ୍ କେନେସିଂଟେନ୍‌ରୁ କଳା ଶିକ୍ଷାର ଦାୟିତ୍ୱ ବହନ କରି । ସେ ପ୍ରଥମେ

Digitized by srujanika@gmail.com

.ମାନ୍ଦ୍ରାଜ (୧୮୮୪) ଓ ପରେ କଲିକତା (୧୮୯୫) କଳାବିଦ୍ୟାଳୟର ଅଧ୍ୟକ୍ଷ ହୋଇଥିଲେ । ସେ ଥିଲେ ଭାରତର ପ୍ରକୃତ ବନ୍ଧୁ ଓ ପ୍ରକୃତ ଶିଳ୍ପ ରସିକ । ଅବନୀନ୍ଦ୍ର ନାଥଙ୍କ ମଧ୍ୟରେ ନିଜର ଆଦର୍ଶକୁ ରୂପାୟନ କରିବାରେ ଉପଯୁକ୍ତ ଶକ୍ତିର ସନ୍ଧାନ ପାଇ, ତାହାଙ୍କ ପ୍ରତି ଗଭୀର ଭାବରେ ଆକୃଷ୍ଟ ହୋଇ ପଡ଼ିଥିଲେ ଓ ତାହାଙ୍କୁ ଆଣି କରାଇଥିଲେ କଳାବିଦ୍ୟାଳୟର ଉପାଧ୍ୟକ୍ଷ । ଅବନୀନ୍ଦ୍ର ନାଥଙ୍କ ନେତୃତ୍ୱରେ ଭାରତୀୟ ଶିଳ୍ପ ଧାରାର ଅତୀତ ଗୌରବକୁ ପ୍ରତିଷ୍ଠା କରାଇବା ପାଇଁ କଲିକତା କଳା ବିଦ୍ୟାଳୟରେ ପ୍ରଥମେ ଆୟୋଜନ କରାଯାଇଥିଲା । ଜାତୀୟ ଜାଗରଣର ସଙ୍ଗେ ସଙ୍ଗେ ମହାତ୍ମା ହ୍ୟାଭେଲଙ୍କ ଶିକ୍ଷାନୀତିର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟକୁ ନୂତନ ଯୁଗର ଶିଳ୍ପୀକୂଳ ବୁଝିପାରିଥିଲେ ଓ ଅକୁଣ୍ଠ ଶ୍ରଦ୍ଧା ଜ୍ଞାପନ କରିଥିଲେ ନନ୍ଦନର ପ୍ରଦର୍ଶନୀ କକ୍ଷକୁ ତାଙ୍କ ନାମରେ ନାମିତ କରି । କଳାଭବନର ଆରମ୍ଭରୁ ଯେଉଁ ସବୁ ଛାତ୍ର-ଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଯୋଗ ଦେଇ ରୂପ ଓ ରସର ବନ୍ୟା ଛୁଟାଇ ଦେଇଛନ୍ତି, ସେମାନଙ୍କ ଉଲ୍ଲେଖନୀୟ ଚିତ୍ରାବଳୀ ଏଥିରେ ସ୍ଥାନ ପାଇଥିଲା । ଏହି ସମୟରେ ବହୁ ପ୍ରତିଷ୍ଠିତ ଶିଳ୍ପୀଙ୍କର ବହୁ ପୁରୁଣା ଛବି ଦେଖିବାକୁ ସୁଯୋଗ ମିଳିଥିଲା । ପୂର୍ବରୁ ହ୍ୟାଭେଲ ହଲ୍ ମଧ୍ୟରେ ଥିବା ବହୁ ଅଧିବସାୟର ପ୍ରତୀକ ଅବନୀନ୍ଦ୍ର ନାଥଙ୍କର "ଆଲମ୍ ଗିର" (ମି୧. ୯୮ × ମି୧.୨୨) ଓ ନନ୍ଦଲାଲଙ୍କର "ଅପର୍ଣ୍ଣାଙ୍କ ତପସ୍ୟା" (ମି ୧.୫୩ × ମି୦.୯୧) ଚିତ୍ର ଦୁଇଟିର ଅନିର୍ବଚନୀୟ ସୁଷମା ଦର୍ଶକଙ୍କୁ ବିସ୍ମୟାଭିଭୂତ କରୁଥିଲା । ମୌଲାନା ସାହେବଙ୍କର ଅନନ୍ୟ ସାଧାରଣ ମନନ ଶକ୍ତି, ସ୍ୱଚ୍ଛବିଗ୍ରହ ବୁଦ୍ଧି ଓ ସହଜ ନ୍ୟାୟ ପରାୟଣତାର ଯେଉଁ ପରିଚୟ ମିଳିଥିଲା, ତାହା ମୁଗ୍ଧ କରି ଦେଇଥିଲା ସମଗ୍ର ଛାତ୍ର ସମାଜକୁ । ରାଜନୀତିର ଗଣ୍ଡି ଅତିକ୍ରମ କରି ତାଙ୍କର ଆଲୋଚନା ପ୍ରସାରିତ ହୋଇ ଯାଇଥିଲା ଦର୍ଶନ, ସାହିତ୍ୟ, ଲଳିତକଳା, ସଂସ୍କୃତି ଓ ସମାଜ ତତ୍ତ୍ୱ ଆଦିକୁ ଓ ପ୍ରତ୍ୟେକ କ୍ଷେତ୍ରରେ ବାରମ୍ବାର ପ୍ରକଟିତ ହୋଇଉଠୁଥିଲା ତାଙ୍କର ଅସାଧାରଣ ବୁଦ୍ଧି ।

କଳାଭବନରେ ଅଧ୍ୟୟନ କରୁଥିବା ସମୟରେ ବହୁ ମନୀଷୀଙ୍କର ପ୍ରତ୍ୟକ୍ଷ ସାନ୍ନିଧ୍ୟ ଲାଭ କରିବାର ସୌଭାଗ୍ୟ ହୋଇଥିଲା । ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଦୀକ୍ଷାନ୍ତ ଭାଷଣ ଦେବା ନିମନ୍ତେ କମ୍ବା ଆଶ୍ରମର ଶୁଭେଚ୍ଛୁ ଭାବରେ ସେମାନେ ବାରମ୍ବାର ଆସିଛନ୍ତି, ବାରମ୍ବାର ଛାତ୍ରଛାତ୍ରୀଙ୍କ ଗହଣରେ ସାଧାରଣ ଭୋଜନାଳୟରେ ପାନାହାର ଗ୍ରହଣ କରି ପରମ ସୁଖ ବିତରଣ କରିଛନ୍ତି । ପ୍ରଧାନମନ୍ତ୍ରୀ ଜବାହାରଲାଲ, ଉପରାଷ୍ଟ୍ରପତି ଡକ୍ଟର ରାଧାକୃଷ୍ଣ, ସେର୍-ଇ-କାଶ୍ମୀର ଶେଖ୍ ଅବଦୁଲ୍ଲା, ଚୀନର ଲୋକନାୟକ ଚୁଉ-ଏନ୍-ଲାଇ ପ୍ରମୁଖ ହିଁ ସେମାନଙ୍କ ମଧ୍ୟରେ ପ୍ରଧାନ । ବିଶ୍ୱବିଦ୍ୟାଳୟର ଆଚାର୍ଯ୍ୟରୂପେ ଜବାହାରଲାଲ ଅଧ୍ୟାପକ ଓ

Digitized by srujanika@gmail.com

ଶିଷ୍ୟ ସମାଜର ଅକୁଣ୍ଠ ଶ୍ରଦ୍ଧାର ପାତ୍ର । ତାଙ୍କର ଦେଶପ୍ରେମ, ତେଜ, ଉଦ୍ଦୀପନା ଆଦର୍ଶବାଦ ସମ୍ଭୂତ ଆଚାର୍ଯ୍ୟ ନନ୍ଦଲାଲଙ୍କର ସଖ୍ୟତା ଓ ଶାନ୍ତିନିକେତନ ପ୍ରତି ଅସମ୍ଭବ ଭକ୍ତି ଚିରକାଳ ଅନ୍ତରରେ ଅପୂର୍ବ ଶିହରଣ ସୃଷ୍ଟି କରୁଥିବ । ବିଶ୍ୱବିଦ୍ୟାଳୟର କର୍ମୀରୂପେ ଆଚାର୍ଯ୍ୟ ନନ୍ଦଲାଲ ଅବସର ଗ୍ରହଣ କଲା ପରେ, ଯେତେଥର ନେହେରୁ ଶାନ୍ତିନିକେତନରେ ପାଦ ଦେଇଛନ୍ତି, ପ୍ରତ୍ୟେକଥର କଳା-ଭବନର ପରିସର ମଧ୍ୟରେ ଶିଳ୍ପୀଙ୍କର ସ୍ନେହ ସଙ୍ଗ ଲୋଡ଼ିଛନ୍ତି କିମ୍ବା ସେଥିନିମନ୍ତେ ପ୍ରଧାନମନ୍ତ୍ରୀର ଆଡ଼ମ୍ବରକୁ ଫିଙ୍ଗି ଦେଇ ତାଙ୍କ ଗୃହପର୍ଯ୍ୟନ୍ତ ଯାଇଛନ୍ତି । ସାକ୍ଷାତ ହେବାମାତ୍ରେ ଉଭୟ ମନୀଷୀ କେତେ ଯେ ସୁଖ ଦୁଃଖ ହୋଇଥାଆନ୍ତି, ଅନାବିଳ ଆନନ୍ଦ ଓ ଆଗ୍ରହ ମଧ୍ୟରେ ବୁଡ଼ି ରହନ୍ତି, ତାହା ନ ଦେଖିବା ବ୍ୟକ୍ତି ବିଶ୍ୱାସ କରି ପାରିବ ନାହିଁ । ଚୁଉ-ଏନ୍-ଲଇ ଆସିବା ପୂର୍ବରୁ ସ୍ୱୟଂ ନେହେରୁ ତାଙ୍କ ତରଫରୁ ଚୀନର ପ୍ରଧାନମନ୍ତ୍ରୀଙ୍କୁ ଉପହାର ଦେବାପାଇଁ ନନ୍ଦଲାଲଙ୍କ ଗୃହକୁ ଆସି ଦୁଇଖଣ୍ଡ ଛବି ମନୋନୀତ କରିଦେଇ ଯାଇଥିଲେ । ଆମେ ଲକ୍ଷ୍ୟ କରିଛୁ ଶେଖ ଅବଦୁଲ୍ଲାଙ୍କ ନିକଟରେ ଆଚାର୍ଯ୍ୟ ନେହେରୁ ଦେଖା ଯାଆନ୍ତି ଖର୍ବାକୃତି ଓ ଶୀର୍ଣ୍ଣ ସ୍ୱାସ୍ଥ୍ୟ, ଯେଉଁପରି ଦେଖାଯାଆନ୍ତି ବିଧାନଚନ୍ଦ୍ରଙ୍କ ନିକଟରେ । ଆହୁରି ମଧ୍ୟ ଶିଶୁ ସୁଲଭ କୌତୂହଳର ସହ ଲକ୍ଷ୍ୟ କରିଛୁ କିପରି ଚୀନର ପ୍ରଧାନମନ୍ତ୍ରୀ ଉଚ୍ଚ-ରାଜନୈତିକ ସୁଖ ଦୁଃଖ, ଦ୍ୱନ୍ଦସଂଘାତ ଦ୍ୱାରା ଆନ୍ଦୋଳିତ ଉନ୍ମଥିତ ଘଟାଟୋପକୁ ଫିଙ୍ଗିଦେଇ ସଙ୍ଗୀତ ଭବନର ନୃତ୍ୟ ଶ୍ରେଣୀରେ ଶିଷ୍ୟ ଶିଷ୍ୟା ପରିବୃତ୍ତ ହୋଇ ନାଚିବାକୁ ଆରମ୍ଭ କରିଥିଲେ ।

॥ ପାଞ୍ଚ ॥

ଦର୍ଶକ ଭାବରେ ଯେଉଁମାନେ ବାହାରୁ ଶାନ୍ତିନିକେତନ ପରିକ୍ରମା କରିବାକୁ ଆସନ୍ତି, ସେମାନେ ଦେଖନ୍ତି କଳାଭବନ ଓ ସଙ୍ଗୀତ ଭବନ ହାତ ଧରା ଧରି ହୋଇ ସୃଜନ ଗୌରବର ଅପୂର୍ବ ନିଦର୍ଶନ ଓ ରସର ସାର୍ଥକ ଝଲକ ବିତରଣ କରୁଛନ୍ତି । ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଇତିହାସ ଯେଉଁମାନେ ଅଧ୍ୟୟନ କରିଛନ୍ତି, ସେମାନେ କହନ୍ତି କଳା ଓ ସଙ୍ଗୀତ ଭବନ ପ୍ରଥମେ ରେଖା ଓ ରଙ୍ଗ, ସ୍ୱର ଓ ଛନ୍ଦ, ରୂପ ଓ ରସ, ଦୃଶ୍ୟ ଓ ଅଦୃଶ୍ୟକୁ ମିଳାଇ ଗୋଟିଏ ସହଜ, ସରଳ, ସାବଲୀଳ ଅନୁଷ୍ଠାନର ନିଦର୍ଶନ ଥିଲା । ଯେଉଁମାନେ ନାଚଗୀତରେ ମଜ୍ଜି ରହୁଥିଲେ

Digitized by srujanika@gmail.com

ସେମାନେ ଚିତ୍ରାଙ୍କନ କିମ୍ବା ମୂର୍ତ୍ତି ନିର୍ମାଣକୁ ଅବସର ବିନୋଦନ ଭଳି ଗ୍ରହଣ କରୁଥିଲେ ଓ ଅପର ଦିଗରୁ ଯେଉଁମାନେ ଚିତ୍ରାଙ୍କନ କିମ୍ବା ମୂର୍ତ୍ତି ନିର୍ମାଣରେ ଅନୁପ୍ରାଣିତ, ସେମାନେ ଅବସର ସମୟରେ ନାଚ ଓ ଗୀତ ପ୍ରତି ଆଗ୍ରହୀ ହୋଇ ଉଠୁଥିଲେ । ମୋଟାମୋଟି ଭାବରେ ଦେଖିଲେ ସଙ୍ଗୀତ ହେଉଛି ଶ୍ରାବ୍ୟ ଓ ନୃତ୍ୟ ହେଉଛି ଅଙ୍ଗଭଙ୍ଗୀ ପ୍ରଧାନ କଳା । ଚିତ୍ର ଓ ମୂର୍ତ୍ତି ହେଉଛି ଦୃଶ୍ୟଜାତ ଓ ସ୍ପର୍ଶଜାତ କଳା । ଏଗୁଡ଼ିକ ପ୍ରତ୍ୟେକ ଅନ୍ୟଟିର ପରିପୂରକ । ଏଣୁ ମନେହୁଏ ଉଭୟ ଗୋଟିଏ ପ୍ରବାହମାନ ନଦୀର ଦୁଇଟି ଧାରା ଭଳି । ପରବର୍ତ୍ତୀ କାଳରେ କଳାଭବନ ଓ ସଙ୍ଗୀତଭବନ ଦୁଇଟି ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନରେ ପରିଣତ ହୋଇଥିଲେ ମଧ୍ୟ କଳାଭବନର ଛାତ୍ରାବାସରେ ନିଦରୁ ଉଠିବା ବେଳଠାରୁ ନିଦରେ ଶୋଇବା ପର୍ଯ୍ୟନ୍ତ ସର୍ବଦା ସୁଲଳିତ ସଙ୍ଗୀତର ମୃଦୁ ମଧୁର ସ୍ୱର ମୂର୍ଚ୍ଛନା ଛାତ୍ରମାନଙ୍କ ହୃଦୟରେ ଆଘାତ କରୁଥାଏ । ଏଥିପାଇଁ ବିଶେଷ ଆୟୋଜନ କିମ୍ବା ପରିବେଶ ସୃଷ୍ଟି କରିବାକୁ ପଡ଼େ ନାହିଁ । ଏହା ବ୍ୟତୀତ କଳା ଭବନର ଛାତ୍ର ଛାତ୍ରୀମାନଙ୍କ ପାଇଁ ସଙ୍ଗୀତ ଶିକ୍ଷାର ସ୍ୱତନ୍ତ୍ର ବ୍ୟବସ୍ଥା ଥାଏ । ସକାଳ ବେଳାର ସର୍ବଶେଷ ନିର୍ଘଣ୍ଟ ସଙ୍ଗୀତ ଶିକ୍ଷା ନିମନ୍ତେ ପ୍ରତ୍ୟହ ଉଦ୍ଦିଷ୍ଟ । ଶିକ୍ଷା ଦିଅନ୍ତି ଅଧ୍ୟାପକ ଶାନ୍ତିଦେବ ଘୋଷ । ଏହି ସମୟରେ ଯିଏ ଯେଉଁଠି ଥିଲେ ମଧ୍ୟ ଶାନ୍ତି ଦେବଙ୍କ କ୍ଲାସକୁ ଯିବାକୁ ପ୍ରସ୍ତୁତ ହୋଇଯାଏ ।

ସଙ୍ଗୀତ ଭବନର ଗୋଟିଏ ନିରାଡ଼ମ୍ବର ପ୍ରକୋଷ୍ଠ ମଧ୍ୟରେ ସୁଦୃଶ୍ୟ ସତରଞ୍ଜି ଟିଏ ବିଛାଇ ଦିଆ ହୋଇଥାଏ । ଏହାର ଗୋଟିଏ କୋଣକୁ ବସି ଥାଆନ୍ତି ଶାନ୍ତିଦେବ ତାଙ୍କର ପ୍ରିୟତମ ତାନପୁରା ଓ ଗୀତ ବିତାନ ଧରି । ଆଗରେ ମେହଗନି କାଠର ଶ୍ରେଷ୍ଠ ଡେସ୍କଟିଏ । ତାହା ଉପରେ କେତେଖଣ୍ଡ ଖାତାପତ୍ର, କଲମ, ପେନ୍‌ସିଲ୍ ଇତ୍ୟାଦି । ଏହି ଡେସ୍କକୁ ଲାଗି ଖୁନ୍ଦା ଖୁନ୍ଦି ହୋଇ କଳା-ଭବନର ଛାତ୍ର ଛାତ୍ରୀ ବସନ୍ତି । ଶ୍ରେଷ୍ଠ ବଡ଼, ଉଚ୍ଚ, ନୀଚ, ପୁରୁଣା, ନୂଆ ସମସ୍ତେ ଏକାସନରେ ବସି ରବୀନ୍ଦ୍ର ସଙ୍ଗୀତ ଚର୍ଚ୍ଚା କରନ୍ତି । ଶାନ୍ତିଦେବଙ୍କର ଏହି ସଙ୍ଗୀତ-ଚର୍ଚ୍ଚାର ଆସରରେ ଯିଏ ପ୍ରବେଶ ନ କରିଛି ସେ କେବେହେଲେ ସ୍ନିଗ୍ଧ ସୁଗମ୍ଭୀର ସ୍ୱର ସାଧନାର କଳ୍ପନା କରିପାରିବ ନାହିଁ ।

ରବୀନ୍ଦ୍ର ପ୍ରତିଭାର ସର୍ବଜନ ହୃଦୟସ୍ପର୍ଶୀ ଗୌରବମୟ ଅଂଶଟି ହେଉଛି ରବୀନ୍ଦ୍ର ସଙ୍ଗୀତ । ଏହି ସଙ୍ଗୀତ ମଧ୍ୟରେ ସେ ବହୁବିଧ ପରୀକ୍ଷା କରିଛନ୍ତି । ସମ୍ପୂର୍ଣ୍ଣ ଭାବରେ ଭାବାବେଶ ହୋଇ ଦେହ, ମନ, ପ୍ରାଣ ଭିତରେ ଅନିର୍ବଚନୀୟକୁ ପ୍ରକାଶ କରାଇବା ପାଇଁ ସେ ଅକଳ୍ପନୀୟ ପରିଶ୍ରମ କରିଛନ୍ତି । ରାଗ ରାଗିଣୀ ସମ୍ବଳିତ ଶାସ୍ତ୍ରୀୟ ସଙ୍ଗୀତ, ଉନ୍ମାଦନକାରୀ ଲୋକ ସଙ୍ଗୀତ ଠାରୁ ଆରମ୍ଭ କରି

Digitized by srujanika@gmail.com

ଦେଶୀ ଓ ବିଦେଶୀ ସବୁ ପ୍ରକାର ଗୀତକୁ ବାଣୀର ଆବରଣ ମଧ୍ୟରୁ କାଢ଼ି ଆଣି କେବଳ ସ୍ୱର ମୂର୍ଚ୍ଛନାର ସହିତ ପରିଚୟ କରିଛନ୍ତି । ଆସ୍ୱାଦିତ ମଧ୍ୟ କରିଛନ୍ତି । ପରିଶେଷରେ ଆପଣା ସାହିତ୍ୟର ଅମରାବତୀରେ ଏକ ଅଭିନବ ସ୍ୱର-ସୁରଧୁନୀ ପ୍ରବାହିତ କରାଇଛନ୍ତି । ଏଣୁ ଦେଶ ବିଦେଶର ସଂକୀର୍ଣ୍ଣ ଗଣ୍ଡିର ସୀମା ଅତିକ୍ରମ କରି ରବୀନ୍ଦ୍ର ସଙ୍ଗୀତ ମଧ୍ୟରେ ସମଗ୍ର ମାନବ ଜାତିର ପ୍ରାଣ ସ୍ପନ୍ଦନ ଅନୁଭୂତ କରିହୁଏ । କେବଳ ସ୍ୱର ସଂହତି ଦିଗରୁ ନୁହେଁ, ଭାବ ଓ ଭାଷା ଦିଗରୁ ମଧ୍ୟ ଏହାର ପଟାନ୍ତର ନାହିଁ । ସିଧାସଳଖ ଏହା ଶ୍ରୋତାର ହୃଦୟ କନ୍ଦରରେ ଆଘାତ କରେ ଓ ଅଭିଭୂତ କରିପକାଏ । ଶାନ୍ତିନିକେତନର ଉତ୍ସବ, ଅନୁଷ୍ଠାନ, ଅଭିନୟ ଓ ଦୈନନ୍ଦିନ କର୍ମ ପରିସର ମଧ୍ୟରେ ଅନାବଶ୍ୟକ ଚାକଜମକ୍ ଓ ଆଡ଼ମ୍ବରପୂର୍ଣ୍ଣ ତାମସିକତା ବର୍ଜିତ ସଂଯତ ଓ ସୁରୁଚି ସମ୍ପନ୍ନ ରବୀନ୍ଦ୍ର ସଙ୍ଗୀତର ପ୍ରଭାବ ଅନସ୍ୱୀକାର୍ଯ୍ୟ ।

ଆଦି ଯୁଗରେ ରବୀନ୍ଦ୍ର ସଙ୍ଗୀତର ପ୍ରଚାରକ ଥିଲେ ଦିନେନ୍ଦ୍ର ନାଥ ଠାକୁର । ତାହାଙ୍କୁ କୁହାଯାଉଥିଲା ରବୀନ୍ଦ୍ର ସଙ୍ଗୀତର ଭଣ୍ଡାରୀ । ଯେଉଁପରି ଦିନ ନ ଥିଲେ ସୂର୍ଯ୍ୟଙ୍କର ବିପୁଳ ଅବଦାନକୁ ସ୍ୱୀକାର କରିବା ଅସମ୍ଭବ ହୋଇଉଠନ୍ତା, ଅବିକଳ ସେହିଭଳି ଦିନେନ୍ଦ୍ରନାଥ ନ ଥିଲେ ହୁଏ ତ ରବୀନ୍ଦ୍ର ସଙ୍ଗୀତକୁ ଉପଯୁକ୍ତ ସ୍ୱୀକୃତି ଉପଯୁକ୍ତ ସମୟରେ ମିଳି ନ ଥାନ୍ତା । ଦିନେନ୍ଦ୍ର ନାଥଙ୍କ ପରେ ଇନ୍ଦିରା ଦେବୀ ଚୌଧୁରାଣୀ ଥିଲେ ଶାନ୍ତି ନିକେତନ ମଧ୍ୟରେ ସଙ୍ଗୀତ ଆସରର ସଂଚାଳିକା । ସେ ରବୀନ୍ଦ୍ରନାଥଙ୍କର ଝିଆରୀ ଓ ବଙ୍ଗଳାରେ କଲ୍ଲୋଲ ଯୁଗର ପ୍ରବର୍ତ୍ତକ ପ୍ରମଥ ଚୌଧୁରୀଙ୍କର ପତ୍ନୀ । ଦୀର୍ଘଜୀବନୀ ହୋଇ ମାଳଞ୍ଚ କୁଟୀରରେ ବାସ କରୁଥିଲେ ଓ ଯେତେବେଳେ ତାଙ୍କ କଣ୍ଠରୁ ଅନର୍ଗଳ ସଙ୍ଗୀତର ସୁଅ ଛୁଟୁଥିଲା, ସେତେବେଳେ ସେଥିରେ କୌଣସି ପ୍ରକାରର ବିରାମର ଅବକାଶ ନ ଥିଲା । ଆମ ସମୟରେ ଯେଉଁମାନେ ରବୀନ୍ଦ୍ର ସଙ୍ଗୀତର ବାହକ ଓ ଧାରକ ରୂପେ ଆଶ୍ରମରେ ସମ୍ମାନିତ ଆସନ ଲାଭ କରୁଥିଲେ ସେମାନଙ୍କ ମଧ୍ୟରେ ସୁକଣ୍ଠ ଶାନ୍ତିଦେବ ହିଁ ଥିଲେ ଅତୁଳନୀୟ । ସେ ବହୁ ଗୀତର ସ୍ୱର ଯୋଜନା ସ୍ୱୟଂ କବିଙ୍କ କଣ୍ଠରୁ ଗ୍ରହଣ କରିଛନ୍ତି । ପାରଦର୍ଶିତା ବଳରେ ସଙ୍ଗୀତର ଅମୃତଧାରା ବିତରଣ କରିଛନ୍ତି । ତାଙ୍କର ଅନେକ ସାମାନ୍ୟ କଣ୍ଠରୁ ଯେଉଁ ସଙ୍ଗୀତାମୋଦୀମାନେ ରବୀନ୍ଦ୍ରନାଥଙ୍କର "କୃଷ୍ଣ କଲି ଆମି ତାରେ ବଲି"...କିମ୍ବା "ଭେଙ୍ଗେଛ ଦୁଆର ଏସେଛ ଜ୍ୟୋତିର୍ମୟ, ତୋମାରି ହେଉକ ଜୟ"...ଗୀତ ଶୁଣିଛନ୍ତି ସେମାନେ ଧନ୍ୟ ହୋଇଛନ୍ତି । ତାଙ୍କ କଣ୍ଠର ଆଳାପ ପରେ ଗୀତର ବିଲମ୍ବିତ ବିସ୍ତାର, ସ୍ୱରଗ୍ରାମର ଛନ୍ଦ, ତାନ୍‌ର ବୈଚିତ୍ର୍ୟ ଓ ଝଙ୍କାର ସଙ୍ଗୀତ-ସମ୍ମୋହିତ ଶ୍ରୋତାମାନଙ୍କର ଦେହ ଓ ମନକୁ ନର୍ତ୍ତନଶୀଳ ପଲ୍ଲବ ଓ ଲତା ଭଳି ତାଳେ ତାଳେ, ଛନ୍ଦେ ଛନ୍ଦେ ମତ୍ତାଇଦିଏ ।

Digitized by srujanika@gmail.com

ଗାନ୍ଧର୍ବ ବିଦ୍ୟାର ସାର୍ଥୀବାନ ବାହକ ଶାନ୍ତିଦେବ କେବଳ ଜଣେ ପୂର୍ଣ୍ଣ ସ୍ୱରଶିଳ୍ପୀ ନୁହନ୍ତି, ସେ ଜଣେ ସାର୍ଥକ ଭାଷାଶିଳ୍ପୀ ମଧ୍ୟ । ବିଶ୍ୱଭାରତୀର ଶିକ୍ଷାକ୍ଷେତ୍ରରେ ନୃତ୍ୟ ଗୀତର ପ୍ରୟୋଜନୀୟତାକୁ ରବୀନ୍ଦ୍ରନାଥ ଯେଉଁପରି ଭାବରେ ଅନୁଭବ କରିଥିଲେ, ତାହା ଶାନ୍ତି ଦେବଙ୍କ ଅନୁପସ୍ଥିତିରେ କେତେଦୂର କାର୍ଯ୍ୟକାରୀ ହୋଇ ପାରିଥାନ୍ତା, କିଏ କହିବ ? ସେହିପରି ଅପର ଦିଗରୁ ଦେଖିଲେ, ରବୀନ୍ଦ୍ରନାଥଙ୍କ ଭଳି ଜଣେ ଅଶେଷ ଗୁଣର ଆଧାର ମହାପୁରୁଷଙ୍କର ପ୍ରତ୍ୟକ୍ଷ ସମ୍ପର୍କରେ ନ ଆସିଥିଲେ, ଆବାଲ୍ୟରୁ ଶାନ୍ତିଦେବ ହୁଏତ ଜଣେ ପେଶାଦାରୀ ମଞ୍ଚଶିଳ୍ପୀ ହୋଇଥାନ୍ତେ କି ନାହିଁ କିଏ କହିବ ? 'ଅରୂପରତନ' ନାଟକର ଠାକୁରଦାଦା କିମ୍ବା ଡାକଘର ଦେଶ ନାଟକର ରାଜକୁମାର କହିଲେ ହିଁ କେବଳ ଶାନ୍ତି ଦେବଙ୍କୁ ବୁଝାଇଥାଏ । ତାଙ୍କର ଅଭିନୟ କଳା ଯେଉଁପରି ସୁନ୍ଦର, ରସବନ୍ତ ସେହିପରି ମଧ୍ୟ ଜୀବନ୍ତ । ଅରୂପରତନର ଠାକୁରଦାଦା ଭୂମିକାରେ ସର୍ବଦା ନିଜେ ରବୀନ୍ଦ୍ରନାଥହିଁ ଅବତୀର୍ଣ୍ଣ ହେଉଥିଲେ ଓ ସ୍ୱରଚିତ ସଙ୍ଗୀତଗୁଡ଼ିକ ନିଜେହିଁ ଗାନ କରି ଶ୍ରୋତାମଣ୍ଡଳୀଙ୍କର ଅକୁଣ୍ଠିତ ସମର୍ଥନ ଲାଭ କରୁଥିଲେ । ଯେତେବେଳେ ତାଙ୍କର ୭୪ ବର୍ଷ ବୟସରେ 'ଅରୂପ ରତନ ଅଭିନୟ କରାଗଲା, ସେତେବେଳେ ଆଉ ତାଙ୍କ କଣ୍ଠର ପୂର୍ବଶକ୍ତି ନ ଥିଲା । ଏଣୁ ବାଧ୍ୟ ହୋଇ ସେହି ଅଲୌକିକ ଶକ୍ତିସମ୍ପନ୍ନ ପ୍ରତିଭା ନିଜର ଉତ୍ତରାଧିକାରୀ ରୂପେ ବାଛିଥିଲେ ଶାନ୍ତିଦେବଙ୍କୁ ଓ ତାଙ୍କରି ଉପରେ ନ୍ୟସ୍ତ କରିଥିଲେ ଠାକୁରଦାଦାର ଗୀତଗୁଡ଼ିକ ଗାନ କରିବା ଦାୟିତ୍ୱ । ଫଳହୋଇ ସେ ଠାକୁର ଦାଦାର ପୋଷାକ ପିନ୍ଧିଥିବା ରବୀନ୍ଦ୍ର-ନାଥଙ୍କର ପଛେ ପଛେ ମଞ୍ଚ ଉପରେ ବୁଲୁଥିଲେ ଓ ଗୀତଗୁଡ଼ିକ ଗାନକରୁଥିଲେ । ଅତୀତ ଇତିହାସର ଏହି ଛିନ୍ନ ବିଚ୍ଛିନ୍ନ କ୍ଷତବିକ୍ଷତ ପୃଷ୍ଠାଗୁଡ଼ିକର ପରିଚୟ ଆମେ ସଂଗ୍ରହ କରୁଥିଲୁ ଆଶ୍ରମର ବାୟୁମଣ୍ଡଳରୁ ।

ଶାନ୍ତିଦେବଙ୍କଠାରୁ ସଙ୍ଗୀତ ଶିକ୍ଷା କରିବାକୁ ଅନେକ ସଙ୍ଗୀତପ୍ରେମୀ ଗୁରୁ ତପସ୍ୟାର ଫଳ ବୋଲି ମନେ କରନ୍ତି । କିନ୍ତୁ ଆମେ କଳାଭବନର ଛାତ୍ରମାନେ ସେଥିରେ ନିର୍ବିକାର ! ସେ ଗୀତ ଶିକ୍ଷା ଦିଅନ୍ତି ଆମ ସମସ୍ତଙ୍କୁ । ବଙ୍ଗାଳୀ ଓ ଅବଙ୍ଗାଳୀ ସମସ୍ତେ ଏକାଠି ବସି କଣ୍ଠ ମିଳାଇ ଚିତ୍କାର କରୁ । ଭାବ ଆସ୍ୱାଦନ ପାଇଁ ପ୍ରାଣପାତିକୁ ସେହି ମନ୍ତ୍ରିତ ସଙ୍ଗୀତର ପ୍ରବାହିତ ସ୍ୱର ତରଙ୍ଗ ଆଡ଼କୁ ବିପୁଳ ଉତ୍କଣ୍ଠାର ସହିତ ଉନ୍ମୁଖ କରୁ । ନାନା ଅଞ୍ଚଳରୁ ଆସିଥିବା ନାନାପ୍ରକାର ଅସମାନ ଗଳାର ପ୍ରାଣମୂର୍ଚ୍ଛା ଉଦ୍ୟମରେ ସଙ୍ଗୀତଭବନର କାନ୍ଥ ଦୋହଲି ଉଠେ । ତଥାପି ସେ କେବେହେଲେ କଟୁକଥା କହନ୍ତି ନାହିଁ କିମ୍ବା କ୍ରୂରତାର ଠାଣି ଫୁଟାନ୍ତି ନାହିଁ ।

Digitized by srujanika@gmail.com

ଯେଉଁମାନଙ୍କର ସଙ୍ଗୀତର ବ୍ୟାକରଣ ସହିତ ସମ୍ବନ୍ଧ ପରିଚୟ ରହିଛି, ସେମାନଙ୍କୁ ଏକାଠି କରି ଶାନ୍ତିଦେବ ବୈତାଳିକରେ ବୋଲିବା ପାଇଁ ଗୀତ ଶିକ୍ଷା ଦିଅନ୍ତି । ବୁଧବାର ଦିନ ମନ୍ଦିରରେ ଗାଇବା ପାଇଁ ନିର୍ଦ୍ଦେଶ ଦିଅନ୍ତି । କିନ୍ତୁ ସେମାନଙ୍କ ଦ୍ୱାରା କର୍ମ ପୂରଣ ହୋଇପାରେ ନାହିଁ । ବରଂ ମଝିରେ ମଝିରେ ତାଳ-ମାନ ଭୁଲ ହେଉଥାଏ । ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନଇଁଯାଏ । ମୁଖମଣ୍ଡଳରେ ବ୍ରୀଡ଼ାର ରକ୍ତିମା ଚଢ଼ିଯାଏ । ମହା ଝଲେଣୀ ପଡ଼େ । ଏଣୁ ଅ ଦୌଡ଼ି ଦୌଡ଼ି ଆସେ ସିଂହ ବୁଢ଼ା ମୂଳକୁ । ଆମେ ସେହିପରି ଆସି ଠୁଳ ହେଉ ଶାନ୍ତିଦେବଙ୍କ ନିକଟରେ । ସେହି ଆମ ଆଶା ଓ ଆଶ୍ୱାସନାର ପ୍ରାଣକେନ୍ଦ୍ର । ନିଜେ ନିଜର ଦୋଷର ବୁଜୁଳିଟିକୁ ପଛରେ ପକାଇ ଅନ୍ୟର ଦୋଷକୁ ଅଙ୍ଗୁଳି ନିର୍ଦ୍ଦେଶ କରୁ । ପ୍ରୀତି ପ୍ରଶୋଦିତ ହୃଦୟ ଦେଇ ସେ ଧୈର୍ଯ୍ୟର ସହିତ ଆମ ଅଭିଯୋଗ ସବୁ ଶୁଣନ୍ତି ଓ ଶେଷରେ ରାୟ ଦିଅନ୍ତି ଓଷ୍ଠରେ ମଧୁର ହସ ବିକଶାଇ—କଳାଭବନର ଏ ବଦ୍‌ନାମ ନୂଆ ନୁହେଁ । ମୋର ପିଲାଦିନରୁ ମୁଁ ମଧ୍ୟ ଏହା ଲକ୍ଷ୍ୟ କରି ଆସୁଛି ।

ନିରାଶର ଉର୍ବର ଜମିରେ ଆମର ଆଶା-ଲତିକାର ଅଙ୍କୁରୋଦ୍‌ଗମ ଘଟେ । ···

॥ ଛଅ ॥

ଶାନ୍ତିନିକେତନ ଆଶ୍ରମ ଜୀବନର ଏକ ନିଜସ୍ୱ ରୂପ ଅଛି । ସେଠାକାର ଗଛଲତାରେ ଫୁଲ ଫୁଟେ, ଫଳ ଫଳେ, ନାନାପ୍ରକାର କାକଳୀରେ ଆଶ୍ରମ ମୁଖରିତ ହୁଏ । ପ୍ରତ୍ୟେକ ଦିନର ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ମନକୁ ଉଦ୍‌ବୋଧିତ କରେ । ଅନେକ ଗୁଣୀଜନ ଅଛନ୍ତି ଯେଉଁମାନେ ସାହିତ୍ୟ, ଶିଳ୍ପ, ସଙ୍ଗୀତର ଏପରି ଏକ ପରିମଣ୍ଡଳ ନିଜ ସ୍ୱରୂପାଖରେ ସୃଷ୍ଟି କରିପାରିଛନ୍ତି, ତାହା ଆଶ୍ରମର ଗୌରବ ବୃଦ୍ଧି କରିଛି । ସେମାନଙ୍କ ମଧ୍ୟରୁ ଯେଉଁମାନେ ମୋର ଗୁରୁପଦବାଚ୍ୟ, ଯେଉଁମାନଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ମୋର ପୁନର୍ଜନ୍ମ ଘଟିଛି, ଯେଉଁମାନେ ବାରମ୍ବାର ମୋର ଉଚ୍ଛୃଙ୍ଖଳତାକୁ ଦମନ କରି ସ୍ନିଗ୍ଧୋଜ୍ଜ୍ୱଳ ମୁଖରେ ଉପଯୁକ୍ତ ପଥ ଦର୍ଶାଇ ଦେଇଛନ୍ତି, ସେମାନେ ଚିର ନମସ୍ୟ । ସେହି ସଦ୍‌ଗୁରୁମାନଙ୍କ ସ୍ପର୍ଶରେ ଆସି ମନର ମଇଳା ଧୁଆଁହୋଇଛି । ସୌନ୍ଦର୍ଯ୍ୟ-କ୍ଷୁଧାର ଅଗ୍ନି ଜଳିଉଠିଛି—

Digitized by srujanika@gmail.com

"ସଦ୍‌ଗୁରୁ ପାଓୟେ, ଭେଦ ବାତାଓୟେ, ଜ୍ଞାନ କରେ ଉପଦେଶ,
ତବ୍ କୟଲା—କି ମୟଲା ଛୁଟେ ଯବ୍ ଆଗ୍ କରେ ପରବେଶ ।"

କଳାଭବନରେ ସର୍ବପ୍ରଧାନ ଅଧ୍ୟାପକ ଥିଲେ ଶିଳ୍ପୀ ଧୀରେନ୍‌କୃଷ୍ଣ ଦେବବର୍ମନ । ତ୍ରିପୁରା ରାଜପରିବାରର ସନ୍ତାନ । ଆବାଲ୍ୟରୁ ଶାନ୍ତିନିକେତନ ଆଶ୍ରମ ସହିତ ଜଡ଼ିତ । ଏଣୁ ଆଶ୍ରମ ଜୀବନର ଯେଉଁ ନିଜସ୍ୱ ରୂପ ଓ ଚରିତ୍ର ରହିଛି, ଯେଉଁ ଗୁଣୀ, ଜ୍ଞାନୀ, ପଣ୍ଡିତଙ୍କ ଦ୍ୱାରା ଏକ ସ୍ୱଚ୍ଛ ସାଂସ୍କୃତିକ ପରିମଣ୍ଡଳ ରହିଛି, ଯେଉଁମାନଙ୍କ ସହାୟତାରେ ତାର ଆଶ୍ରମ ଜୀବନର ଶ୍ରୀବୃଦ୍ଧି ଘଟିଛି, ଶିଳ୍ପୀ ଧୀରେନ୍‌କୃଷ୍ଣ ସେହିମାନଙ୍କ ମଧ୍ୟରେ ଜଣେ । ଶାନ୍ତିନିକେତନୀ ମହାନ୍ ଐତିହ୍ୟର ଜଣେ ପ୍ରକୃତ ଧାରକ । ଉତ୍ସାହର ଉତ୍ସ । ପ୍ରେରଣାର ପ୍ରତୀକ । ଆଧୁନିକ ଭାରତୀୟ କଳା ଇତିହାସରେ ଏକ ଅମର ନାମ । ଶିଳ୍ପାଚାର୍ଯ୍ୟ ନନ୍ଦଲାଲଙ୍କର ପ୍ରିୟ ଶିଷ୍ୟ-ମାନଙ୍କ ମଧ୍ୟରୁ ଅନ୍ୟତମ । ଅପ୍ରତିଦ୍ୱନ୍ଦ୍ୱୀ ପ୍ରତିଭାର ଅଧିକାରୀ । ନିଷ୍ଠୁର ଭାବରେ ଶିଷ୍ଟ, ଶିକ୍ଷିତ, ସ୍ନେହୀ, ଧୈର୍ଯ୍ୟବନ୍ତ ଓ ନିରହଙ୍କାରୀ ଏହି ରୂପଦେବତାଙ୍କର ବରପୁତ୍ର । ଭିତ୍ତିଚିତ୍ର ଅଙ୍କନରେ ନିପୁଣ । ଲଣ୍ଡନ ଠାରେ ଭାରତ ଭବନକୁ ଚିତ୍ରିତ କରିବା ପାଇଁ ଯେଉଁ ଚାରିଜଣ ଶିଳ୍ପୀ ପ୍ରେରିତ ହୋଇଥିଲେ ସେମାନଙ୍କ ମଧ୍ୟରେ ତାଙ୍କର ସ୍ଥାନ ଥିଲା ସୁନିର୍ଦ୍ଦିଷ୍ଟ । ଚୀନ, ଜାପାନ, ଇଣ୍ଡୋନେସିଆ ଓ ଇଉରୋପର ବିଭିନ୍ନ ଦେଶ ବୁଲି ସେ କଳାବିଦ୍ୟା ଚର୍ଚ୍ଚା କରିବା ସଙ୍ଗେ ସଙ୍ଗେ ବିଭିନ୍ନ ଚିତ୍ରଣ ପଦ୍ଧତିର ତୁଳନାତ୍ମକ ଅଧ୍ୟୟନ କରିଛନ୍ତି ।

ଯେତେବେଳେ ଏହି ଗୁଣୀ ଶିଳ୍ପୀଙ୍କର ପ୍ରାଣଗତ ସ୍ପର୍ଶ ଲାଭକଲି, ସେତେ-ବେଳେ ମୁଁ ଥିଲି ଦ୍ୱିତୀୟ ବାର୍ଷିକ ଶ୍ରେଣୀର ଛାତ୍ର । ଏହାର ପ୍ରାୟ ଦେଢ଼ବର୍ଷ ପୂର୍ବରୁ ତାହାଙ୍କୁ ପ୍ରାୟ କଳାଭବନର ଭିତରେ ଓ ବାହାରେ ପ୍ରତ୍ୟହ ଦେଖି ଆସୁଥାଏ । ବୃଦ୍ଧ ଶରୀରରେ ତାଙ୍କର ଯେପରି ବାଳକସୁଲଭ ଚପଳତା । ମୁହଁରେ ସହଜ ସରଳ କାନ୍ତି ମଧ୍ୟରୁ ଦୃଢ଼ତା ଓ ଅଭିଜ୍ଞତାର ଚିହ୍ନ ସ୍ପଷ୍ଟ ବାରି ହୋଇପଡ଼େ । ବ୍ୟବହାର ସରଳ, ମନ ସ୍ୱଚ୍ଛ ଓ ସହାନୁଭୂତିରେ ପରିପୂର୍ଣ୍ଣ । ସଜୀବ କଳାବୋଧ ତାଙ୍କର ତୂଳି ସାଧନାକୁ କେବଳ ଅକ୍ଷୟ କରିନାହିଁ, ଜୀବନ ପଥକୁ କୁସୁମିତ ଓ ସୁରଭିତ କରିଛି ମଧ୍ୟ ।

ସେଥର ଶାରଦୀୟ ଅବକାଶ ଶେଷ ହୋଇଥାଏ । ଧୀରେ ଧୀରେ କଳା-ଭବନର ଜାମୁକୁଞ୍ଜ ଉପରେ ଶୀତର ପଣତ ଢାଙ୍କି ହୋଇ ଯାଉଥାଏ । ଆମେ ସବୁ ଛାତ୍ରଛାତ୍ରୀ ବାହୁଡ଼ି ଆସିଥାଉ ସଜମନ ଓ ସତେଜ ଚେତନା ଧରି । ଆମର ପାଠ୍ୟକ୍ରମ ଅନୁଯାୟୀ ପ୍ରଥମେ ଆମକୁ ଗୋଟିଏ ଭୂ-ଦୃଶ୍ୟର ଚିତ୍ର ଆଙ୍କିବାକୁ ହେଲା

Digitized by srujanika@gmail.com

ଓ ସେହି ଚିତ୍ର ଉପରେ ସମ୍ପୂର୍ଣ୍ଣ ନିର୍ଦ୍ଦେଶ ଦେଲେ ଅଧ୍ୟାପକ ଧୀରେନ୍ କୃଷ୍ଣଦେବ-ବର୍ମନ ।

ମୋର ସତୀର୍ଥ ବର୍ଗ ଗୋଟିଏ ଗୋଟିଏ ଭୂଦୃଶ୍ୟର ଚିତ୍ର ଆରମ୍ଭ କଲେ । ମୁଁ ମଧ୍ୟ ସେମାନଙ୍କ ସମାନ୍ତର ହେବାପାଇଁ ନିଜର କଳ୍ପନାକୁ ରୂପଦେଲି । ପ୍ରଥମେ ଦୁଇଟି ଶାଳଗଛ । ପାଖକୁ ପାଖ ଦୁଇ ବନ୍ଧୁ ଭଳି ହାତ ଧରାଧରି ହୋଇ ଠିଆ ହୋଇଥାନ୍ତି । ସେହି ଶାଳଗଛର ଅନତି ଦୂରରେ ଥାଏ ଗୋଟିଏ ମୃତ ନଦୀ । ମୃତ ନଦୀର ବାଲୁକା ଶଯ୍ୟା ଉପରେ ମେଷ ପାଳକଟିଏ ଦଳେ ମେଣ୍ଢାଙ୍କୁ ସାଙ୍ଗରେ ଧରି ଫେରୁଥାଏ ଘରକୁ । ତାର ସଗ୍ରାମପିଷ୍ଟ ମୁଖମଣ୍ଡଳରେ କ୍ଳାନ୍ତ ଗୋଧୂଳିର ଅଂଶ । ଅଦୂରରେ ତାଳ-ତମାଳର ଗୁମ୍ଫା ମଧ୍ୟରେ ଗ୍ରେଟ ଗାଆଁଟିଏ । ତାହାପରେ ଆକାଶ ଓ ପୃଥିବୀର ମିଳନ କ୍ଷେତ୍ର । ମୃତ ନଦୀର କୂଳରେ କେଉଁଠି କମିତି ଗ୍ରେଟ ବଡ଼ କଆବୁଦା କେତୋଟି । ଏବେ ମଧ୍ୟ ଏହି ଛବିଟିର ସ୍ୱରୂପ ମୋର ମନୋନେତ୍ରରେ ପରିସ୍ଫୁଟ ।

ଛବିଟି ଶେଷ ହେବାକୁ ମୋଟାମୋଟି ଘଣ୍ଟା ପାଞ୍ଚଦିନ ସମୟ ଲାଗିଲା । ଗୋଟିଏ ଦିନରେ ଛବିର କଳ୍ପନା ଓ ଡ୍ରଇଂ ହୋଇଗଲା । ପରିଦିନ ଯଥେଷ୍ଟ ପରିଶ୍ରମ କରି ସମଗ୍ର ଛବିଟି ରଙ୍ଗିନ କରିଦେଲି । ତା'ପରେ ଦୁଇତିନିଦିନ ଭୂଲି ଗୁଲନା କରିବା ଫଳରେ ତାହା ଶେଷ ହୋଇଗଲା । ଆଉ ଆଙ୍କିବା ଲାଗି ମନ ଲାଗୁନ ଥାଏ । କିନ୍ତୁ ଏହିଭଳି ଗୋଟିଏ ଗୋଟିଏ ଛବି ପାଇଁ ସେତେବେଳେ କଳାଭବନର ସାଧାରଣ ନିୟମାନୁସାରେ ପନ୍ଦରଦିନ ସମୟ ଦିଆ ହୋଇଥାଏ । ସେଥିରେ ମଧ୍ୟ ଅନେକ ଗ୍ରହସ୍ତ୍ରଙ୍କର ଛବି ଶେଷ ହୋଇ ପାରେ ନାହିଁ । ମନେ ମନେ ଆତ୍ମପ୍ରସାଦ ଅନୁଭବ କଲି ମୋଟି ଶୀଘ୍ର ଶେଷ ହୋଇଛି ବୋଲି । ଆଉ ଗୋଟିଏ ନୂତନ ଭୂ-ଦୃଶ୍ୟର କଳ୍ପନା କରି ବସିଲି । ଅଧ୍ୟାପକ ଧୀରେନ୍ କୃଷ୍ଣ ଆସି ଦେଖିଲେ ଓ ଧୀର କଣ୍ଠରେ କହିଲେ—"ଗୋଟିଏ ମାତ୍ର ଛବି ଆଙ୍କିବା ଦରକାର, ଶହେଟା ନୁହେଁ । ଗୋଟିଏ ଛବିକୁ ଏହି ପନ୍ଦର ଦିନ ମଧ୍ୟରେ ଯଥେଷ୍ଟ ସୁନ୍ଦର କରିବାକୁ ଚେଷ୍ଟା କର ।"

ସେ ଥିଲେ ବୟସ୍କ ବୈଚିତ୍ର ଓ ସୂକ୍ଷ୍ମାତି ସୂକ୍ଷ୍ମ ଚିତ୍ର ରଚନାରେ ସିଦ୍ଧହସ୍ତ । ଶେଷ ହୋଇଥିବା ଚିତ୍ରଟି ଦେଖାଇଲି । ସେ ବହୁ ସମୟ ପର୍ଯ୍ୟନ୍ତ ଦେଖିଲେ । ମନ୍ତବ୍ୟ ପ୍ରକାଶ କଲେ—"ଭଲ ହୋଇଛି । ଏଥର ଛବି ତ ଆରମ୍ଭ ହୋଇଗଲା । ଏଣିକି ଧୀରେ ଧୀରେ ତାହାକୁ ଶେଷ କରିବାକୁ ହେବ ।" ମୋ ମୁଣ୍ଡରେ ବଜ୍ରପାତ ହେଲା ସତେ ଯେମିତି । ମର୍ମେ ମର୍ମେ ନିପୀଡ଼ିତ ହେବାକୁ ଲାଗିଲି ।

Digitized by srujanika@gmail.com

ନମ୍ର ଭାବରେ ଜଣାଇଲି ଯେ ଆଉ ସେଥିରେ ମନ ଲାଗୁନାହିଁ ବୋଲି । ସେ କିନ୍ତୁ ମୃଦୁ ହସି କହିଲେ—"ଅନ୍ୟ ଛବି ହୁଏତ ପରେ କରିବ । ଏବେ ଏହି ଗୋଟିଏ ଛବିକୁ ସମ୍ପୂର୍ଣ୍ଣ ଅଭିନିବେଶ ଦ୍ୱାରା ଶେଷ କରିବାକୁ ଚେଷ୍ଟା କର । ମୁଁ ମୋର ଶକ୍ତି ଅନୁସାରେ ତୁମକୁ ସାହାଯ୍ୟ କରିବି । ମନ ତ ଲାଗିବ ନାହିଁ, ତାହାକୁ ସେଥିରେ ଲଗାଇବାକୁ ପଡ଼ିବ । ଗଛ ଲତା, ମାଟି ଆକାଶ, ମଣିଷ, ମେଣ୍ଢା ସବୁ ଦେଖି ଦେଖି ନିଖୁଣ ଭାବେ ଅନୁଭବ କରିବାକୁ ପଡ଼ିବ ।"

ସେହିଦିନ ସନ୍ଧ୍ୟାବେଳକୁ ଧୀରେନ୍‌କୃଷ୍ଣ ଆସିଲେ ଆମର ଛାତ୍ରାବାସକୁ । କାନ୍ଧରେ ଧଳା ରଙ୍ଗର ସ୍ତ୍ରେଚ ମଣିପୁରି ବ୍ୟାଗଟିଏ । ସେଥିରେ ରହିଛି ସ୍କେଚ୍ ଖାତା, ପେନ୍‌ସିଲ୍, ବ୍ଲେଡ଼୍ ଓ ଟର୍ଚ୍ଚଲାଇଟ୍ । ଆମେ ଉଭୟ ସାଙ୍ଗ ହୋଇ ଚାଲିଲୁ ପିୟାରସନ୍ ପଲ୍ଲୀ ଆଡ଼କୁ । ଶାନ୍ତି ନିକେତନକୁ ଲାଗି ଏହି ସାନ୍ତାଳ ପଲ୍ଲୀ । ଏମାନେ ଆମର୍ ପଡ଼ୋଶୀ ଭଳି । କ୍ଷେତ୍ର ଅକ୍ଷେତ୍ରରେ ସାହାଯ୍ୟ ସହାନୁଭୂତି ପାଇଥାଆନ୍ତି ଓ ଦେଇଥାଆନ୍ତି । କବିଗୁରୁଙ୍କର ଆହ୍ୱାନ କ୍ରମେ ଯେଉଁ ଶ୍ୱେତାଙ୍ଗ ମନୀଷୀମାନେ ଜ୍ଞାନ ଓ ମାନବର ସେବାପାଇଁ ଆପଣାକୁ ଉତ୍ସର୍ଗ କରିଥିଲେ, ସେମାନଙ୍କ ମଧ୍ୟରୁ ପିୟାରସନ୍ ସାହେବ ଅନ୍ୟତମ । ଏହି ମନୀଷୀଙ୍କର ସମଗ୍ର ଜୀବନର ତ୍ୟାଗପୂତ ସାଧନା ଦ୍ୱାରା ଉଲ୍ଲିଖିତ ପଲ୍ଲୀ ଅଞ୍ଚଳର ଜନ ଜୀବନର ଅଭୂତପୂର୍ବ ଉନ୍ନତି ସାଧିତ ହୋଇଛି ।

ପଥ ପ୍ରଦର୍ଶକ ଓ ପଥିକ । ସେ ଓ ମୁଁ ସେଦିନ ପିୟାରସନ୍ ପଲ୍ଲୀ ଓ ତା'ର ପ୍ରାନ୍ତଭାଗରେ ଥିବା ବିସ୍ତୀର୍ଣ୍ଣ ପ୍ରାନ୍ତର ମଧ୍ୟରେ ବହୁ ସମୟ ପର୍ଯ୍ୟନ୍ତ ପଦଚାରଣା କଲୁ । ଗୋଟି ଗୋଟି କରି ସେ ଅନେକ କଥା କହୁଥାନ୍ତି । ତାଙ୍କର ଛାତ୍ର ଜୀବନ କଥା । ଧାଡ଼ି ଧାଡ଼ି ତାଳବନ ଓ ଶାଳବନ କଥା । ଉଦାର ଉନ୍ମୁକ୍ତ ପ୍ରାନ୍ତର, ନାଲରଙ୍ଗର ଉଚାବଚ ମାଟି, ପୁଷ୍ପ ବିଶୋଭିତ ବୃନ୍ଦବୃନ୍ଦକଅା କଆବଣ କଥା । ଛାତ୍ରମାନଙ୍କ ମନକୁ କିପରି ଆକର୍ଷଣ କରିବାକୁ ହୁଏ ସେ କିମିଆ ଯେପରି ତାଙ୍କୁ ହିଁ ଜଣା । ଶ୍ରେଷ୍ଠ ଶ୍ରେଷ୍ଠ ଉଦାହରଣ ଦେଇ ମଧୁର ଉପଦେଶ ମାଳା ତାଙ୍କ ତୁଣ୍ଡରୁ ତୁଣି ହୋଇ ଯାଉଥାଏ । ପ୍ରତ୍ୟେକ ବସ୍ତୁକୁ ବହୁ ସମୟ ପର୍ଯ୍ୟନ୍ତ ଦେଖିବା ପାଇଁ ଓ ଅନୁଭବ କରିବା ପାଇଁ ଦୃଷ୍ଟି ଶକ୍ତିକୁ ଉନ୍ମୀଳିତ କରାଉଥାନ୍ତି । ଛବିର ସାଧନା ଏକ କଠୋର କଠିନ ସାଧନା । ଏଥିରେ ଗୋଟିଏ ସଜୀବ ଓ ସଚଳ ଜିନଷକୁ କାଗଜ ଭଳି ଗୋଟିଏ ଅଚଳ ଓ ନିର୍ଜୀବ ଜିନିଷ ଉପରେ ପ୍ରତିଫଳିତ କରାଇବାକୁ ହୁଏ ।

•

ମାଛି ଅନ୍ଧାର ହୋଇ ଆସୁଥାଏ । ମୁଣ୍ଡ ଉପରେ ଝରଝଟ ନୀଳ ଆକାଶ । ଶାଁତାଳମାନେ ଗୋଟିଏ ବାଉଁଶ ବୁଦା ପାଖରେ ଅଟାଇ କରି ଫୁଙ୍କୁଳା ଆକାଶ

Digitized by srujanika@gmail.com

ତଳେ ମେଣ୍ଢାଗୁଡ଼ିକୁ ଛାଡ଼ି ଦେଇଥାନ୍ତି । ନଗ୍ନ ମେଣ୍ଢାଗୁଡ଼ିକ ଦେଖାଯାଉଥାଆନ୍ତି ଆତୁର ନଗ୍ନ । ସେ କହିଲେ—" ଏହି ତମର ଛବିର ଆଦର୍ଶ । ଏହାର ପ୍ରକୃତ ସ୍ୱରୂପ ଅଙ୍କନ କରିବାକୁ ପଡ଼ିବ । ସାନ୍ତାଳମାନଙ୍କର ଛେଳି, ଗୋରୁ, ଘୁଷୁରି ଠାରୁ ଏଗୁଡ଼ିକ ସ୍ୱତନ୍ତ୍ର । ସେମାନଙ୍କ ପାଇଁ ଘରର ବ୍ୟବସ୍ଥା ଅଛି । ଏଠାରେ ତାହା ମଧ୍ୟ ନାହିଁ ।

ଶୀତୁଆ ପବନରେ ମେଣ୍ଢାଗୁଡ଼ିକ ପାଖକୁ ପାଖ ଖୁନ୍ଦାଖୁନ୍ଦି ହୋଇ ଥରୁଥାନ୍ତି । ଟର୍ଚ୍ଚ ଜଳାଇଲୁ । ସେମାନଙ୍କର ନାକରୁ ଜଳ ଝରୁଥାଏ । ସର୍ଦ୍ଦି ଲାଗିଲାଣି ବୋଧହୁଏ । ସେ ଆପଣା ପକେଟରୁ ରୁମାଲ ବାହାର କରି କେତୋଟି ମେଣ୍ଢାର ନାକ ପରିଷ୍କାର କରିଦେଲେ । ଆହା କି ଦୟନୀୟ ଜୀବ ଏମାନେ ! ପୁଣି କହିଲେ—"ତମେ ବାରମ୍ବାର ଆସି ଏହି ମେଣ୍ଢାଗୁଡ଼ିକୁ ଅନୁଧାନ କର । ଏମାନଙ୍କ ପ୍ରକୃତ ସ୍ୱରୂପ ଚିତ୍ରରେ ପ୍ରକଟିତ କର, ନୋହିଲେ ଏହି ନଗ୍ନ ମୂକ ଜୀବମାନଙ୍କ ପ୍ରତି ତମେ ଅନ୍ୟାୟ କରୁଛ ବୋଲି ମନେହେବ । ତମେ ଆଜି ଛବିଟିଏ ଆଙ୍କିବା ପାଇଁ ଏହିମାନଙ୍କର ଆରାଧନା କର, ଏହିମାନେ ଜୀବନର ପରମ ପାଥେୟ ହୋଇ ରହିବେ । ଜୀବନର ସକରୁଣ ମୁହୂର୍ତ୍ତଗୁଡ଼ିକରେ ଏହିମାନେ ହିଁ ତମର ସଙ୍ଗୀ ହେବେ ଓ ସାନ୍ତ୍ୱନା ଜଣାଇବେ । ଶିଳ୍ପୀର ସାଧନା ଦୀର୍ଘସ୍ଥାୟୀ । କେବେହେଲେ ବ୍ୟର୍ଥ ହୁଏନାହିଁ ।"

ମଣିପଠାରୁ ଆରମ୍ଭ କରି ପଶୁପକ୍ଷୀ, ବୃକ୍ଷଲତାର ବ୍ୟଥା, ବେଦନା, ହତାଶା, ପୀଡ଼ା, ଦୁର୍ଦ୍ଦଶା ଧୀରେନ୍‌କୃଷ୍ଣଙ୍କର ନିର୍ମୋହ ଚିତ୍ତକୁ ନିଦାରୁଣ ଭାବରେ ବିଚଳିତ କରିଥାଏ । ଏହି ଘଟଣାଟି ପରେ ତାଙ୍କର ଉପଦେଶକ୍ରମେ ବାରମ୍ବାର ମେଣ୍ଢାଗୁଡ଼ିକୁ ଅଧ୍ୟୟନ କରିବା ପାଇଁ ସେଠାକୁ ଯାଇଛି ଓ ତାର ଫଳ ସ୍ୱରୂପ ଯେଉଁ ଛବିଟି ଧୀରେ ଧୀରେ ସମାପ୍ତ ହୋଇଛି ତାହା ଛାତ୍ର ଭାବରେ ମୋ କୃତିର ପାଦପୀଠିକାର ଉଚ୍ଚତା ହଠାତ୍ ବଢ଼ାଇ ଦେଇଛି । ଶାନ୍ତିନିକେତନର ପାଖଆଖ ଅଞ୍ଚଳରେ ସର୍ବଦା ବୁଲି ବୁଲି ଦୁଇ ଆଖିକୁ ପୂର୍ଣ୍ଣକରି ବିଶ୍ୱପ୍ରକୃତିର ଅନନ୍ତ ସୁଷମାକୁ ଅନୁଭବ କରିବାକୁ ଚେଷ୍ଟା କରିଛି । ତାଙ୍କ ବ୍ୟକ୍ତିତ୍ୱର ଭିତର ଦେଇ ଏଭଳି ପ୍ରଗାଢ଼ ସ୍ନେହ ଓ ମମତାର ସ୍ପର୍ଶ ରହିଛି ଯାହା ଛାତ୍ର-ଛାତ୍ରୀମାନଙ୍କୁ ଅକୁଣ୍ଠ ଭାବେ ଆକର୍ଷଣ କରିଥାଏ । ଏହି ନରୋତ୍ତମ, ପୁରୁଷୋତ୍ତମ, ତପସ୍ୱୀ ଶ୍ରେଷ୍ଠଙ୍କ ଆଶୀର୍ବାଦ ଶିରରେ ବହନ କରି ସେମାନେ ବିଶ୍ୱ ପ୍ରକୃତିର ସୌନ୍ଦର୍ଯ୍ୟପୁରୀ ମଧ୍ୟରେ ହଜି ଯାଆନ୍ତି ।

Digitized by srujanika@gmail.com

॥ ସାତ ॥

ସର୍ବଦା ପ୍ରଥମ ବାର୍ଷିକ ଛାତ୍ରମାନଙ୍କ ମଧ୍ୟରେ ଏକ ପ୍ରକାର ଦର୍ପିଷ୍ଠ ଅହମିକା ଦାନା ବାନ୍ଧିଥାଏ । ତାହାର ମାତ୍ରା କେଉଁଠି ଅଧିକ, କେଉଁଠି ଊଣା । କିନ୍ତୁ ସମୟକ୍ରମେ ତାହା ଦୀର୍ଘସ୍ଥାୟୀ ହୁଏନାହିଁ । ଆମେମାନେ ପ୍ରାୟ ସେହିପରି ହିଁ ଥିଲୁ । ପ୍ରଥମ ଥର ତାହା ପ୍ରୟୋଗ କରିଥିଲୁ ମୂର୍ତ୍ତି ନିର୍ମାଣ ଶ୍ରେଣୀରେ । ଗୋଟିଏ ଗୋଟିଏ ମୋଡ଼େଲିଂ ଟେବୁଲ ଆବୋରି ରହି ଅତ୍ୟାଧୁନିକ ପଦ୍ଧତିରେ ମୂର୍ତ୍ତି ନିର୍ମାଣ ଆରମ୍ଭ କରିଦେଲୁ । କାହାର ଟିକେ ବଡ଼ ତ କାହାର ଟିକେ ଛୋଟ । ଏଥିରେ ଥିଲା ଦୁଇ ପ୍ରକାରର ସୁବିଧା । ପ୍ରଥମତଃ ଭଲ ଭାବରେ ଡ୍ରଇଂ ଇତ୍ୟାଦିରେ ଦଖଲ ନ ଥିବାରୁ ଏହି ଅତ୍ୟାଧୁନିକ ମୂର୍ତ୍ତି ନିର୍ମାଣରେ ଯଥେଷ୍ଟ ସ୍ୱେଚ୍ଛାଚାରିତା ଥିଲା ଓ ଦ୍ୱିତୀୟରେ ପ୍ରଗତିଶୀଳ ଚିନ୍ତାଧାରାର ବାହକ ବୋଲି ପରିଚିତ କରାଇ ଆଖିଦୃଶିଆ ଫୁଟାଣି ମାରି ହେଉଥିଲା ।

ଆମର ଏହି ଆସ୍ଫାଳନର ଚୂଡ଼ାନ୍ତ ଉଚ୍ଛୃଙ୍ଖଳତା ମଧ୍ୟରେ ଜଣେ ଖର୍ବକାୟ ପ୍ରୌଢ଼ ଶିଳ୍ପୀ ଶ୍ରେଣୀ ଗୃହ ମଧ୍ୟକୁ ପ୍ରବେଶ କଲେ । ତାଙ୍କର ଠାଣିମାଣି ସମସ୍ତ ହିଁ ଅଦ୍ଭୁତ । ଦେହର ବର୍ଣ୍ଣ ଶ୍ୟାମଳ । ପରିଧେୟ ଗୋଟିଏ ଖଦଡ଼ ପଞ୍ଜାବୀ ଓ ପାଇଜାମା । ପାଇଜାମାଟି ଅଧା ପ୍ୟାଣ୍ଟଠାରୁ ବଡ଼ ଓ ପାଇଜାମା ଠାରୁ ଛୋଟ । ପଞ୍ଜାବୀର ହାତ ମଧ୍ୟ ସେହିପରି ବାହାଠାରୁ କଟା ହୋଇଛି । ପଞ୍ଜାବୀଟା ଅଧା ସାର୍ଟ ନୁହେଁ କିମ୍ବା ପଞ୍ଜାବୀ ମଧ୍ୟ ନୁହେଁ । ଗୋଡ଼ରେ ଶସ୍ତା ଧରଣର ଚପଲ । ଗୋଟିଏ ହାତରେ ବାଉଁଶ ତିଆରି ବଡ଼ଧରଣର ଝାମ୍ପି ଟାଏ ଓ ଅନ୍ୟ ହାତରେ ଅଧାଜଳା ସିଗାରେଟ୍ ଖଣ୍ଡେ । ସିଂହକୁ ତାର ଗୁମ୍ଫା ମଧ୍ୟରେ ଯେତିକି ସୁନ୍ଦର ଦେଖାଯାଏ, ଏହି ଶିଳ୍ପୀଜଣଙ୍କୁ ମୂର୍ତ୍ତି ତିଆରି କ୍ଲାସରେ ସେତିକି ସୁନ୍ଦର ଦେଖାଗଲା । ଏହି ହେଉଛନ୍ତି ଭାରତବର୍ଷର ସୁପ୍ରସିଦ୍ଧ ଭାସ୍କର ରାମକିଙ୍କର ବେଜ୍ ।

ରାମକିଙ୍କର ଏହି ବିଭାଗର ପ୍ରଥମ ଛାତ୍ର ଓ ପ୍ରଥମ ସ୍ଥାୟୀ ଅଧ୍ୟାପକ । ଏହି ବିଦ୍ୟାରେ ସେ କୌଣସି ନିର୍ଦ୍ଦିଷ୍ଟ ଗୁରୁ କିମ୍ବା ବିଶେଷଜ୍ଞଙ୍କ ଅଧୀନରେ କାର୍ଯ୍ୟ କରି ନାହାନ୍ତି । ବରଂ ପ୍ରଖ୍ୟାତ ଗୁରୁ ନନ୍ଦଲାଲଙ୍କ ସହାୟତାରେ ନିଜ ଚେଷ୍ଟାରେ ନିଜେ ସିଦ୍ଧି ଅର୍ଜନ କରିବା ସଙ୍ଗେ ସଙ୍ଗେ ବିଭାଗଟିର ଉନ୍ନତି ବିଧାନ କରିଛନ୍ତି । ଘର ବାଙ୍କୁଡ଼ା ଜିଲ୍ଲାରେ । ସେତେବେଳେ ଅସହଯୋଗ ଆନ୍ଦୋଳନର ସନ୍ଧ୍ୟା । ହରିକାଷ୍ଟ

Digitized by srujanika@gmail.com

ବିଦ୍ୟାଳୟଗୁଡ଼ିକ ବନ୍ଦ ହୋଇଯାଇଥାଏ । ରାମକିଙ୍କର ପଢ଼ୁଥାନ୍ତି ଜାତୀୟ ବିଦ୍ୟାଳୟରେ । ଘରେ ଘରେ ଚରଖା ବିତରଣ କରିବା ଦାୟିତ୍ୱ ତାଙ୍କର ନ ଥାଏ । ବରଂ ସେ ନେତାମାନଙ୍କର ବଡ଼ ବଡ଼ ପ୍ରତିକୃତି ଅଙ୍କନ କରି ଦେଉଥାନ୍ତି ଶୋଭାଯାତ୍ରାରେ ନେବାପାଇଁ । ପ୍ରବାସୀ ଓ ମଡ଼ର୍ଣ୍ଣ ରିଭ୍ୟୁର ସମ୍ପାଦକ ରାମାନନ୍ଦ ଚଟ୍ଟୋପାଧ୍ୟାୟ ତାଙ୍କର ଏହି ଚିତ୍ରକଳା ଦେଖି ଆଗ୍ରହର ସହିତ ପଠାଇ ଦେଇଥିଲେ ଶାନ୍ତିନିକେତନ ବ୍ରହ୍ମଚର୍ଯ୍ୟାଶ୍ରମକୁ । ଶିଳ୍ପାଚାର୍ଯ୍ୟ ନନ୍ଦଲାଲ ବସୁ ତାଙ୍କର ବିଭିନ୍ନ ଶୈଳୀର ଚିତ୍ର ଦେଖି ମତ ଦେଇଥିଲେ—ତମେ ତ ସବୁ ଜାଣିଯାଇଛ, ତଥାପି ଏଠାରେ ଦୁଇ ତିନି ବର୍ଷ ରହିଯାଅ । ସେହି ଦୁଇ ତିନି ବର୍ଷର ରହଣୀ ତାଙ୍କର ଶେଷ ହେଲାନାହିଁ । ନନ୍ଦଲାଲ ସେହି ଉନ୍ନତ ପ୍ରତିଭାଧାରୀ ମହାନ୍ ଶିଳ୍ପୀଙ୍କୁ କେବେହେଲେ କଳାଭବନ ଛାଡ଼ି ଯିବାକୁ ନିର୍ଦ୍ଦେଶ ଦେଇନାହାନ୍ତି । ଫଳରେ ଅଯାଚାରୀ ରହି ସମଗ୍ର ଜୀବନ ସେ ପରମ ଉଲ୍ଲାସର ସହିତ ଶାନ୍ତିନିକେତନରେ କଟାଇ ଦେଇଛନ୍ତି । ମଗ୍ନ ରହିଛନ୍ତି ନିତ୍ୟନବୀନ ସାଧନା କ୍ଷେତ୍ରରେ ସେ ରୂପର ଭିତର ଦେଇ ଅରୂପ ରତ୍ନର ଅନ୍ୱେଷଣରେ । ସହଜାତ ଶିଳ୍ପ ପ୍ରତିଭା ତାଙ୍କର । ନିଦାରୁଣ ଗ୍ରୀଷ୍ମର ପ୍ରଖର ମଧ୍ୟାହ୍ନରେ ଶାନ୍ତିନିକେତନର ମୁକ୍ତାକାଶ ତଳେ ବିରାଟ ବିରାଟ ମୂର୍ତ୍ତି ସେ ସିମେଣ୍ଟ ଓ ଗୋଡ଼ି ମିଶାଇ ତିଆରି କରିଛନ୍ତି । କାମ କରିବା ସମୟରେ କୌଣସି ପ୍ରକାର କ୍ଳାନ୍ତି ନ ଥାଏ । ମୁଣ୍ଡରେ ତାଳପତ୍ରର ଟୋପର । ମୁକ୍ତ ଉଦାତ୍ତ କଣ୍ଠରେ ପ୍ରାଣ ଆନନ୍ଦୀ ରବୀନ୍ଦ୍ର-ସଙ୍ଗୀତ । ବାହ୍ୟ ପ୍ରକୃତି ସହିତ ସୁଷମା ସମ୍ପନ୍ନ ଭାବରେ ତେଜସ୍ୱୀ ଛନ୍ଦ ବିଶିଷ୍ଟ ବିରାଟ ରୂପ ଗଠନ କ୍ଷେତ୍ରରେ ସେ ବୋଧହୁଏ ଭାରତର ସର୍ବପ୍ରଥମ ସର୍ବଜନ ଶ୍ରଦ୍ଧେୟ ଶିଳ୍ପୀ । ଜୀବନ ସାଗର ମନ୍ଥନରେ ଯେଉଁ ବିଷ ସୃଷ୍ଟି ହେଉଥିଲା, ତାହା ସେ ଆକଣ୍ଠ ପାନ କରି ଆମପାଇଁ ମୁକ୍ତ ଆକାଶ ତଳେ ଢାଳିଦେଉଥିଲେ ଅମୃତର ପିଆଲା ।

ସେ ଥରେ ଯାରି କ୍ଲାସଟା ବୁଲିଆସି ସ୍ୱଭାବସିଦ୍ଧ ପ୍ରାଣଖୋଲା ହସରେ ପ୍ରାଙ୍ଗଣ ମୁଖରିତ କରିଦେଲେ । ସେହି ହସର ଝଲକରେ ଆମ ସମସ୍ତଙ୍କ ମୁହଁ ଫିକା ପଡ଼ିଗଲା । ଶ୍ଳେଷଯୁକ୍ତ କଣ୍ଠରେ କହିଲେ—"ଏସବୁ କଣ ହେଉଛି ? ଏହାକୁ ଭାଙ୍ଗିଦେଇ ବିଧିବଦ୍ଧ ମୂର୍ତ୍ତି ତିଆରି କର ହେ—"

ଆମର ଧାରଣା ଥିଲା ରାମକିଙ୍କର ହେଉଛନ୍ତି କଳାଭବନର ପାରମ୍ପରିକ ଧାରାର ଏକ ବ୍ୟତିକ୍ରମ । ଅଭିନବ ରୂପ ମାଧୁର୍ଯ୍ୟ ପ୍ରତି ଆକୃଷ୍ଟ ଓ ପ୍ରଭାବାନ୍ୱିତ । ଏଣୁ ଆମର ଏହି ପ୍ରକାର ମୂର୍ତ୍ତି ଗଠନ ନିମନ୍ତେ ପ୍ରାଣାନ୍ତ ପ୍ରୟାସକୁ ସେ ସମର୍ଥନ କରିବେ । ବହୁତ ସାହସ ସଞ୍ଚୟ କରି କହିଲୁ—"ଏ ସବୁ ଆଧୁନିକ ଧରଣର ମୂର୍ତ୍ତି କରିଛୁ ।" ପୁଣି, ତାଙ୍କର ଓଠର ଉପକୂଳରେ ଉଦ୍ଦାମ ହସର ଫେନିଳ

Digitized by srujanika@gmail.com

ତରଙ୍ଗ । ସେ ନିର୍ଦ୍ଦେଶ ଦେଲେ ବସ୍ତୁହୀନ, ଦେହ ହୀନ ମୂର୍ତ୍ତିର ଦୁର୍ଲଙ୍ଘ୍ୟ ଲୋଭ ସମ୍ବରଣ କରିବାକୁ । ତାହା ପରେ କ୍ଷୁର ଧାର ପରି ସଙ୍କୀର୍ଣ୍ଣ ପଥର ସୂଚନା ଦେଇ କହିଲେ—"ପ୍ରତ୍ୟେକ ବସ୍ତୁର ଦୁଇଟା ଦିଗ ଅଛି । ଗୋଟିଏ ହେଉଛି ବାହାରର ରୂପ ଅନ୍ୟଟି ହେଉଛି ଅନ୍ତର୍ନିହିତ ପ୍ରାଣ । ପ୍ରାଣ ନ ଥିଲେ ଦେହର ଆବଶ୍ୟକତା ନାହିଁ । ଆଲୋକର ସ୍ଫୁଲିଙ୍ଗ ନ ଥିଲେ ଯେପରି ପ୍ରଦୀପର ଆବଶ୍ୟକତା ନ ଥାଏ, ସେହିପରି ପ୍ରାଣହୀନ ପ୍ରାଣୀର ଦେହରେ ମାଧୁର୍ଯ୍ୟ ନ ଥାଏ । ସେହି ପ୍ରାଣ ହିଁ ଶିଳ୍ପ ସୃଷ୍ଟିର ମୂଳ ପିଣ୍ଡ ବା ଅନୁପ୍ରେରଣା । ଅନୁପ୍ରେରଣା ଦ୍ୱାରା ଶିଳ୍ପୀର ଅନ୍ତରରେ ନିତ୍ୟ ନୂତନ ଆବେଗମୟ ଉତ୍ସ ଉତ୍ସାରିତ ହୋଇଥାଏ । ଯେଉଁପରି ପ୍ରଦୀପ ନ ଥିଲେ ଆଲୋକକୁ ଧରି ରଖିବା ଅସମ୍ଭବ, ସେହିପରି ଆଙ୍ଗିକ ନ ଥିଲେ ପ୍ରେରଣାମୟ ପ୍ରାଣକୁ ଧରି ରଖିବା ସମ୍ଭବ ନୁହେଁ । ସେମାନଙ୍କୁ ପ୍ରଥମରୁ ଅନ୍ତତଃ ଏତିକି ମନେ-ରଖିବାକୁ ହେବ । ତମର ଆଙ୍ଗିକ ହେଉଛି ମାଟି । ଆଉ ପ୍ରତ୍ୟେକ ବସ୍ତୁର ଅନ୍ତର୍ନିହିତ ଛନ୍ଦ ହେଉଛି ମୂର୍ତ୍ତିର ପ୍ରାଣ । ଏଣୁ ଦୁଇ ଆଖି ପୂର୍ଣ୍ଣ କରି ଯାହା ଦେଖୁଛ ତାହା ଠିକ୍ ଠିକ୍ ତିଆରି କରିବାକୁ ଚେଷ୍ଟା କର । ଏବେଠାରୁ ରୂପହୀନ, ସାଦୃଶ୍ୟହୀନ ମୂର୍ତ୍ତି ନିର୍ମାଣ କରି ନିଜର ସମସ୍ତ ସମ୍ଭାବନାକୁ ନଷ୍ଟ କର ନାହିଁ ।"

ଏ କଥାର ବ୍ୟଥା ଅବିକଳ ବୁଲେଟର ଆଘାତ ପରି ମନରେ ଲାଗି-ଯାଉଥାଏ । ମନେ ହେଉଥାଏ ଯେପରି ଆମ ପାଦତଳୁ ଚଟାଣ କ୍ରମେ କ୍ରମେ ଦୂରକୁ ଅପସରି ଯାଉଛି । ସେ କଥା ବନ୍ଦ ହେବା ସଙ୍ଗେ ସଙ୍ଗେ ତାହା କାର୍ଯ୍ୟରେ ପରିଣତ କରିବାକୁ ଅଧିକ ସମୟ ନେଲେ ନାହିଁ । କାଚ ଆଲମାରି ଭିତରେ ଆବଦ୍ଧ ଥିବା ନରକଙ୍କାଳଟିକୁ କାଢ଼ିଆଣି ଝୁଲାଇ ଦେଲେ କ୍ଲାସ ସମ୍ମୁଖରେ ଥିବା ମହୁଆ ନିମ୍ବ ଗଛରେ । କହିଲେ—"ଏହି ହାଡ଼ଗୁଡ଼ିକର ପ୍ରତିକୃତି ମାଟିରେ ତିଆରି କର । ତିଆରି କର ପୋଟ୍ରେଟ୍ ।" ମୃଦୁ ମନ୍ଦ ପବନରେ ଧୀର ମନ୍ଥର ଗତିରେ କଙ୍କାଳଟି ଦୋଲାୟମାନ । ତାହାର ପାଖରେ ପଡ଼ିଥିବା ପଥର ଖଣ୍ଡ ଉପରେ ସେହି ସମଦୃଷ୍ଟି ସମ୍ପନ୍ନ ଏହି ବହୁମୁଖୀ ପ୍ରତିଭା ବସିପଡ଼ି ସିଗାରେଟ୍ ଟାଣିବାକୁ ଲାଗିଲେ ।

ଆମର ମନେହେଲା ଶିଳ୍ପାଚାର୍ଯ୍ୟଙ୍କର ଏହି ଅଦ୍ଭୁତ ଶିଷ୍ୟ ସମ୍ବନ୍ଧରେ ପ୍ରକାଶ କରିଥିବା ମନ୍ତବ୍ୟ—"ଡ୍ରଇଂ ଭୁଲ କରି ଫାଙ୍କିଦେଇ ପଳାଇଯିବା ଜଙ୍କର ନିକଟରେ ସହଜସାଧ୍ୟ ନୁହେଁ ।"

Digitized by srujanika@gmail.com

॥ ଆଠ ॥

କଲ୍ୟାଣୀଠାରେ କଂଗ୍ରେସ ମଣ୍ଡପର ମଣ୍ଡନ କାର୍ଯ୍ୟ ଆରମ୍ଭ ହେବାର ପ୍ରାୟ ଦଶ, ବାର ଦିନ ହୋଇଥାଏ । ଆମେ ସମସ୍ତେ ଚିତ୍ରାଙ୍କନର ପ୍ରାଣାନ୍ତ ପ୍ରୟାସ କରୁଥାଉ । କିନ୍ତୁ ସେଗୁଡ଼ିକ ନିର୍ଦ୍ଧାରିତ ପରିଧି ଅତିକ୍ରମ କରି ଚାଲିଯାଉଥାଏ ସବୁରି ଅଲକ୍ଷ୍ୟରେ । ଗୋଟିଏ ପ୍ରକାରର ବସ୍ତୁକୁ ଏକାଧିକ ଶିଳ୍ପୀ ଆଙ୍କିବାରୁ ତାହା ଏକାଧିକ ପ୍ରକାର ହୋଇଯାଉଥାଏ । ଏକାଧିକ ଚିନ୍ତାଧାରାର ବିଶିଷ୍ଟ ଗୁଣ ଗୁଡ଼ିକ ଫୁଟି ଉଠୁଥାଏ । ଏକକ ବ୍ୟକ୍ତିତ୍ୱର ସମଷ୍ଟି ମଧ୍ୟରେ ଗୋଷ୍ଠୀଗତ ଚିନ୍ତାଧାରାର ପ୍ରାଧାନ୍ୟକୁ ସ୍ୱାଭାବିକ ଭାବେ ପ୍ରକାଶିତ କରିବା ପାଇଁ ଯେଉଁ ପରିମାଣରେ ସାହସ, ବିଚାର ବୁଦ୍ଧି ଓ ଡିସିପ୍ଲିନ୍ ଆବଶ୍ୟକ ତାହା ନିର୍ଣ୍ଣୟ କରିବା କଠିନ ହେଉଥାଏ । ବିଷୟବସ୍ତୁ ନିର୍ବାଚନ ଓ ଶିଳ୍ପ ସୃଷ୍ଟିର ଉଭମାନ ମଧ୍ୟରେ ସମତା ରକ୍ଷା କରାଯାଇ ପାରୁ ନ ଥାଏ । ଅଧ୍ୟକ୍ଷ ସୁରେନ୍ଦ୍ରନାଥ କର ଶାନ୍ତିନିକେତନ ଫେରିଗଲେ ଓ କହିଗଲେ—"ଏଥର ବିଶୁକୁ ପଠାଇ ଦେବି । ବିଶୁ ନ ଆସିଲେ କିଛି ହୋଇ ପାରିବ ନାହିଁ ।"

ଅଧ୍ୟକ୍ଷଙ୍କର ବିଶୁ ହିଁ ଛାତ୍ରମାନଙ୍କର ପ୍ରିୟ ଅଧ୍ୟାପକ ବିଶ୍ୱରୂପ ବୋଷ । ଶିଳ୍ପାଚାର୍ଯ୍ୟ ନନ୍ଦଲାଲଙ୍କର ସୁପୁତ୍ର । ସୁଦୀର୍ଘ ଶ୍ୟାମଳ ଚେହେରା, ଉନ୍ନତ ନାଶା ଓ ସୁତୀକ୍ଷ୍ଣ ଦୃଷ୍ଟି । ପ୍ରାୟ ସବୁବେଳେ ଶାନ୍ତିନିକେତନ ସାରା ସାଇକେଲରେ ଚକ୍କି-ଦେଉଥାନ୍ତି । କ୍ଲାସକୁ ଆସିଲେ ଅଳ୍ପ ସମୟ ରହନ୍ତି । ସେତକ ସମୟ ରସଗର୍ଭକ ଆଳାପ ଆଲୋଚନାରେ ଶେଷ ହୋଇଯାଏ । କଳାଭବନର ଛାତ୍ରାବାସରୁ ଅଫିସ-ରୁମ୍ ଯାଏ କିମ୍ବା ଛାତ୍ର ଛାତ୍ରୀଙ୍କ ଠାରୁ ଆରମ୍ଭ କରି ଅଧ୍ୟକ୍ଷଙ୍କ ପର୍ଯ୍ୟନ୍ତ ସମସ୍ତେ ତାହାଙ୍କୁ ଆଦର କରନ୍ତି । ନିଜର ଶକ୍ତି ଅନୁସାରେ ସେ ପ୍ରତ୍ୟେକଙ୍କୁ ପ୍ରତି କ୍ଷେତ୍ରରେ ସାହାଯ୍ୟ କରନ୍ତି । କିନ୍ତୁ କେବେ ଥରେ ତୂଳି ଧରି ଛବିଟି ଅଙ୍କନ କରିବାର ଦେଖାଯାଏ ନାହିଁ । କଳାଭବନର ଚିତ୍ର ପ୍ରଦର୍ଶନୀରେ କେବେହେଲେ ତାଙ୍କ ଅଙ୍କିତ ଚିତ୍ରଟିଏ ଦେଖିବାର ସୌଭାଗ୍ୟ ହୋଇନାହିଁ । ତେବେ ଶୁଣାଯାଏ ଯେ ଜାପାନରୁ ରଙ୍ଗୀନ କାଠ ଖୋଦାଇ ଚିତ୍ର ସମ୍ବନ୍ଧରେ ଶିକ୍ଷା କରିଛନ୍ତି । ଜାପାନରେ ଏହି କାର୍ଯ୍ୟ କରାଯାଉଥିଲା ଏକାଧିକ କାରିଗରଙ୍କର ସହଯୋଗୀତାରେ । କିନ୍ତୁ ବିଶ୍ୱରୂପ ସବୁ ବିଷୟରେ ଅସାଧାରଣ ଦକ୍ଷତା ଅର୍ଜନ କରିଥିଲେ । ପିତା

Digitized by srujanika@gmail.com

ନନ୍ଦଲାଲଙ୍କର ନିର୍ଦ୍ଦେଶରେ ଅବନୀନ୍ଦ୍ର ନାଥଙ୍କର କେତେକ ଛବି ଓ କେତେକ ବୈଦେଶିକ ଛବିର ଯେଉଁ ପ୍ରତିଲିପି ସୃଷ୍ଟି କରିଥିଲେ ତାହାହିଁ ତାଙ୍କର କାରିଗରି-ନୈପୁଣ୍ୟର ଜାଜ୍ୱଲ୍ୟମାନ ପ୍ରମାଣ । ଏଣୁ ସେ ଗ୍ରାଫିକ କଳାର ଅଧ୍ୟାପକ । ଏଠାକୁ ଆସିଲେ ଆମକୁ କିଭଳି ନିର୍ଦ୍ଦେଶ ଦେବେ ତାହା କଳନା କରି ହେଲନାହିଁ । ହର୍ଷବିଷାଦ ମଧ୍ୟରେ ଦିନଗୁଡ଼ିକ କଟିବାକୁ ଲଗିଲା ।

ସତକୁ ସତ ଦିନେ ସନ୍ଧ୍ୟାବେଳକୁ ବିଶ୍ୱରୂପ ବସୁ ଆସି ପହଞ୍ଚିଲେ ଆମର ଶିବିରରେ । ଆମେ ସମସ୍ତେ ଯାଇଁ ଠୁଳ ହୋଇଗଲୁ ତାଙ୍କର ଉଷ୍ମ ସାନ୍ନିଧ୍ୟ ଆଶାରେ । ସେ ଆମ୍ଭମାନଙ୍କୁ ଦେଖି ହସ ହସ ମୁହଁରେ ପକେଟରୁ ବାହାର କରି ପକାଇଲେ ଦୁଇମୁଠା ଚକ୍ ଚକ୍ ନୂଆ ତାଆସ । ସଞ୍ଜ ପ୍ରହରଟା ଖୁବ୍ ଧୁମ୍‌ଧାମ୍‌ରେ ଖେଳ ଚାଲିଲା । ରାତିର ଭୋଜନ ପର୍ବ ମଧ୍ୟରେ ଚାଲିଲା କେତେ କିସମର ଆଳାପ କେତେ ଉପମା, କେତେ ତୁଳନା, ତରୁଣ ପ୍ରାଣର କେତେ ଅସଂଲଗ୍ନ ବାଣୀ । ସେ କଥା ପ୍ରସଙ୍ଗରେ ପ୍ରକାଶ କଲେ ଯେ, ତାହାଙ୍କୁ ଅଧ୍ୟକ୍ଷ ପଠାଇଛନ୍ତି ଆମ ସମସ୍ତଙ୍କୁ ଗୋଟିଏ ବାଟରେ ଚଳାଇ ନେବା ପାଇଁ । ଆମ ମଧ୍ୟରୁ ଜଣେ ସାହସ ସଞ୍ଚୟ କରି ପଚାରିଦେଲେ—"ଆମେ କ'ଣ ଗୋଟିଏ ବାଟରେ ଚାଲିପାରୁ-ନାହୁଁ ?"

ଏଥର ବିଶ୍ୱରୂପ ସଶବ୍ଦ ମୋଚନ କଲେ—"ଭଗବାନ ଏ ସୃଷ୍ଟିକୁ ନିଜର ଇଚ୍ଛା ଅନୁସାରେ ସୁନ୍ଦର କରିଛନ୍ତି ଅପରିସୀମ ଐଶ୍ୱର୍ଯ୍ୟ ଦେଇ । ଠିକ୍ ସେହିପରି ତମେ ପ୍ରତ୍ୟେକ ନିଜ ନିଜର ଛବିକୁ ଅସାଧାରଣ ଉଦ୍ଗମନ ଦେଇ ନିଜର ରୁଚି ଅନୁସାରେ ସୁନ୍ଦର କରୁଛ । ପ୍ରତ୍ୟେକର ଗୌରବ ଅନିବାର୍ଯ୍ୟ । ତମେ ଜଣେ ଜଣେ ଭଗବାନ । ଆଉ ତମର ସମସ୍ତଙ୍କର ଇଚ୍ଛା ଓ ସୃଷ୍ଟି ମଧ୍ୟରେ ଗୋପନ ସାମଞ୍ଜସ୍ୟ ରକ୍ଷା କରି ଆଲୋକ ପଥରେ ଓ ସତ୍ୟପଥରେ ଚଳାଇ ନେବାକୁ ମୋତେ ସୁରେନ୍‌ବାବୁ ପଠାଇଛନ୍ତି । ମୁଁ ଆସିଛି ଭଗବାନଙ୍କର ଗୁରୁ !"

ତା'ର ପରଦିନ ଠାରୁ ନିୟମିତ ଛବି ଅଙ୍କା ଚାଲିଥାଏ । ଛାତ୍ରଛାତ୍ରୀଙ୍କର ଦୈନିକ ବିଭିନ୍ନ ପ୍ରକାର ଛବିକୁ ନିଜର ପ୍ରଜ୍ଞା, ଜ୍ଞାନ, ବିବେଚନା, ବିଚାର ଓ ବିଶ୍ଳେଷଣ ଦ୍ୱାରା ବିଶ୍ୱରୂପ ନିର୍ଦ୍ଦିଷ୍ଟ ରାସ୍ତାରେ ପକାଉଥାନ୍ତି । କେବେହେଲେ କେହି ତାହାଙ୍କୁ ଟିକେ ଚିନ୍ତା କରିବାରେ କିମ୍ବା ବିଶ୍ରାମ ନେବାରେ ଲକ୍ଷ୍ୟ କରିନାହିଁ । ଶାରୀରିକ ସ୍ୱାଚ୍ଛନ୍ଦ୍ୟ, ଅସ୍ୱାଚ୍ଛନ୍ଦ୍ୟର ପ୍ରଶ୍ନ ଆସୁଛି କେଉଁଠୁ; ସ୍ନେହ, ଯତ୍ନ କିମ୍ବା କୁଶଳ ସମ୍ଭାଷଣ ଯେଉଁଠି ଅନାବଶ୍ୟକ ହୋଇପଡ଼ୁଛି । ଆମ୍ଭେମାନେ କେବେହେଲେ ଏହି ସମଦୃଷ୍ଟି ସମ୍ପନ୍ନ ବହୁମୁଖୀ କର୍ମପ୍ରବଣ ପ୍ରତିଭାର ପରିପ୍ରକାଶ

Digitized by srujanika@gmail.com

ଲକ୍ଷ୍ୟ କରି ନ ଥିଲୁ । ସତେ ଯିମିତି ଯୁଗ ଯୁଗରୁ ରୁଦ୍ଧ ଆଗ୍ନେୟଗିରିର ଦ୍ୱାର ହଠାତ୍ ଉନ୍ମୁକ୍ତ ହୋଇଯାଇଛି । ଶିଳ୍ପାଗ୍ରଣୀ ନନ୍ଦଲାଲଙ୍କର ଯେ କେବଳ ସ୍ଥାବର ଅସ୍ଥାବର ସମ୍ପତ୍ତିର ଉତ୍ତରାଧିକାରୀ ନୁହନ୍ତି । ତାଙ୍କ ଭଳି ଜଣେ ସ୍ୱତଃ କର୍ମ ଚଞ୍ଚଳ ଅମିତ ଶକ୍ତିଧର ମଣିଷ ।

ଆମ ଶିବିର ସମ୍ମୁଖରେ ଖଣ୍ଡେ ଡାଲୁ ଜମି ଥାଏ । ଦିନେ ସେହି ଜମିକୁ କେତୋଟି ମେସିନ୍ ସାହାଯ୍ୟରେ ସମତୁଲ କରାଯାଉଥାଏ । ମାଟି ଖୋଳି ନେବାପାଇଁ ମେସିନ୍‌ଟି ଆସି ତା'ର ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିଗଲା, ଆଉ ଗୋଟିଏ ମେସିନ୍ ଆସି ତାକୁ ପଛରୁ ଆଘାତ ଦେଉଥାଏ ଓ ସମ୍ମୁଖକୁ ଠେଲୁଥାଏ । ମାଟି ଖୋଳା ହୋଇଗଲା ପରେ ପ୍ରଥମ ମେସିନ୍‌ଟି ମାଟି ନେଇ ଚାଲିଯାଉଥାଏ ଖାଲସ୍ଥାନରେ ବସାଇବା ପାଇଁ ଓ ଦ୍ୱିତୀୟ ମେସିନ୍ ବିଶ୍ରାମ ନେଉଥାଏ । ପୁନର୍ବାର ପ୍ରଥମ ମେସିନ୍ ମାଟି ତାଡ଼ିବା ନିମନ୍ତେ ଆସିଲେ ଦ୍ୱିତୀୟ ମେସିନ୍ ତାହାକୁ ସାହାଯ୍ୟ କରୁଥାଏ । ସକାଳ ପ୍ରହରରୁ ଏହିଭଳି କାର୍ଯ୍ୟ ଚାଲିଥାଏ । ମେସିନ୍‌ର ଘର୍ଘର ଧ୍ୱନି ଶୁଣି ଶୁଣି ବିରକ୍ତ ଲାଗୁଥାଏ । କିନ୍ତୁ ସନ୍ଧ୍ୟାବେଳକୁ ଆମେ କେତେଜଣ ଛାତ୍ର ବାହାରକୁ ଆସି ଦେଖିଲୁ ନିକଟରେ ଥିବା ଆମ୍ରଗଛ ମୂଳରେ ଅଧ୍ୟାପକ ବିଶ୍ୱରୂପ ବସି ମେସିନ୍ ଦୁଇଟିକୁ ଲକ୍ଷ୍ୟ କରୁଛନ୍ତି ।

ଆମ ମଧ୍ୟରୁ ଜଣେ ପଚାରିଲେ—"ଏ ଉତ୍କଟ ଶବ୍ଦ କ'ଣ ଆପଣଙ୍କୁ ଭଲ ଲାଗୁଛି ।" ସତେ ଯେମିତି ତାଙ୍କର ଧ୍ୟାନ ଭଙ୍ଗ ହେଲା । ଅଧିକ ଚିତ୍ତାକର୍ଷକ ହସ ଚେନାଏ ହସି ଦେଇ ସେ କହିଲେ, "ନା, ଏ ଶବ୍ଦ ମୋତେ ଆଦୌ ଭଲ ଲାଗୁନାହିଁ । ମୁଁ କେବଳ ଏହି ମେସିନ୍ ଦୁଇଟିର କାର୍ଯ୍ୟକୁ ଲକ୍ଷ୍ୟ କରୁଛି । ପଛରେ ଥିବା ମେସିନ୍‌ଟି ଭଳି ଅନ୍ୟକୁ ସାହାଯ୍ୟ କରିବାରେ ମୋର ଜୀବନ କେବଳ କଟିଗଲା । ମୁଁ ନିଜେ ମାଟି ତାଡ଼ି ପାରିଲି ନାହିଁ । କଳାଭବନରେ ପଢୁଥିବା ସମୟରେ ଆମ ଘରେ ରୂପ ଓ ରସର ବନ୍ୟା ଛୁଟୁଥାଏ । ବାବା (ନନ୍ଦଲାଲ) ଛବି ଆଙ୍କୁଥାନ୍ତି ଓ ଦାଦା (ଗୌରୀଭଞ୍ଜ) ମଧ୍ୟ ଛବି ଆଙ୍କୁଥାଏ । ଘରେ ଛବି; କଳାଭବନରେ ମଧ୍ୟ ଛବି । ଅଦ୍ଭୁତ ପରମ୍ପରାର ଅନ୍ତର୍ଭୁକ୍ତ ହୋଇ ମୁଁ ଛବି ଆଙ୍କୁଥିଲି ଓ ଛବି ଅଙ୍କା କାର୍ଯ୍ୟରେ ସାହାଯ୍ୟ କରୁଥିଲି । ଉଚ୍ଚଶିକ୍ଷା ପାଇଁ ଜାପାନ ଗଲି । ସେଠାରେ ଅଜ୍ଞାନ ଓ ନିର୍ଭରଶୀଳ ଛାତ୍ରଭାବରେ ମୋର ଗୁରୁଙ୍କୁ ସାହାଯ୍ୟ କରିବାରେ ତିନିବର୍ଷ କଟିଗଲା । ଯେତେବେଳେ ସେ ଦେଖିଲେ ଯେ, ତାଙ୍କର କୃତି ଓ ମୋର କୃତି ମଧ୍ୟରେ କୌଣସି ତାରତମ୍ୟ ନାହିଁ, ସେତେବେଳେ ଶିକ୍ଷା ସମ୍ପୂର୍ଣ୍ଣ ହୋଇଛି ବୋଲି କହିଲେ । ତାହାପରେ ଫେରି ଆସିଲି କଳାଭବନକୁ । ସେହି କାଳରୁ ଆଜିପର୍ଯ୍ୟନ୍ତ ତମ ଭଳି ବହୁ ତରୁଣ-

Digitized by srujanika@gmail.com

ଶିଳ୍ପୀଙ୍କୁ ଆତ୍ମପ୍ରକାଶରେ ସାହାଯ୍ୟ କରି ଆସୁଛି । ଏଠାକୁ ଆସିଛି ସେହିଭଳି ଏକ କାର୍ଯ୍ୟ ଭଲ ଭାବରେ ତୁଲାଇବାକୁ । ବାବା ଯେତେବେଳେ ଅଧ୍ୟକ୍ଷ ଥିଲେ, ସେତେବେଳେ ତାଙ୍କୁ କଳାଭବନର ପରିଚାଳନାରେ ସାହାଯ୍ୟ କରୁଥିଲି । ଆଜି ମଧ୍ୟ ବାବାଙ୍କ ସ୍ଥାନରେ ଯିଏ ଅଛନ୍ତି ତାହାଙ୍କ କାର୍ଯ୍ୟରେ ଆତ୍ମ ନିୟୋଗ କରୁଛି । କ'ଣ କରିବି ? ଚିତ୍ତ ବିକ୍ଷୋଭ ଘଟିଲେ ତଦ୍‌ଜନିତ ଯନ୍ତ୍ରଣାର ଅପନୋଦନ ପାଇଁ ଛବିଟିଏ ଆଙ୍କିବାକୁ ମୋର ବେଳ ହୋଇନାହିଁ ?"

ଅତ୍ୟନ୍ତ ଭାବରେ ତାଙ୍କର ଅନ୍ତରଙ୍ଗ ବିବରଣୀ ଶୁଣିବା ସଙ୍ଗେ ସଙ୍ଗେ ଗମ୍ଭୀର ଅନୁତାପଗ୍ରସ୍ତ ବର୍ତ୍ତମାନକୁ ସେ କିପରି ରୂପ ଦେଉଛନ୍ତି ତାହାହିଁ ଲକ୍ଷ୍ୟ କରୁଥାଉ । ଧୀରେ ଧୀରେ ପୃଥିବୀର ଶେଷ କୃଷ୍ଣ ସୀମା ଉପରୁ ସନ୍ଧ୍ୟା ବିସ୍ତାରିତ ହେଉଥାଏ ।

॥ ନଅ ॥

"ଯିଏ ଚାଲିପାରେ ନାହିଁ, ସେ କ'ଣ ଦୌଡ଼ି ପାରିବ ? ଯିଏ ଦୌଡ଼ି ପାରେ ନାହିଁ ସେ କ'ଣ ନାଚି ପାରିବ ? ଡ୍ରଇଂ ହେଉଛି ଚିତ୍ରାଙ୍କନ କ୍ଷେତ୍ରରେ ଚାଲିବା ଭଳି । ଆଙ୍ଗିକର ନୈପୁଣ୍ୟ ହେଉଛି ଦୌଡ଼ିବା ଓ ସାର୍ଥକ ଛବି ହେଉଛି ନାଚ—ଅର୍ଥାତ୍ ରୂପ ଓ ରସର ସାର୍ଥକ ସର୍ବାଙ୍ଗ ସୁନ୍ଦର ଛନ୍ଦ । ବିନୋଦ କିମ୍ବା କିଙ୍କରଙ୍କର ଦୌଡ଼ି ପାରନ୍ତି, ନାଚି ମଧ୍ୟ ପାରନ୍ତି । ସେମାନେ ନିତ୍ୟ ନୂତନ ପରୀକ୍ଷା କରୁଛନ୍ତି, ଭାବୁଛନ୍ତି"—ଏହି ଉକ୍ତି ହେଉଛି ଶିଳ୍ପାଗ୍ରଣୀ ନନ୍ଦଲାଲ ବସୁଙ୍କର । ସେ ପୁଣି ଅନ୍ୟ କ୍ଷେତ୍ରରେ ପ୍ରକାଶ କରିଛନ୍ତି—"ବିନୋଦର ଏହା ହୋଇଛି—ସେ ଯାହା ଅଙ୍କନ କରନ୍ତୁ ସେଥିରେ ପ୍ରବେଶ କରିପାରନ୍ତି । ଖୁବ୍ ଅଳ୍ପ ଆର୍ଟିଷ୍ଟଙ୍କର ଏଭଳି ହୋଇଥାଏ । କିଙ୍କରଙ୍କର ମଧ୍ୟ ଏହା ହୋଇଛି । ଯାହାର ଏହା ହୋଇଛି ସେ ଠିକ୍ ଠିକ୍ ଆର୍ଟିଷ୍ଟ, ତାହାଙ୍କର ଆଉ ମୃତ୍ୟୁ ନାହିଁ । ତାହାଙ୍କ ପକ୍ଷରେ ସବୁ ପ୍ରକାର ସ୍ୱାଧୀନତା ଚଳେ ।"

ମାଷ୍ଟର ମହାଶୟ ନନ୍ଦଲାଲଙ୍କର କିଙ୍କର ହେଉଛନ୍ତି ପ୍ରସିଦ୍ଧ ଭାସ୍କର ରାମ କିଙ୍କର ବେଜ୍ ଓ ବିନୋଦ ହେଉଛନ୍ତି ଚିତ୍ରଶିଳ୍ପୀ ବିନୋଦ ବିହାରୀ ମୁଖୋପାଧ୍ୟାୟ । ଉଭୟ ଥିଲେ ଛାତ୍ର । ଥିଲେ ମାଷ୍ଟର ମହାଶୟଙ୍କର ସହକର୍ମୀ, ମାଣିକଯୋଡ଼ ।

Digitized by srujanika@gmail.com

କଳାଭବନ ଶିକ୍ଷାଦର୍ଶର ଡାହାଣ ହାତ ଓ ବାମ ହାତ ଗୁରୁ ନନ୍ଦଲାଲ ଥିଲେ କଳାଭବନ ପରିବାରର ଅନ୍ତର୍ଭୁକ୍ତ । ଭାରତୀୟ କଳାଶିକ୍ଷା କ୍ଷେତ୍ରରେ ବିବେକ ତୁଲ୍ୟ । ଗୁରୁଙ୍କର ଅବସର ଗ୍ରହଣକାଳ ଯେତେ ନିକଟ ହୋଇ ଆସିଲା, ଶିଷ୍ୟ-ମାନଙ୍କ ମଧ୍ୟରେ ଥିବା ସହଯୋଗ ଓ ସହାବସ୍ଥାନ ନୀତି ସେହି ପରିମାଣରେ ଦୁର୍ବଳ ହୋଇପଡ଼ିଲା । ବ୍ୟକ୍ତି ସ୍ୱାର୍ଥ ମଧ୍ୟରେ ସଂଘର୍ଷ ଲାଗି କଳାଭବନର ସମୂହ ସ୍ୱାର୍ଥ ସଙ୍କୁଚିତ ହୋଇଗଲା । ଆସନ ବଦଳର ସନ୍ଧିକ୍ଷଣରେ କଳାଭବନ ତ୍ୟାଗ କରି ବିନାୟକ ମାସୋଜୀ ଓ ବିନୋଦ ବିହାରୀ ମୁଖୋପାଧ୍ୟାୟ ଚାଲିଯାଇଥିଲେ ଅନ୍ୟତ୍ର । ମୁଁ ପଢୁଥିବା ସମୟରେ କ୍ଷୀଣତମ ଦୃଷ୍ଟିସମ୍ପନ୍ନ ତିମିର ବିଜୟୀବୀର ସାଧକ ବିନୋଦ କଳାଭବନ ତ୍ୟାଗ କରି କାଠମାଣ୍ଡୁ (ନେପାଳ) ଯାଦୁଘରର ତତ୍ତ୍ୱାବଧାରକ, ମସୁରୀରେ ଶିଳ୍ପ ଶିକ୍ଷା କେନ୍ଦ୍ରର ସଞ୍ଚାଳକ, ରାଜସ୍ଥାନ ବନସ୍ଥଳୀ ବିଦ୍ୟାପୀଠର ଅଧ୍ୟାପକ ଓ ପାଟନାର ସରକାରୀ କଳାବିଦ୍ୟାଳୟର ପରିଦର୍ଶକ ଅଧ୍ୟାପକ ରୂପେ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଯାଉଥିଲେ । କେଉଁଠି ଦୀର୍ଘକାଳ ରହିବାର ସୁଯୋଗ ମିଳୁ ନ ଥିଲା । କେଉଁଠାରେ ମନଃପୂତ ହେଉ ନ ଥିଲା । ବହୁ ସମୟରେ ତାଙ୍କ ସମ୍ପର୍କରେ ଗଳ୍ପ ଶୁଣାଇ ବାରମ୍ବାର ତାଙ୍କର ଅପରିଚିତ ଅଭିନବ ଭାବମୂର୍ତ୍ତିକୁ ଆମ ଆଗରେ ଝୁଲାଇ ଧରୁଥିଲେ ସତୀର୍ଥ, ବନ୍ଧୁ ଓ ସହକର୍ମୀ ଅଧ୍ୟାପକ ଧୀରେନ୍‌କୃଷ୍ଣ । କିନ୍ତୁ ଆମେ ତାଙ୍କର ଗୀତିମୟ ପରିଚୟ ଲାଭ କରିଥିଲୁ ଶାନ୍ତିନିକେତନର ଅନ୍ତର୍ଜୀବନ ମଧ୍ୟରେ ।

କଳାଭବନର ଛାତ୍ରାବାସ କାନ୍ଥ ଦେହରେ ଓ ଛାତ ତଳରେ ଥିଲା ତାଙ୍କ କୃତ ଚିତ୍ରାବଳୀର ଆନନ୍ଦମୟ ଆକର୍ଷଣ । ଏହା ବ୍ୟତୀତ ସନ୍ତୋଷାଳୟରେ ସୀମିତ ରଙ୍ଗ ଓ କାଳି ତୂଳି ବ୍ୟବହାର କରି ଅନବଦ୍ୟ ଭିତ୍ତିଚିତ୍ର, ପୁରୁଣା ପାନ୍ଥଶାଳାର କାନ୍ଥରେ ଗୋଚାରଣ, ବରଗଛ, ହେଁସ ଓ ଭାକୁଡ଼ି ମାଛ ଓ ଚୀନା-ଭବନର ବାରଣ୍ଡା ସିଲିଂର ମୁଣ୍ଡ ଉପରେ ଥିବା ଭିତ୍ତିଚିତ୍ରଗୁଡ଼ିକର ଆଡ଼ମ୍ବରଶୂନ୍ୟ ସ୍ୱାଭାବିକତା ମନକୁ ସାଙ୍ଘାତିକ ଭାବେ ଆନ୍ଦୋଳିତ କରୁଥିଲା । ଏହିଗୁଡ଼ିକର ରଚନାନୈପୁଣ୍ୟ, ରେଖାବିନ୍ୟାସ ଓ ବର୍ଣ୍ଣଯୋଜନା ଦେଖି ଦେଖି ଆମର ଆଖି ଓ ମନ ତାଲିମ୍ ହେଉଥିଲା କହିଲେ ଆଦୌ ଅସତ୍ୟ ହେବନାହିଁ । ବୀରଭୂମ ଜିଲ୍ଲାର ନୈସର୍ଗ ଦୃଶ୍ୟ, ପାରିପାର୍ଶ୍ୱିକ ପରିବେଶ, ସାନ୍ତାଳପଲ୍ଲୀର ମଣିଷ, ପଶୁପକ୍ଷୀ, ଗଛ-ଲତା ମଧ୍ୟରୁ ଯାହାକୁ ଦେଖିଛନ୍ତି, ସ୍ପର୍ଶ କରିଛନ୍ତି ଓ ଅନୁଭବ କରିଛନ୍ତି, ତାହାହିଁ ସର୍ବଦେଶର ଓ ସର୍ବକାଳର ମାନବ ହୃଦୟର ସନ୍ତକ ଭଳି ସାଇତି ଦେଇଛନ୍ତି ଏହି ଭିତ୍ତିଚିତ୍ରଗୁଡ଼ିକରେ । ଯେତେଦୂର ମନେହୁଏ, ସ୍ଥାନୀୟ ପରିବେଶ ମଧ୍ୟରେ ସେ ଅତ୍ୟନ୍ତ ତନ୍ମୟ ହୋଇ ଯଥେଚ୍ଛା ଭ୍ରମଣ କରିଛନ୍ତି । ଅପ୍ରତିଦ୍ୱନ୍ଦ୍ୱୀ ନୀରବ

Digitized by srujanika@gmail.com

ନିରଳସ କର୍ମୀ ଭଳି ଗମ୍ଭୀର ପର୍ଯ୍ୟବେକ୍ଷଣ ଲବ୍ଧ ସତ୍ୟକୁ ସ୍ୱତଃସ୍ଫୂର୍ତ୍ତି ବଳିଷ୍ଠ ରେଖାର ସାହାଯ୍ୟରେ ପ୍ରକାଶ କରିଛନ୍ତି ।

ହିନ୍ଦୀ ଭବନର କାନ୍ଥରେ ଓଦା ପ୍ଲାଷ୍ଟର ଉପରେ ବିନୋଦବିହାରୀଙ୍କ କୃତ ଯେଉଁ ଫ୍ରେସ୍କୋ ବା ଇଟାଲୀୟ ପଦ୍ଧତିର ଭିତ୍ତିଚିତ୍ର ଆମେ ଦେଖିଥିଲୁ ତାହା ତାଙ୍କର ସାଧନାର ସାରଭାଗ ବା ଶ୍ରେଷ୍ଠ ସୃଷ୍ଟି ମଧ୍ୟରୁ ଅନ୍ୟତମ । ଏହାର ବିଷୟବସ୍ତୁ ହେଉଛି ମଧ୍ୟଯୁଗୀୟ ସାଧୁସନ୍ଥମାନଙ୍କର ଜୀବନୀ । ଏହି ସୃଷ୍ଟିର ସ୍ୱକୀୟତା ଓ ସୌନ୍ଦର୍ଯ୍ୟବୋଧ ଦେଶ ଦେଶାନ୍ତରର ବିଭିନ୍ନ ରସ ସନ୍ଧାନୀଙ୍କ ଦୃଷ୍ଟି ଆକର୍ଷଣ କରିଛି । ନନ୍ଦଲାଲଙ୍କ ଭାଷାରେ ବିନୋଦ ଏହିଠାରେ କେବଳ ଗାଇନାହାନ୍ତି, ନାଚିଛନ୍ତି ମଧ୍ୟ । ଯେଉଁପରି ସ୍ୱୟଂ ନନ୍ଦଲାଲଙ୍କ ତୂଳିର ନର୍ତ୍ତନ ଲକ୍ଷ୍ୟ କରାଯାଏ ଚୀନାଭବନର ନଟୀର ପୂଜା ଭିତ୍ତିଚିତ୍ରରେ । ଅଙ୍କନ କର୍ମ ଊଣା, ବ୍ୟଞ୍ଜନା ଅଧିକ । ବଳିଷ୍ଠ ବିଷୟବସ୍ତୁ ସଂସ୍ଥାପନର ନୈପୁଣ୍ୟ, ତୂଳିକାର ଗତିଚ୍ଛନ୍ଦ ଓ ସ୍ୱଳ୍ପ ବର୍ଣ୍ଣର ସୁସଂଗତି ଏହିଠାରେ ହିଁ ବିନୋଦବିହାରୀଙ୍କୁ ଅବିସ୍ମରଣୀୟ କରାଇଛି । ନନ୍ଦା କଳାସୀଗଣ ଯେତେ ପ୍ରକାରର କୁତ୍ସାରଟନା କରୁଥିଲେ ସୁଦ୍ଧା କଠିନ ଆକର୍ଷଣୀୟ ଶକ୍ତି ହିଁ ଆମ ମନରେ ତାଙ୍କ ପ୍ରତି ଅତୁଳନୀୟ ମର୍ଯ୍ୟାଦା ସୃଷ୍ଟି କରିଥିଲା । ପରବର୍ତ୍ତୀ କାଳରେ ସମୁଦାୟ ଚକ୍ଷୁହୀନ ହୋଇ ସେ ଯେତେବେଳେ କଳାଭବନକୁ ଫେରି ଆସିଥିଲେ, ସେତେବେଳକୁ ମୁଁ ଆଉ ସେଠାରେ ନଥିଲି ।

ଚିତ୍ରାଙ୍କନ, ମୂର୍ତ୍ତି ନିର୍ମାଣ ଓ ଗ୍ରନ୍ଥ ତିଆରି କରି ଛାପାଛାପି କାମ ଯେଉଁପରି ଶିକ୍ଷା ଦିଆଯାଉଥିଲା, ସେହିପରି ମଧ୍ୟ ବିଭିନ୍ନ ପ୍ରକାରର କାରୁଶିଳ୍ପ ଓ ଆଲଂକାରିକ ଶିଳ୍ପ ଶିକ୍ଷା ଦିଆଯାଉଥିଲା ଛାତ୍ରଛାତ୍ରୀମାନଙ୍କୁ । ଏ କ୍ଷେତ୍ରରେ ଶ୍ରୀମତୀ ଗୌରୀ ଭଞ୍ଜ ଥିଲେ ଆମର ଅଧ୍ୟାପିକା । ସେ ଆମକୁ ଆଲଂକାରିକ କଳା ଓ ଚମଡ଼ା, ବାଟିକ୍ ପ୍ରଭୃତି କାରୁଶିଳ୍ପ ଶିକ୍ଷା ଦେଉଥିଲେ । ଅଧ୍ୟାପିକା ଗୌରୀଦେବୀଙ୍କ ନିକଟରେ ଛାତ୍ରୀମାନଙ୍କର ପ୍ରବେଶାଧିକାର ଥାଏ ଯଥେଷ୍ଟ ଅଧିକ । ଆମେ ଛାତ୍ରମାନେ ତାଙ୍କ ନିକଟକୁ ବେଶି ସମୟରେ ଯାଉନାହିଁ । ଗଲେ ମଧ୍ୟ ଛାତ୍ରୀମାନେ ତାଙ୍କୁ ଯେଉଁଭଳି ଭୟ କରନ୍ତି, ଆମେ ସେହିଭଳି ଭୟ କରୁନାହିଁ । ଆମ୍ଭମାନଙ୍କୁ ସେ ପୁତ୍ରବତ୍ ସ୍ନେହ କରନ୍ତି । ତାଙ୍କର ରୁଚି ଯେଉଁପରି ମାର୍ଜିତ, ହୃଦୟ ସେହିପରି କରୁଣାର୍ଦ୍ର । ମୋ ପ୍ରତି ଥିବା ସ୍ନେହ କେବେହେଲେ ଭୁଲିବାର ନୁହେଁ । ବହୁ ସମୟରେ ମୋତେ ତାଙ୍କ ଘରକୁ ଡାକିନେଇ ବଗିଚାରୁ ବହୁ ପ୍ରକାରର ଫୁଲ, ପତ୍ର, ଲତା ଇତ୍ୟାଦି ଅଧ୍ୟୟନ କରିବାପାଇଁ ସୁଯୋଗ ଦିଅନ୍ତି । ସେଗୁଡ଼ିକୁ ନିଜର ଅଭିଜ୍ଞତା ଦ୍ୱାରା ନାନାପ୍ରକାର ଆଲଂକାରିକ ନକ୍ସାରେ ପରିଣତ କରି ତଦନୁସାରେ ବର୍ଣ୍ଣ ସଂଯୋଜନ କରିବାକୁ କହନ୍ତି । ଭାରତୀୟ ଶିଳ୍ପଗୁଡ଼ିକରେ ଆଲଂକାରିକ ନକ୍ସାର

Digitized by srujanika@gmail.com

ବହୁ ଉଚ୍ଚକୋଟୀର ଦୃଷ୍ଟାନ୍ତ ଅଛି । ସେଗୁଡ଼ିକୁ ନକଲ କରି ସେ ସମ୍ବନ୍ଧରେ ସମଧିକ ଧାରଣା ପୋଷଣ କରିବା ପାଇଁ ପଦେ ପଦେ ସାହାଯ୍ୟ କରନ୍ତି । ପ୍ରାଚୀନ ଶିଳ୍ପ ଗୁଡ଼ିକର କ୍ଷୀୟମାଣ ସତ୍ତାକୁ ସଜୀବତ କରାଇବା ଦିଗରେ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ । ଅତି ସାଧାରଣ ବସ୍ତୁର ଉହାଡ଼ରେ ଯେଉଁ ଛନ୍ଦ ରହିଛି, ତାହାକୁ ଶ୍ରୀମତୀ ଭଞ୍ଜ ବୁଦ୍ଧିର ପ୍ରଖର ଆଲୋକରେ ଧରି ପାରୁଥିଲେ ଓ ଅବଲୀଳାକ୍ରମେ ଅନ୍ୟକୁ ତାହା ଧରାଇ ପାରୁଥିଲେ । ନାନାପ୍ରକାର ରେଖା ଓ ମୁରୁଜ ମାଧ୍ୟମରେ ଚଟାଣ ଉପରେ ଅଙ୍କନ କରାଇ ତାହାର ସରଳ ଗ୍ରାମ୍ୟଭାବକୁ କିପରି ସଚଳ କରାଯାଇପାରିବ ସେ ସମ୍ବନ୍ଧରେ ଉପଦେଶ ଦେଉଥିଲେ । ଆଶ୍ରମର ବିଭିନ୍ନ ଅନୁଷ୍ଠାନରେ ଚିତା ଲେଖାଇ ଆମ୍ବ ହାତକୁ ତୋରଣ କରାଇ ନେଉଥିଲେ । ତାଙ୍କର ଅଙ୍ଗୁଳିରୁ ଡିଜାଇନ୍‌ର ରେଖା ଓ ରଙ୍ଗର ଛନ୍ଦ ଝରି ପଡ଼ୁଥିଲା ଅବଲୀଳା-କ୍ରମେ । ମୋଟେ ଅତ୍ୟନ୍ତ ଆଗ୍ରହର ସହିତ ସେ ଲୁଗା ଉପରେ ବାଟିକ୍ ଓ ବିଭିନ୍ନ ଧରଣର ଚମଡ଼ା ଶିଳ୍ପ ଶିକ୍ଷା ଦେଇଥିଲେ । ନିଜର ବୁଦ୍ଧି ବିବେଚନା ଫଳରେ ନିବିଡ଼ ଅଶାନ୍ତ ପ୍ରଣୋଦିତ ହୋଇ ଏହି କାରୁଶିଳ୍ପକୁ ଆୟତ୍ତ କରିଥିଲି ଅତି ନିପୁଣ ଭାବରେ । କିନ୍ତୁ ଅବଧି ଅନ୍ନବସ୍ତ୍ରର ସମସ୍ୟାରେ ଶ୍ୱାସରୁଦ୍ଧ ହୋଇନାହିଁ କିମ୍ବା ଏହାକୁ ମୁଁ ବ୍ୟବହାରିକ କର୍ମରେ ଲଗାଇବା ଭଳି ସୁଯୋଗ ପାଇନାହିଁ । ଶ୍ରୀମତୀ ଗୌରୀ ଭଞ୍ଜଙ୍କ ବ୍ୟତୀତ ଏ ଦିଗରେ ଅନୁରାଗୀ ଓ ଅନୁସନ୍ଧିତ୍ସୁ ହୋଇ କାର୍ଯ୍ୟ କରୁଥିଲେ ଅଧ୍ୟାପିକା ଶ୍ରୀମତୀ ଯମୁନା ସେନ ଓ ଅଧ୍ୟାପକ ନନ୍ଦଗୋପାଳ । ସେମାନେ ପ୍ରାୟତଃ ମଣିପୁରୀ ତନ୍ତବୁଣା ଓ ନାନାପ୍ରକାର ସିଲାଇ ସମ୍ବନ୍ଧରେ ଶିକ୍ଷା ଦେଉଥିଲେ । ଅଧ୍ୟାପକ ନନ୍ଦଗୋପାଳ ଆଶ୍ରମର ପରିସର ମଧ୍ୟରେ ମଞ୍ଚସଜ୍ଜା ଓ ମଣ୍ଡପ ସଜ୍ଜୀକରଣ ନିମନ୍ତେ ସ୍ୱତନ୍ତ୍ର ନିଯୁକ୍ତି ପାଇଥିଲେ ମଧ୍ୟ ସେ କ୍ଷେତ୍ରରେ ଅଭିନବ ନାନ୍ଦନିକ ବୈଶିଷ୍ଟ୍ୟ ପ୍ରଦର୍ଶନ କରାଉଥିଲେ, ଅଧ୍ୟକ୍ଷ ସୁରେନ୍ଦ୍ରନାଥ ଓ ଅଧ୍ୟାପକ ବିଶ୍ୱରୂପ ।

ଏହା ଦ୍ୱିଧାହୀନ କଣ୍ଠରେ ସ୍ୱୀକାର କରାଯାଇପାରେ ଯେ, ସେ ସମୟରେ କଳାଭବନରେ କଳାଚର୍ଚ୍ଚାର ଏକ ଚମତ୍କାର ବାତାବରଣ ଥିଲା । ଅଧ୍ୟୟନ, ଅଧ୍ୟାପନ ନିତ୍ୟ ନୂତନ ରୂପ ସର୍ଜନ ଦ୍ୱାରା କଳାଭବନର ଶ୍ରୀସମୃଦ୍ଧି ହେଉଥିଲା । ଅଧ୍ୟାପକ ରାଧାଚରଣ ବାଗଚୀ ନୂତନ ଭାବେ ଯୋଗ ଦେଇଥିଲେ । କଳାଭବନର ଛାତ୍ର ସେ ନଥିଲେ । ଏଣୁ ସେଠାକାର ପରମ୍ପରାକୁ ଗ୍ରହଣ କରିବାକୁ ଅଧିକ ସମୟ ଲାଗିଥିଲା । ଛାତ୍ରଛାତ୍ରୀଙ୍କୁ ସାଙ୍ଗରେ ନେଇ ବିଦେଶୀ ପଦ୍ଧତିର ପେନ୍‌ସିଲ୍ ସ୍କେଚ୍ ଓ ରଙ୍ଗୀନ୍ ସ୍କେଚ୍ କରାଉଥିଲେ । ଲୁଗାପଟା, ଥାଳି ତାଟିଆ, ଫଳ ଫୁଲ ପ୍ରଭୃତି ଏକତ୍ର ସ୍ଥାପନ କରି ଆଲୋକ, ଛାୟା ଅନୁସାରେ ବର୍ଣ୍ଣ ବିଲେପନ ସମ୍ପର୍କରେ ଧାରଣା ଦେଉଥିଲେ । ଅରୁଣାଚଳ ପେରୁମଲ ଶିକ୍ଷା ଦେଉଥିଲେ ପଶୁପକ୍ଷୀଙ୍କର ଗଠନ ନୈପୁଣ୍ୟ ଇତ୍ୟାଦି ବିଷୟରେ । ଏମାନଙ୍କ ପ୍ରତି ଭକ୍ତିଭରେ ଆକୃଷ୍ଟ ହୋଇ

Digitized by srujanika@gmail.com

ଏମାନଙ୍କ ଦ୍ୱାରା ପ୍ରଭାବାନ୍ୱିତ ହେଲାଭଳି ମୋର ଯୋଗ୍ୟତା ନ ଥିଲା । ନିର୍ମମ କର୍ତ୍ତବ୍ୟବୋଧ ମଧ୍ୟରେ ଓଟାରି ହୋଇ ଏମାନଙ୍କ କ୍ଲାସକୁ ଯାଉଥିଲି; ମାତ୍ର ମନ ଲାଗୁ ନ ଥିଲା । ସାଧନା ଆସିବ କୁଆଡ଼ୁ ? ଅନେକ ସମୟରେ ଅଧ୍ୟାପକ ବାଗ୍‌ଚୀ, ତାଙ୍କର ବନ୍ଧୁ ମହଲରେ ମୋ ସମ୍ବନ୍ଧରେ ଆଲୋଚନା କରୁଥିଲେ । କିନ୍ତୁ କାହିଁକି ତାଙ୍କ ଶିକ୍ଷଣ ପଦ୍ଧତି ପ୍ରତି ଅମନଯୋଗୀ ତାହାର ହେତୁ ଖୋଜି ପାଉ ନ ଥିଲେ । ସେ କଥା ମୋ କାନରେ ପଡ଼ୁଥିଲା । କିନ୍ତୁ ମୁଁ କିପରି ତାହାଙ୍କୁ ବୁଝାଇବି ଯେ ସେହି ଶୈଳୀ ମଧ୍ୟରେ ହୃଦୟ ଜାତ କିମ୍ବା ମସ୍ତିଷ୍କ ଜାତ କୌଣସି ମୌଳିକ ଅବଦାନ ନ ଥିବାରୁ ତାହା ମୋର ରୂପସଂସ୍କାରକୁ ଆକର୍ଷଣ କରିପାରୁନାହିଁ ।

ଅନ୍ୟ ଜଣେ ତରୁଣ ଅଧ୍ୟାପକଙ୍କ ସହିତ ଉଣା ଅଧିକେ ସୁସମ୍ପର୍କ ରହି ପାରିଥିଲା, ସେ ହେଉଛନ୍ତି ସୁଖମୟ ମିତ୍ର । ସେ ଶିଙ୍ଗଭିଙ୍ଗି ବାଳୁଙ୍ଗା ଦଳରେ ଉଆଁ-ତେଇଁ କରିବାକୁ ସୁଖ ପାଉଥିଲେ । ସେ ଥିଲେ ନନ୍ଦଲାଲ-ବିନୋଦବିହାରୀ-ରାମକିଙ୍କରଙ୍କର ପ୍ରବର୍ତ୍ତିତ ଶିକ୍ଷାଧାରାର ତରୁଣତମ ପ୍ରତିନିଧି । ନିଜେ ଚିତ୍ରାଙ୍କନ କରୁଥିଲେ ମଧ୍ୟ ତୁଣ୍ଡେ ତୁଣ୍ଡେ ଚିତ୍ର ସଂଶୋଧନ କରୁଥିଲେ । ଗଣିତ ଭଳି ସୁସଙ୍ଗତ ଓ ସୁପରିକଳ୍ପିତ ଧାରାରେ ଚିତ୍ରର ବିଗ୍ରହର ବିଶ୍ଳେଷଣ କରୁଥିଲେ । ତାଙ୍କର ହାତର ଭଙ୍ଗୀ ଓ କହିବାର ବୈଶିଷ୍ଟ୍ୟ ଫଳରେ ବହୁ ଦୁର୍ବୋଧ ବିଷୟକୁ ଅତି ସହଜରେ ସୁବୋଧ କରିପାରୁଥିଲେ । ବୁଦ୍ଧି ଅସାମାନ୍ୟ ଓ ଶକ୍ତି ଅଲୌକିକ ଥିଲେ ମଧ୍ୟ ଭଲ ପାଇବାର ଶୁଷ୍କ ରୁଦ୍ରରୂପ ମଧ୍ୟରେ ବେଳେ ବେଳେ ସବୁ ସାଧନାର ଅନ୍ତ୍ୟେଷ୍ଟିକ୍ରିୟା ଘଟୁଥିଲା । ଆମେ ଥିଲାବେଳେ ପ୍ରାୟ ପ୍ରତ୍ୟେକ ବର୍ଷ କିଛିକାଳ ନିମନ୍ତେ ମାନସିକ ସ୍ଥିରତା ହରାଇ ବସୁଥିଲେ । ତାଙ୍କର ପତ୍ନୀ ଜଣେ ନିପୁଣା ନର୍ତ୍ତକୀ । ଶାନ୍ତିନିକେତନରେ ଓ ବାହାରେ ଏହି ନର୍ତ୍ତକୀଙ୍କର ଯଥେଷ୍ଟ ସୁନାମ ଥିଲା । କିନ୍ତୁ ନିଜ ପାରିବାରିକ ପରିବେଶକୁ ଜଞ୍ଜାଳମୟ କରି ଗଢ଼ୁଥିଲେ । ଅବିମିଶ୍ର ଆନନ୍ଦ ମଧ୍ୟରେ ଅକାରଣ ସନ୍ଦେହ ଦାନା ବାନ୍ଧୁଥିଲା । ଦୁଃସହ ସ୍ପର୍ଦ୍ଧା ଓ ନିଷ୍ଫଳ ଆକ୍ରୋଶ ଅଧ୍ୟାପକ ମିତ୍ରଙ୍କୁ ପ୍ରଳାପବାଦୀ କରି ଦେଉଥିଲା । ସାଧାରଣ ସମ୍ମତ ଆଚାର, ବ୍ୟବହାର ଓ ସ୍ୱଭାବଭଙ୍ଗୀକୁ ସ୍ଥିର ରଖିପାରୁ ନ ଥିଲେ । ବାରମ୍ବାର ନିଜର ସର୍ବାଙ୍ଗୀନ ଅନୁଭୂତି ଦ୍ୱାରା ପ୍ରେମ, ଭଲପାଇବାର ସଚେତନତା ଓ ବିଶ୍ୱାସକୁ ଖୋଜି ବୁଲୁଥିଲେ । ସେହି ସମୟଟି ଥିଲା ଅତ୍ୟନ୍ତ ଦୁଃଖପୂର୍ଣ୍ଣ ।

Digitized by srujanika@gmail.com

॥ ଦଶ ॥

ଭିନ୍ନ ଜୀବନର ମୋହ ତ୍ୟାଗକରି, ସ୍ଥିରସଙ୍କଳ୍ପ ହୋଇ କଳାଭବନର ଜଣେ ଆବାସିକ ଛାତ୍ର ରୂପେ ମୋଟେ ପାଞ୍ଚବର୍ଷ କଟାଇବାକୁ ହୋଇଥିଲା ସତ୍ୟ; କିନ୍ତୁ ଏହି ଦିନଗୁଡ଼ିକ କେବେହେଲେ ଅମରାବତୀର ସ୍ୱପ୍ନବିଳାସ କିମ୍ବା ଆତ୍ମକୋଟୀ ଭରି କୁହୁଙ୍କି କଳ୍ପନା ନଥିଲା । ଆମର ଅଧ୍ୟକ୍ଷ ସୁରେନ୍ଦ୍ରନାଥ କର ଥିଲେ ଜଣେ ବାସ୍ତବବାଦୀ କର୍ମୀ । ବିଶ୍ୱଭାରତୀର ଆଦି ପୁରୁଷମାନଙ୍କ ମଧ୍ୟରୁ ଅନ୍ୟତମ । ସେ ଧାରାବାହିକ ଭାବେ କୌଣସି କଳାଶିକ୍ଷାଳୟର ଛାତ୍ରତ୍ୱ ଗ୍ରହଣ କରି ନ ଥିଲେ । ବିସ୍ମୃତ ଶତାବ୍ଦୀର ଅବଲୁପ୍ତ ପୃଷ୍ଠଭୂମି ପ୍ରତି ଦୃଷ୍ଟି ପକାଇଲେ ମନେହୁଏ, ଯୋଡ଼ାସାଙ୍କୋ ଠାକୁର ପରିବାର ମଧ୍ୟରେ ରବୀନ୍ଦ୍ରନାଥ 'ବିଚିତ୍ରା' ସଭାର ଆୟୋଜନ କରିଥିଲେ ପ୍ରଥମ ମହାଯୁଦ୍ଧ ସମୟରେ । ତାଙ୍କ ସହିତ ସହଯୋଗ କରିଥିଲେ ଶିଳ୍ପୀ ଗଗନେନ୍ଦ୍ରନାଥ ଓ ଅବନୀନ୍ଦ୍ରନାଥ । ଏହି ସଭାର ପ୍ରଧାନ କର୍ମକ୍ଷେତ୍ର ସାହିତ୍ୟ ହୋଇଥିଲେ ମଧ୍ୟ ଶିଳ୍ପଚର୍ଚ୍ଚାର ଉପଯୁକ୍ତ ପରିବେଶ ସୃଷ୍ଟି ହୋଇଥିଲା । ନନ୍ଦଲାଲ ଅସିତ୍‌କୁମାର, ମୁକୁଲ୍ ଚନ୍ଦ୍ର ଦେ ପ୍ରଭୃତି କୃତି ଶିଳ୍ପୀମାନେ ସେହି ସଭାର ସଭ୍ୟ ହୋଇଥିଲେ । ସେହି ସମୟରେ ତରୁଣ ସୁରେନ୍ଦ୍ରନାଥ କିଛିକାଳ ନିମନ୍ତେ ଶିଷ୍ୟତ୍ୱ ଗ୍ରହଣ କରିଥିଲେ ଅବନୀନ୍ଦ୍ରନାଥଙ୍କର । ବିଚିତ୍ରା ସଭା ବନ୍ଦ ହୋଇଗଲା ପରେ ସେ ଆସିଥିଲେ ଶାନ୍ତିନିକେତନର ବ୍ରହ୍ମବିଦ୍ୟାଶ୍ରମ ଛାତ୍ରମାନଙ୍କୁ ଚିତ୍ରାଙ୍କନ ଶିକ୍ଷା ଦେବାପାଇଁ । ତାଙ୍କ ପୂର୍ବରୁ ସେଠାରେ ଅନ୍ୟ ଜଣେ ଚିତ୍ରାଙ୍କନ ଶିକ୍ଷକ ଥିଲେ ଯାହାଙ୍କ ନାମ ହେଉଛି ପଣ୍ଡିତ ଓଁକାରନନ୍ଦ । ପରବର୍ତ୍ତୀ କାଳରେ ବିଶ୍ୱଭାରତୀର କଳା ବିଦ୍ୟାଳୟ ପରିକଳ୍ପନା କାର୍ଯ୍ୟକାରୀ ହେବା ସମୟରେ ନନ୍ଦଲାଲଙ୍କର ସହଯୋଗୀ ରୂପେ ଏହି ବିବେକ ବୁଦ୍ଧିସମ୍ପନ୍ନ ପ୍ରବୀଣ-ତରୁଣ ଯୋଗ ଦେଇଥିଲେ କଳାଭବନରେ । ଏଣୁ ଶାନ୍ତିନିକେତନର ଆଶ୍ରମିକ ସୁଖଦୁଃଖ ଆନନ୍ଦ ଆନ୍ଦୋଳନ ସହିତ ତାଙ୍କର କର୍ମମୟ ଜୀବନର ନିବିଡ଼ ସମ୍ପର୍କ ରହିଛି । ନନ୍ଦଲାଲଙ୍କ ପରେ କଳାଭବନର ଅଧ୍ୟକ୍ଷ ଆସନ ତାଙ୍କ ନିମନ୍ତେ ଉଦ୍ଦିଷ୍ଟ ହୋଇଥିଲା ।

ପରବର୍ତ୍ତୀ ଜୀବନରେ ଅଭିଜ୍ଞ ସୁବିଜ୍ଞ ସୁରେନ୍ଦ୍ରନାଥ କଳାଭବନର ଅଧ୍ୟାପନା କାର୍ଯ୍ୟ ତ୍ୟାଗ କରି ସମଗ୍ର ବିଶ୍ୱଭାରତୀର ଗୁରୁଦାୟିତ୍ୱ ବହନ କରିଥିଲେ । କର୍ମସଚିବ ଆସନରେ ବସି ବିଶ୍ୱବିଦ୍ୟାଳୟର ନୀତି ନିୟନ୍ତ୍ରଣରେ ଆଗ୍ରହୀ ହୋଇଥିଲେ । ଧୀରେ ଧୀରେ ସେଉଁପରି କର୍ମକ୍ଷେତ୍ରର ପରିବର୍ତ୍ତନ ଘଟିଲା, ସେହିପରି କଳାସୃଷ୍ଟିର

Digitized by srujanika@gmail.com

ଧାରାମଧ୍ୟ ବଦଳି ଗଲା । ଲଣ୍ଡନରୁ ଶିକ୍ଷାକରି ଆସିଥିବା ଲଆରାର୍ଫି କମ୍ବା ବନ୍ଧୁବର୍ଗାଇ ବଦ୍ୟାସହିତ ସେ ଅଧିକ ସଂପୃକ୍ତ ନ ହୋଇ, ହୋଇଥିଲେ ଆଶ୍ରମର ସୃଷ୍ଟିବିଭାଗ ସହିତ । ସ୍ଥାପତ୍ୟ ବିଦ୍ୟାରେ ବିଶେଷ ଆଗ୍ରହୀ ହୋଇ କାର୍ଯ୍ୟ କରିଥିଲେ । ଏ କ୍ଷେତ୍ରରେ ତାଙ୍କର ପ୍ରଥମ ଉତ୍ସାହଦାତା ଥିଲେ କବିପୁତ୍ର ରଥୀନ୍ଦ୍ରନାଥ ଠାକୁର । ବହୁ ସାଧନା, ଗବେଷଣା, ନିରୀକ୍ଷଣ ଓ ଚିନ୍ତନର ଫଳ ସ୍ୱରୂପ ସୁରେନ୍ଦ୍ରନାଥ ଯେଉଁ ଅଭିନବ ବୈଶିଷ୍ଟ୍ୟ ପ୍ରତିପାଦିତ କରିଥିଲେ ତାହା ହେଉଛି ଭାରତୀୟ ମନ୍ଦିର ସ୍ଥାପତ୍ୟ ଓ ମୋଗଲ ସ୍ଥାପତ୍ୟର ସମ୍ମିଶ୍ରଣରେ ସୃଷ୍ଟ ଏକ ନୂତନ ଭାରତୀୟ ସ୍ଥାପତ୍ୟ । ସମଗ୍ର ଭାରତ ଭ୍ରମଣ କରି ବିଭିନ୍ନ ସ୍ଥାପତ୍ୟ ଶୈଳୀରୁ ଜ୍ଞାନ ଆହରଣ କରି ଶାନ୍ତିନିକେତନକୁ ବିଚିତ୍ର ଗୃହ ଦ୍ୱାରା ବିଭୂଷିତ କରିଥିଲେ । କେବଳ ମାନ ବ୍ୟବହାରିକ ସୁଯୋଗ ସୁବିଧା ବ୍ୟତୀତ ସ୍ଥାପତ୍ୟର ଭାସ୍କର୍ଯ୍ୟ ସୁଲଭ ବାହ୍ୟଛନ୍ଦ ଓ ରୂପର ପରିସ୍ଫୁଟ ଇଙ୍ଗିତ ରହିବା ଏକାନ୍ତ ବାଞ୍ଛନୀୟ । ସୁରେନ୍ଦ୍ରନାଥଙ୍କର ପରିକଳ୍ପିତ ଭାସ୍କର୍ଯ୍ୟର ପ୍ରଥମ ନିଦର୍ଶନ ହେଉଛି ଶାନ୍ତିନିକେତନର ଶମୀନ୍ଦ୍ର କୁଟୀର । କେଉଡ଼ାତଳା ଶ୍ମଶାନରେ ଦେଶବନ୍ଧୁ ଚିତ୍ତରଞ୍ଜନଙ୍କ ସ୍ମୃତିସୌଧ ଓ ଶାନ୍ତିନିକେତନର ସିଂହ ସଦନ, କୋଣାର୍କ, ଉଦୟନ ଓ ଶ୍ୟାମଳୀ ପ୍ରଭୃତିର ବୈଶିଷ୍ଟ୍ୟପୂର୍ଣ୍ଣ ସ୍ଥାପତ୍ୟ ଶୈଳୀକୁ ଲକ୍ଷ୍ୟକରି ଜାତୀୟ ଅଧ୍ୟାପକ ଡକ୍ଟର ସୁନୀତିକୁମାର ନାମକରଣ କରିଥିଲେ 'ସୌରୀନ୍ଦ୍ରିକ ଶୈଳୀ' । ଶ୍ୟାମଳୀର ସ୍ଥାପତ୍ୟକଳାରେ ମୁଗ୍ଧ ହୋଇ ସେହି ଗୃହ ପ୍ରବେଶ ଉପଲକ୍ଷେ ରବୀନ୍ଦ୍ରନାଥ ଯେଉଁ କବିତା ଲେଖିଥିଲେ, ସେଥିରେ ଥିଲା—

> "ହେ, ସୁରେନ୍ଦ୍ର ଗୁଣୀ ତୁମି,
> ତୋମାରେ ଆଦେଶଦିନ, ଧ୍ୟାନେ ତବ, ମୋର ମାତୃଭୂମି—
> ଅପରୂପ ରୂପ ଦିତେ ଶ୍ୟାମ ସ୍ନିଗ୍ଧ ତାଁର ମମତାରେ
> ଅପୂର୍ବ ନୈପୁଣ୍ୟ ବଲେ । ଆଜ୍ଞା ତାର ମୋର
> ଜନ୍ମବାରେ
> ସଂପୂର୍ଣ୍ଣ କରେଛ ତୁମି ଆଜ ।"

ତାଙ୍କ ସହିତ ଆମର ଗ୍ରନ୍ଥ ଜୀବନକୁ ଆନନ୍ଦ ଓ ଆଲୋକ ମଧ୍ୟରେ କଟାଇଛୁ । କେତେବେଳେ ନୀତି ନିର୍ମମ ଅଧ୍ୟକ୍ଷ, କେତେବେଳେ ଉତ୍ସାହୀ ଶିଳ୍ପରସିକ, କେତେବେଳେ ଉପଦେଷ୍ଟା ଗୁରୁଜନ ଓ କେତେବେଳେ ସ୍ନେହଶୁଭେଚ୍ଛୁ ରୂପପତି ରୂପେ ସେ ଆମ ସହିତ ସମ୍ବନ୍ଧ ସ୍ଥାପନ କରିଛନ୍ତି । ଓଡ଼ିଶାରେ ଥିଲାବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିମ୍ବା କଲେଜର ଅଧ୍ୟକ୍ଷଙ୍କ ସମ୍ମୁଖକୁ ଗଲେ ପିଲେହି ଜଳବତ୍ ତରଳ ହୋଇଯାଏ । କିନ୍ତୁ ଏ କ୍ଷେତ୍ରରେ ଭୟମୁକ୍ତ ହୋଇ ଅଧ୍ୟକ୍ଷଙ୍କ ସହିତ କଥାବାର୍ତ୍ତା କରିବାର ସୁଯୋଗ କେବଳ ପ୍ରଥମରୁ ମିଳିନାହିଁ, ନିବିଡ଼ ନିଶ୍ଚିନ୍ତ

Digitized by srujanika@gmail.com

ଘଟେ ମିଶିଯିବାର ସୁଯୋଗ ମଧ୍ୟ ମିଳୁଛି । ହଠାତ୍ ଦିନେ ଖବର ମିଳିଲା ସୁରେନ୍ଦ୍ରନାଥ ଅବସର ଗ୍ରହଣ କରିଛନ୍ତି । ଏହା ପୁଣି ଉଡ଼ା ଖବର । ଛାତ୍ରାବାସରୁ ଆରମ୍ଭ କରି ଅଫିସ ପର୍ଯ୍ୟନ୍ତ, କ୍ଲାସରୁ ଆରମ୍ଭ କରି ଖେଳପଡ଼ିଆ ପର୍ଯ୍ୟନ୍ତ, ସବୁଆଡ଼େ ଓଠ ଚିପି ଚିପି କଥାବାର୍ତ୍ତା । ଗଗନ-ପବନରେ ଖେଳିବୁଲୁଛି ସେହି ଗୋଟିଏ ସମ୍ବାଦ । ସମସ୍ତେ ଗୁନ ଗୁନ ପଚରାପଚରି ହେଉଛନ୍ତି । କିଏ ଯୋର୍‌କରି ବାହାରେ ପ୍ରକାଶ କରିବାକୁ ସାହସ କରିବ ? ହୁଏତ ସବୁ କଥାଟା ସତ ହୋଇ ନ ଥାଏ, ତେବେ ଲଜ୍ଜା ଅପମାନରେ ସରିଯିବ ସିନା ! କେହି କିଛି କହୁ ନ ଥାନ୍ତି କିମ୍ବା ପ୍ରଶ୍ନ କରୁ ନ ଥାନ୍ତି । ଉଦ୍‌ବିଗ୍ନ, ଉତ୍କଣ୍ଠିତ, ଉତ୍ପୀଡ଼ିତ ମୁହୂର୍ତ୍ତଗୁଡ଼ିକର ଅବସାନ ନିମନ୍ତେ ଶେଷକୁ ଆମେ କେତେଜଣ ଛାତ୍ର-ଛାତ୍ରୀ ବାହାରିପଡ଼ିଲୁ । ଯେତେବେଳକୁ ଆମେ ହିଁ ଥାଉ କଳାଭବନର ସର୍ବୋଚ୍ଚ ସୋପାନରେ । ଆମ ସହିତ ସୁରେନ୍ଦ୍ରନାଥ ଅଧ୍ୟକ୍ଷ ରୂପେ ଯୋଗଦେଇଥିଲେ ଓ ଆମେ ବିଦାୟ ନେଲାବେଳକୁ ସେ ମଧ୍ୟ ଅବସର ଗ୍ରହଣ କରୁଛନ୍ତି । ଗୋଟିଏ କଥାରେ କହିବାକୁ ଗଲେ ଆମେ ହିଁ ତାଙ୍କର ପରିପୂର୍ଣ୍ଣ ଅଧ୍ୟକ୍ଷତ୍ୱକୁ ଉପଭୋଗ କରିଛୁ ।

ଧୀରେ ଧୀରେ ଶୀତ ଚାଲିଯାଉଥାଏ । ଚୈତ୍ର ବସନ୍ତର ଲଘୁପରିମଳ ଆଶ୍ରମକୁ ଉଦ୍‌ବେଳିତ କରାଉଥାଏ । ଆମେ ଜଣ ଜଣ କରି ଅଧ୍ୟାପକମାନଙ୍କୁ ପଚାରିଲୁ । ସେମାନଙ୍କର ଦ୍ୱିଧାଜଡ଼ିତ ଉତ୍ତରରେ ଆଇସ୍‌କ୍ରିମ୍ ପରି ତରଳି ପଡ଼ୁଥିବା ଆମର ହୃଦୟକୁ କୌଣସିପ୍ରକାରେ ଦାନା ବାନ୍ଧିପାରିଲା ନାହିଁ । ଶେଷକୁ ଫେରିଲୁ ଉପାଧ୍ୟକ୍ଷ ଧୀରେନ୍‌କୃଷ୍ଣ ଦେବବର୍ମନ୍‌ଙ୍କ ନିକଟକୁ । ନାନାପ୍ରକାର ଗଳ୍ପ ମଧ୍ୟରେ ଅସଲ କଥାଟି ମଧ୍ୟ ପଡ଼ିଲା । ମୁହଁରେ ପରିଣତ ବୁଦ୍ଧିର ଗାମ୍ଭୀର୍ଯ୍ୟ ଫୁଟାଇ ସେ ପରିଷ୍କାର କଣ୍ଠରେ କହିଲେ ଯେ, ଅଧ୍ୟକ୍ଷ ଏହି ଜାନୁୟାରୀ ମାସରେ ଅବସର ନେବେ ଓ ସେଥିପାଇଁ ଏକ ବିଦାୟ ଭୋଜିର ଆୟୋଜନ କରିବା ବାଞ୍ଛନୀୟ ।

ଉତ୍କଣ୍ଠା କଣ୍ଟକିତ ମୁହୂର୍ତ୍ତର ଅବସାନ ହେଲା । କିନ୍ତୁ ବେଦନାର ପ୍ରଚଣ୍ଡ ଆଘାତରେ ଅନ୍ତଃସ୍ଥଳ ପ୍ରକମ୍ପିତ ହୋଇ ଉଠିଲା । ଅଧ୍ୟକ୍ଷଙ୍କର ଅବସର ଗ୍ରହଣରେ ବିଦାୟ ସଭା ସମ୍ବନ୍ଧରେ କଳ୍ପନା ମଧ୍ୟ କରି ପାରିଲୁ ନାହିଁ । ବହୁ ବିଦ୍ୟାର୍ଥୀରେ ଗୁରୁ ଓ ଛାତ୍ରମାନଙ୍କର ବିଦାୟ ସଭାରେ ଯୋଗ ଦେଇଛୁ । ମର୍ମସ୍ପର୍ଶୀ ଅଶ୍ରୁସିକ୍ତ ଭାଷଣମାଳା ଶୁଣିଛୁ । ଭୋଜି ଭାତ ଖାଇ ମନ ରଙ୍ଗାଇଛୁ; କିନ୍ତୁ ଏ କ୍ଷେତ୍ରରେ ସବୁଗୁଡ଼ିକ ନିହାତ ମାମୁଲି ମନେହେଲା । ଯାହାଙ୍କର ଅସାମାନ୍ୟ ମନୀଷା ଓ ଅସାଧାରଣ ବିଶ୍ଳେଷଣ ଆମର ମର୍ମେ ମର୍ମେ ସଞ୍ଜୀବିତ ହୋଇ ରହିଛି, ତାହାଙ୍କୁ କିପରି ବିଦାୟ ସମ୍ଭାଷଣ ଜଣାଇବୁ କଳନା କରି ପାରିଲୁ ନାହିଁ । ତଥାପି ଏକ କଳ୍ପିତ ବିଦାୟ ସଭାର ଆୟୋଜନରେ ଲାଗିପଡ଼ିଲୁ ।

Digitized by srujanika@gmail.com

ସ୍ଥିର କରାଗଲା ଯେ ବଣ ଭୋଜିଟାଏ ହେବ ଓ ସେହିଠାରେ ଅଧ୍ୟକ୍ଷ ସୁରେନ୍ କରଙ୍କୁ ବିଦାୟ ଦିଆଯିବ । କଥାଟା ସମସ୍ତଙ୍କ ମନକୁ ପାଇଲା । ସ୍ଥାନ ନିରୂପଣ କରାଗଲା—ସଦାନୀରା ନିର୍ଝରିଣୀ କପାଇ ନଦୀର କୂଳରେ ପଲାଶମାଳା ଠାରେ । ଆଦ୍ୟ ଫଗୁଣର ଉତ୍ସବରେ ପଲାଶମାଳାର ଶୋଭା ବହୁଗୁଣିତ ହୋଇ-ଯାଇଥାଏ । ଏଣେ ଶୀତ ଗୁଡ଼ିଯାଉଥାଏ କିନ୍ତୁ ଖରାଟା ଟାଣ ହୋଇ ନ ଥାଏ । ଉପଯୁକ୍ତ ପରିବେଶ ।

ନିର୍ଦ୍ଦିଷ୍ଟ ଦିନ ଦଳ ଦଳ ହୋଇ ଛାତ୍ର-ଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା, କର୍ମୀ ଯାଇଁ କ୍ଷିପ୍ର ପ୍ରବାହିତା କ୍ଷୀଣତୋୟା କପାଇ କୂଳରେ ଆସ୍ଥାନ ଜମାଇଲେ । ଉଚ୍ଛ୍ୱସିତ ତରୁଣ ପ୍ରାଣର ଲୋହିତାଭା ପ୍ରସ୍ଫୁଟିତ ପଲାଶର ବର୍ଣ୍ଣାଢ୍ୟ ସୁଷମାକୁ ବୁଡ଼ାଇ ପକାଇଲା । ଅଧ୍ୟକ୍ଷ ମହାଶୟଙ୍କୁ ପୂର୍ବରୁ ସମ୍ବାଦ ଦିଆଯାଇଥିଲା । ସେ କଥିତ ସମୟରେ ପହଞ୍ଚିଲେ । ସାଙ୍ଗରେ ତାଙ୍କର ଥାଏ ଗୋଟିଏ ଗୋରୁ ଗାଡ଼ି । ଗାଡ଼ି ଚକାର ବିକଳ ବିଳାପରାଗିଣୀ ସୁପକ୍ଷ ଅରଣ୍ୟର ଶାଖା ସଞ୍ଚାରିତ ମର୍ମର ଶବ୍ଦକୁ ବୁଡ଼ାଇ ପକାଉଥାଏ । ନିଜ ଘରୁ କେତେ କିସମର ମିଠା, ଡାଲି ଓ ଖଟା ରନ୍ଧାଇ ସେ ଆଣିଥାନ୍ତି ଏହି ଗାଡ଼ିଟିରେ । ଆସି ପହଞ୍ଚିବା କ୍ଷଣି ସେଗୁଡ଼ିକ ଓହ୍ଲାଇ ରଖିବାର ବ୍ୟବସ୍ଥା କରିଦେଲେ । ଆଉ ଅନ୍ୟାନ୍ୟ କାମ ଦାମ ସବୁ ପୂର୍ବ ପରି ତନଖି ନେଲେ ଗୋଟି ଗୋଟି କରି । ଗୃହୀ କଳଖିଆର ପର୍ବ ଶେଷ ହେଲାଣିକି ନାହିଁ, ତାହା ମଧ୍ୟ ବୁଝିବାକୁ ଭୁଲିଲେ ନାହିଁ । ଲଗିପଡ଼ିଲେ ପରଷେଇର ଉଦ୍ୟମରେ । କେଉଁମାନେ ପରିବା କାଟି ପରଷେଇରେ ସାହାଯ୍ୟ କରିବେ, କେଉଁମାନେ ନାଚଗୀତରେ ଯୋଗ ଦେବେ, କେଉଁମାନେ କ୍ୟାରମ ଓ ତାସ ଖେଳିବେ, କେଉଁମାନେ ନଈର ପାଣି ଆଣି ଯୋଗାଇବେ ସେ ସବୁର ମୋଟା-ମୋଟି ହିସାବ ମୁହେଁ ମୁହେଁ ହୋଇଗଲା । ସବୁଠାରୁ ସେ ଅଧିକ କର୍ମତତ୍ପର । କର୍ମହିଁ ପ୍ରାଣ । ଯଥାସମୟରେ ବଣ ଭୋଜିର ପର୍ବ ସରିଲା । ଆନନ୍ଦ କୋଳାହଳ ମଧ୍ୟରେ ସମସ୍ତେ ଅଗମ୍ୟ ଅରଣ୍ୟର ଉପକଣ୍ଠରୁ ସୁଗମ୍ୟ ଶାନ୍ତିନିକେତନ ଉଦ୍ଦେଶ୍ୟରେ ବାହୁଡ଼ା ଯାତ୍ରା ଆରମ୍ଭ କରିଦେଲେ ।

କଳାଭବନର ଛାତ୍ରାବାସରେ ଆସି ପହଞ୍ଚିଲା ପରେ, ପିଲାଙ୍କ ମଧ୍ୟରେ ଭାଳେଣି ପଡ଼ିଗଲା । କାହିଁ ବିଦାୟୀ ଅଧ୍ୟକ୍ଷଙ୍କ ନିମନ୍ତେ ସଭାଟିଏ ଅନୁଷ୍ଠିତ ହୋଇପାରିଲା ନାହିଁ ? ତେବେ ଏହି ବିଶେଷ ବଣଭୋଜି କ'ଣ କେବଳ ଭୋଜିରେ ରହିଗଲା ? ପୁଣି ଯାଇଁ ପହଞ୍ଚିଲୁ ନୂତନ ଅଧ୍ୟକ୍ଷ ଧୀରେନ୍‌କୃଷ୍ଣଙ୍କର ନିକଟରେ ପରାମର୍ଶ ପାଇଁ । ସେ ଏଥର କହିଲେ—"ଯେଉଁ ସୁରେନ୍ ବାବୁ ଆମ ସହିତ ସବୁକ୍ଷେତ୍ରରେ ନିଜକୁ ମିଶାଇ ରଖିଛନ୍ତି, ତାଙ୍କୁ କ'ଣ ବିଦାୟ

Digitized by srujanika@gmail.com

ଦିଆଯାଇପାରେ ? ସେ ପ୍ରାକ୍-ବିଶ୍ୱଭାରତୀ ପୂର୍ବରୁ ଆସି ରହିଛନ୍ତି । କବିଗୁରୁଙ୍କର ବିଶ୍ୱ ଭ୍ରମଣର ସେ ଅନ୍ତରଙ୍ଗ ସଙ୍ଗୀ । ଆଶ୍ରମର ଅନୁଗତ, ସେବକ, ବିଚକ୍ଷଣ ! ତାହାଙ୍କୁ ବିଦାୟ ଦେବା ଅତିଶୟ ଗ୍ଳାନିକର । ତୁମେମାନେ ଦେଖିଲ ନାହିଁ, ସେ କିପରି ନିଜ ଘରୁ ଆଣି ଆମ ଭୋଜିରେ ମିଠା-ଖଟା ପରଷି ଦେଇଗଲେ ?"

ମୁହଁ ଫିକା ପଡ଼ିଗଲା । ସବୁ ବୁଝି ମଧ୍ୟ ଅବୁଝା ମନ ସନ୍ତୁଷ୍ଟ ହୋଇ ପାରିଲା ନାହିଁ । ଶେଷରେ ଗଲୁ ସୁରେନ୍ କରଙ୍କର ଘରଯାଏ । ଅଧିକ ରାତି ନ ହୋଇଥିଲେ ମଧ୍ୟ ସେ ଆମ୍ଭମାନଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ଏଥର ସବୁପ୍ରକାର ଲଜ୍ଜା ଓ ସଙ୍କୋଚକୁ ପୋଛିପକାଇ ସବୁକଥା ତାହାଙ୍କୁ ନିବେଦନ କଲୁ । ସେ କହିଲେ—"ତୁମେ ସବୁ ଜଣେ ଜଣେ ବଦ୍ଧ ପାଗଳ । ଏକାଠି ନହେବାରୁ ସବୁପ୍ରକାର ପାଗଳାମୀ ତୁମର ମୁଣ୍ଡକୁ ଆସୁଛି ।"

ପରଦିନ କଳାଭବନ ସମ୍ମୁଖରେ ଝୁଲୁଥିବା ନୋଟିସ୍ ବୋର୍ଡ଼ରେ ଦେଖିଲୁ ଯେ ଉପାଚାର୍ଯ୍ୟ ମହାଶୟ ଜଣାଇ ଦେଇଛନ୍ତି ଶିଳ୍ପୀ ଧୀରେନ୍‌କୃଷ୍ଣ ଦେବ ବର୍ମନଙ୍କର ଅଧ୍ୟକ୍ଷ ହେବାର ସମ୍ବାଦ !

॥ ଏଗାର ॥

ଅତୀତର ସ୍ମୃତି କେତେକ ପରିମାଣରେ ଫିକାଳିଆ ହୋଇ ଆସିଥିଲେ ମଧ୍ୟ ସ୍ପଷ୍ଟ ମନେ ପଡ଼େ ଯେ, କଳାଭବନର ଛାତ୍ରମାନଙ୍କର ପାଠପଢ଼ା ସହିତ ଅନ୍ୟ ଏକ ଦାୟିତ୍ୱ ମଧ୍ୟ ଥାଏ । ତାହା ହେଉଛି ଶାନ୍ତିନିକେତନ ଆଶ୍ରମର ବିଭିନ୍ନ ଉତ୍ସବ, ଅନୁଷ୍ଠାନ, ନାଟକ ଅଭିନୟରେ ମଣ୍ଡପ ଇତ୍ୟାଦି ସାଜସଜ୍ଜା । ଫଳରେ ଏହି ଉତ୍ସବଗୁଡ଼ିକ ଅନୁଷ୍ଠାନ ସର୍ବସ୍ୱ ନ ହୋଇ ହୋଇଥାଏ ସୌନ୍ଦର୍ଯ୍ୟାନୁଭୂତି ସମ୍ପନ୍ନ । ପ୍ରୟୋଜନଗନ୍ଧୀ ବ୍ୟବହାରିକତା ମଧ୍ୟରେ ସଞ୍ଚାରିତ ହୁଏ ଶିଳ୍ପଗତ ମାଧୁର୍ଯ୍ୟ ।

ବର୍ଷାଦିନେ ହୁଏ ଶ୍ରୀନିକେତନ ଠାରେ ହଳକର୍ଷଣ, ଶାନ୍ତିନିକେତନରେ ବୃକ୍ଷରୋପଣ ଓ ବର୍ଷାମଙ୍ଗଳ ଉତ୍ସବ । ଶ୍ରୀ ନିକେତନଠାରେ କବି ଯେଉଁ ପଲ୍ଲୀ-ଉନ୍ନୟନ ଯୋଜନା ଆରମ୍ଭ କରିଥିଲେ, ସେଥିରେ ହଳ କର୍ଷଣ ହେଉଛି କୃଷି,

Digitized by srujanika@gmail.com

କୃଷକ ଓ ଶିଳ୍ପ ସମ୍ପର୍କୀୟ ପର୍ବ । ବଳଦମାନଙ୍କୁ ଅତି ନିପୁଣ ଭାବରେ ସଜାଇବାକୁ ପଡ଼ୁଥିଲା ଓ ବାଡ଼ିଟକାୟ ଲମ୍ବଧରଣର ଚିତ୍ରା ଚିତ୍ର ଟିଏ ଭୂଇଁରେ ଅଙ୍କନ କରିବାକୁ ହେଉଥିଲା । ବୃକ୍ଷରୋପଣ ଉତ୍ସବରେ ପାଞ୍ଚଗୋଟି ବାଳକଙ୍କୁ ପଞ୍ଚଭୂତ ରୂପେ ସଜାଇବା ସଙ୍ଗେ ସଙ୍ଗେ, ବୃକ୍ଷଶିଶୁକୁ ବହି ଆଣିବା ନିମନ୍ତେ ଦୋଳା ଓ ତାଳପତ୍ର ଛତାକୁ ନାନାପ୍ରକାର ଫୁଲ ଓ ପତ୍ରରେ ସଜାଇବା ଥିଲା କଳାଭବନର ଛାତ୍ରଛାତ୍ରୀଙ୍କର କର୍ତ୍ତବ୍ୟ ସୀମା ମଧ୍ୟରେ । ବର୍ଷାମଙ୍ଗଳର ଅଭିନୟ ମଣ୍ଡପକୁ ବର୍ଷାକାଳୀନ ଫୁଲ, ଡାଳ ପତ୍ରରେ ସଜାଇ ଦିଆଯାଇଥାଏ । ନିର୍ମମ ନିର୍ଜୀବ ମୂର୍ତ୍ତି ମଣ୍ଡପ କେବଳ ଶିଳ୍ପୀର ହାତ ବାଜି ହୋଇଉଠେ ଚକ୍ଷୁଆକର୍ଷକ ଓ ନୟନ ମନ ତୃପ୍ତି ବିଧାୟକ । କିଆ, କଦମ୍ବ, ମାଳତୀ, ରଜନୀଗନ୍ଧା ପ୍ରଭୃତି ଫୁଲର ମହକରେ ପ୍ରାଣେନ୍ଦ୍ରିୟ ଉତ୍ତେଜିତ ହୋଇଉଠେ । ପ୍ରକୃତିର ଅସୀମ ଭଣ୍ଡାରରୁ ଶିଳ୍ପୀମାନେ ଯୁଗେ ଯୁଗେ ପ୍ରେରଣା ଆହରଣ କରିଛନ୍ତି । ରୂପର ଗଢ଼ଣ, ବର୍ଣ୍ଣର ଚମତ୍କାରିତା ସମ୍ବନ୍ଧରେ ହୋଇଛନ୍ତି ଆଗ୍ରହୀ ।

ପୌଷ ସାତଦିନ ଠାରୁ ଶାନ୍ତିନିକେତନରେ ସବଠାରୁ ଉତ୍ସବ ପୌଷମେଳା ତିନିଦିନ ପାଇଁ ହୁଏ । ୧୮୪୩ ମସିହା ଡିସେମ୍ବର ୨୧ ତାରିଖ ଦିନ ମହର୍ଷି ଦେବେନ୍ଦ୍ର ନାଥ ଠାକୁର ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ । ଏହି ମେଳାଟି ହେଉଛି ତାହାର ସ୍ମାରକୀ । କୁଳବୃକ୍ଷ ସପ୍ତପର୍ଣ୍ଣୀ ବୃକ୍ଷର ବେଦୀରେ ନାନା ପ୍ରକାର ଚିତ୍ରାଚିତ୍ର ଅଙ୍କନ କରି ସଜାଇ ଦିଆଯାଏ । ସେଠାରେ ସମବେତ ପ୍ରାର୍ଥନା କରାଯାଏ । ଆଉ ମଧ୍ୟ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୁଏ ଆମ୍ର କୁଞ୍ଜରେ । ସ୍ନାତକମାନଙ୍କୁ ସପ୍ତପର୍ଣ୍ଣୀ ପତ୍ର ସହିତ ଉପାଧି ପ୍ରଦାନ କରାଯାଏ । ଏଣୁ ଶ୍ୟାମ ଶୁଷ୍ପାଦନ ପ୍ରସିଦ୍ଧ ଆମ୍ରକୁଞ୍ଜରେ ସମାବର୍ତ୍ତନ ମଣ୍ଡପ ସଜାଇବାଠାରୁ ଆଚାର୍ଯ୍ୟ ଦେବଙ୍କ ନିମନ୍ତେ ବାଡ଼କରେ ଘୃଦର ପ୍ରସ୍ତୁତ କରିବା ପର୍ଯ୍ୟନ୍ତ ସବୁ କାମ ହେଉଛି କଳାଭବନର ଶିଳ୍ପୀ ଓ ଶିଳ୍ପ ଛାତ୍ର-ଛାତ୍ରୀମାନଙ୍କର । ଏହା ବ୍ୟତୀତ କଳାଭବନ ପରିବାରର ସମସ୍ତେ ମିଶି ଛୋଟ ଛୋଟ ଛବି ଅଙ୍କନ କରି ମେଳାରେ ବିକ୍ରୀ କରନ୍ତି । ଏହି କାର୍ଡ଼ ଗୁଡ଼ିକ ସେ ସମୟରେ ଏକଟଙ୍କା ବା ଦୁଇଟଙ୍କା ଠାରୁ ଆରମ୍ଭ କରି ପାଞ୍ଚ ଟଙ୍କା ମଧ୍ୟରେ ବିକ୍ରୀ ହେଉଥିଲା । ଯେଉଁମାନେ ଘର ସଜାଇବା ନିମନ୍ତେ କିଣି ନିଅନ୍ତି, ସେମାନେ ନିଜର ରୁଚି ଓ ବିଚାର ସଙ୍ଗତି ଉପରେ ନିର୍ଭର କରି କିଣନ୍ତି । ନିଜେ ନନ୍ଦଲାଲ ଓ ଅନ୍ୟାନ୍ୟ ଅଧ୍ୟାପକମାନେ ମଧ୍ୟ ଏହି ମେଳାରେ ବିକ୍ରୀ ପାଇଁ କାର୍ଡ଼ଚିତ୍ର ଅଙ୍କନ କରିଥାନ୍ତି । ପ୍ରାୟ ଏକମାସ ପୂର୍ବରୁ ଏଥିନିମନ୍ତେ ଯୋଜନା କରି କାର୍ଯ୍ୟାରମ୍ଭ କରାଯାଏ । ପୌଷମେଳାରେ ଆକର୍ଷଣୀୟ ବିଷୟ ମଧ୍ୟରେ ସାହାନାଇ ବାଦ୍ୟ, କବିଗାନ,

Digitized by srujanika@gmail.com

ଓ ଗ୍ରନ୍ଥିରେ ବାଣମଗ୍ରର ଦୃଶ୍ୟ ଏକାନ୍ତ ଉପଭୋଗ୍ୟ ହୋଇଥାଏ । ଏହା ବ୍ୟତୀତ ଅଜସ୍ର ତାଳପତ୍ର ଆଲଖାଲ୍ଲା ପିନ୍ଧି ହାତରେ ସାପ· ଭଳି ଅଦ୍ଭୁତ ଆକୃତିର ଦାଣ୍ଡି ଓ ଏକତାରା ଧରି ବୃଦ୍ଧ ବାଉଲର ଗୀତ ଥାଏ କଳାଭବନ ଛାତ୍ରମାନଙ୍କ ନିମନ୍ତେ ଅନ୍ୟତମ ଆକର୍ଷଣ ।

ଫଗୁଣ ପୂର୍ଣ୍ଣିମାରେ ବସନ୍ତୋତ୍ସବ ହୁଏ । ବାଳକ ବାଳିକାମାନେ ହଳଦିଆ ଲୁଗା ପିନ୍ଧି ଆମ୍ରମଞ୍ଜରୀ, ଅଶୋକ କଳି, ଶାଳମଞ୍ଜରୀ ଓ ଫୁଟନ୍ତ ପଳାଶ ଫୁଲର ଅଳଙ୍କାର ପିନ୍ଧି ସୁବେଶ ହୋଇ ନାଚି ନାଚି କଳାଭବନ ପରିସର ମଧ୍ୟରୁ ବାହାରନ୍ତି । ସେମାନଙ୍କ କଣ୍ଠରେ ଥାଏ ଫଗୁଣର ଆବାହନୀ—"ଖୋଲ ଦ୍ୱାର ଖୋଲ, ଲାଗଲ ଯେ ଦୋଲ·· ।" ଆମ୍ର କୁଞ୍ଜରେ ଋତୁରାଜଙ୍କର ସମ୍ବର୍ଦ୍ଧନା କରାଯାଏ । ରାତିରେ ନାଟକ ହୁଏ ମଞ୍ଚସ୍ଥ । ଏହା ଛାତ୍ର-ଛାତ୍ରୀ ଓ ଅଧ୍ୟାପକ-ଅଧ୍ୟାପିକାଙ୍କର ସମବେତ ପ୍ରୟାସର ଫଳ । ଫଗୁ ଉତ୍ସବର ମଦନ ମାଦକ ଭରା ସାଜସଜ୍ଜାରେ କଳାଭବନର କୃତିତ୍ୱ ନିହିତ । ଏହାର ଚମତ୍କାର ସୂଚନା ମିଳିଥାଏ କବିତାରୁ—

"ଗଳାରେ କାହାର ମାଧବୀର ମାଳା କାନରେ ପଳାଶ କଢ଼ି
ବେଣୀ ବୃନ୍ତରୁ ଅଶୋକ କୁସୁମ କାହାର ପଡ଼ଇ ଝଡ଼ି ।
ଗୋ ରଚନା ଗୋରା କପାଳ ଉପରେ ଶାଳମଞ୍ଜରୀ ଦେଇ
ଅତି ମନୋରମ, ଅତି ଆଧୁନିକ ଗହଣା ନାଇଛି କେହି ।
କିଏ ସେ ବୋଲିଛି କେତକୀ ପରାଗ ଶ୍ରୀମୁଖେ ଆଦର କରି
କାହା ପଣତରୁ ମୋହିତା ବାଂତକର ବଇଭବ ପଡ଼େ ଝରି ।
ସବୁ ନାଲି ଝରା ଚକ୍ ଚକ୍ କରେ ଦେହରେ ମୁହଁରେ ଲାଗି
ମୋ ମନେ ରହିବ ଏ ଫଗୁ ଗୋଧୂଳି ଜନମେ ଜନମେ ଜାଗି ।"

ପଣା ସଂକ୍ରାନ୍ତି ବା ପ୍ରଥମ ବୈଶାଖରେ ବଙ୍ଗୀୟ ନବବର୍ଷ ପାଳନ କରାଯାଏ । ଛାତ୍ରୀ ସୁଶୀତଳ ପୁଷ୍ପିତ ବକୁଳ ସାଥିରେ ମିଷ୍ଟାନ୍ନ ଓ ପଣା ବିତରଣ କରାଯାଏ । ବିଶ୍ୱ କବିଙ୍କର ଜନ୍ମୋତ୍ସବ ହେବାର କଥା ବୈଶାଖର ପଚିଶ ଦିନ । କିନ୍ତୁ ସେତେବେଳକୁ ଗ୍ରୀଷ୍ମାବକାଶ ନିମନ୍ତେ ବିଶ୍ୱବିଦ୍ୟାଳୟ ବନ୍ଦ ରହୁଥିବାରୁ ରବୀନ୍ଦ୍ର ଜୟନ୍ତୀ ପାଳନ କରାଯାଏ ଏହି ପ୍ରଥମ ବୈଶାଖରେ । ସେଥି ନିମନ୍ତେ ଆମ୍ରକୁଞ୍ଜର ମଣ୍ଡପକୁ ସଜାଇ ରଖିବାକୁ ଲେଖିବାକୁ ହୋଇଥାଏ । ଗ୍ରୀଷ୍ମ, ବର୍ଷା, ଶରତ, ବସନ୍ତ ପ୍ରଭୃତି ଋତୁକୁ ମୂଳ କରି ଯେଉଁ ଉତ୍ସବ ହୁଏ ତାହାର ପ୍ରଧାନ ଅଙ୍ଗ ହେଉଛି ଖୋଟିଚିତା । ଶାନ୍ତି ନିକେତନର ଉତ୍ସବ ପ୍ରାଙ୍ଗଣକୁ ଏଥିରେ

Digitized by srujanika@gmail.com

ପ୍ରାଣବନ୍ତ କରାଯାଏ । ପ୍ରତ୍ୟେକ ଋତୁରେ ଫୁଟିଥିବା ଫୁଲ ଓ ପତ୍ରକୁ ଏହି ଚିତା ଚିତ୍ର ମଧ୍ୟରେ ଆଲଙ୍କାରିକ ରୂପଦେବା ହେଉଛି ଏହାର ପ୍ରଧାନ ବୈଶିଷ୍ଟ୍ୟ । ଶଙ୍ଖ, ଛତ୍ର, ପଦ୍ମ ସ୍ୱସ୍ତିକ, ପାଶ, ମତ୍ସ୍ୟ, ଘଟ, ଚକ୍ର ଓ ପ୍ରଦୀପ ଇତ୍ୟାଦି ମଙ୍ଗଳ ଚିହ୍ନଗୁଡ଼ିକ ମଧ୍ୟ ଯଥାଯଥ ବ୍ୟବହାର କରାଯାଏ । ଉତ୍ସବ ନିମନ୍ତେ କଳାଭବନର ଶିଳ୍ପୀମାନେ କେବେହେଲେ ବ୍ୟୟବହୁଳ ଦ୍ରବ୍ୟମାନ କ୍ରୟ କରାଇ ନ ଥାନ୍ତି । ବରଂ ଆଶ୍ରମର ଜୀବନ ଯାହା ସହିତ ଶିଳ୍ପର ଗଭୀର ଯୋଗାଯୋଗ ଓ ଉନ୍ନତ-ମାନର ରୁଚି ମଧ୍ୟରେ ଶିଳ୍ପର ନିରଙ୍କୁଶ ପ୍ରଭାବ ଲକ୍ଷ୍ୟ କରାଯାଏ । ଯାହା ସାମାନ୍ୟ ତାହାହିଁ ଅସାମାନ୍ୟ । ଶିକ୍ଷାର୍ଥୀମାନଙ୍କ ମନ ଓ ପ୍ରକୃତି ମଧ୍ୟରେ ସଂଯୋଗ ସ୍ଥାପନର ଏକ ଉପାୟ ।

ବର୍ତ୍ତମାନ ଯୁଗରେ ଯେ କୌଣସି ବିଦ୍ୟାଳୟ, ମହାବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟର ପରିସର ମଧ୍ୟରେ ବିଦ୍ୟା, ବୁଦ୍ଧି ଓ ସଂସ୍କୃତିର ଅହଙ୍କାରରେ ଗର୍ବିତ କର୍ମୀ ଓ ଛାତ୍ରମାନେ ଯେଉଁସବୁ ସାଂସ୍କୃତିକ ଅନୁଷ୍ଠାନର ଆୟୋଜନ କରିଥାନ୍ତି, ତାହାର ଜାକଜମକ, ମାଇକ୍ ଗାଜଣା ଓ ଲାଇଟ୍ ବତିର ଯନ୍ତ୍ରତନ୍ତ୍ର ବ୍ୟବହାର ନିମନ୍ତେ ବିପୁଳ ଅର୍ଥନାଶର ପରିମାପକୁ ଲକ୍ଷ୍ୟ କଲେ ମନେହୁଏ ଆମର ନୈତିକ ଜ୍ଞାନ ଓ ବିଚାର ବୁଦ୍ଧି ସୁସ୍ପଷ୍ଟ ଭାବେ ବିଭ୍ରାନ୍ତ । ଯେଉଁ ଦେଶରେ ଅନ୍ନ, ବସ୍ତ୍ର, ଶିକ୍ଷା, ଚିକିତ୍ସା ଓ ବାସଗୃହ ଭଳି ପ୍ରାଥମିକ ଆବଶ୍ୟକତା ପୂରଣ କରାଯାଇ ପାରୁନାହିଁ, ସେହି ଦେଶରେ ଅର୍ଦ୍ଧମୃତ, ସଦାକ୍ଲିଷ୍ଟ ଜନସାଧାରଣଙ୍କ ସରକାର ଅନ୍ୟ ଦେଶ ନିକଟରେ ଅଞ୍ଜଳି ପାତି ଭିକ୍ଷା ଗ୍ରହଣ କରୁଥିବା ସମୟରେ, ସେହି ଦେଶର ଶିକ୍ଷାନୁଷ୍ଠାନଗୁଡ଼ିକ ଛଳେ, ବଳେ, ପୀଡ଼ନ କୌଶଳେ ଅର୍ଥ ସଂଗ୍ରହ କରି ତାହାକୁ ନିକୃଷ୍ଟ ରୁଚିର କାର୍ଯ୍ୟରେ ଉଡ଼ାଇଦେବା ଆଦୌ ଯଥାର୍ଥ ନୁହେଁ । ବରଂ ଶାନ୍ତିନିକେତନୀୟ ଉତ୍ସବ ଅନୁଷ୍ଠାନର ସାଜସଜ୍ଜା ପଥପ୍ରଦର୍ଶକ ହେଉ !

ଶାନ୍ତିନିକେତନର ସାପ୍ତାହିକ ଛୁଟି ଦିବସ ହେଉଛି ବୁଧବାର । ରବିବାର ନୁହେଁ । ସେହିଦିନ ସାଧାରଣ ଭୋଜନାଳୟରେ ମାଂସ ଖାଇବାକୁ ଦିଆଯାଏ ଓ ବୋଲପୁର ଠାରୁ ଧୋବାମାନେ ଦଳ ଦଳ ହୋଇ ଗଧ ପିଠିରେ ସଫାଲୁଗା ବୋହିଆଣି ଛାତ୍ରାବାସରେ ଯୋଗାଇ ଦିଅନ୍ତି ଓ ମଇଳା ଲୁଗା ନେଇ ଯାଆନ୍ତି । ଆଶ୍ରମର କାଚ ନିର୍ମିତ ମନ୍ଦିରରେ ସାମୂହିକ ପ୍ରାର୍ଥନା ହୁଏ । ଏହି ମନ୍ଦିର ମଧ୍ୟରେ କୌଣସି ଦେବ ବିଗ୍ରହ ନାହିଁ । ରବୀନ୍ଦ୍ର ସଙ୍ଗୀତର ମଝିରେ ଆଚାର୍ଯ୍ୟ କ୍ଷିତିମୋହନ ସେନ ସଂକ୍ଷିପ୍ତ ଭାଷଣମାନ ଦେଇଥାନ୍ତି । ଏହି ମନ୍ଦିରରେ ଚିତ୍ରାଲେଖି ପରିବେଶକୁ ରୁଚିମନ୍ତ କରିବାର ଦାୟିତ୍ୱ କଳାଭବନରେ ଛାତ୍ର-ଛାତ୍ରୀଙ୍କ ଉପରେ ନ୍ୟସ୍ତ ।

Digitized by srujanika@gmail.com

ଶାନ୍ତିନିକେତନ ଆଶ୍ରମରେ ଜାତି, ଧର୍ମ, ବର୍ଣ୍ଣର ଭେଦ ନାହିଁ । ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ସମଗ୍ର ବିଶ୍ୱକୁ ଗୋଟିଏ ନୀଡ଼ ରୂପେ ପରିକଳ୍ପନା କରାଯାଇଛି— "ଅଥେଯଂ ବିଶ୍ୱଭାରତୀ ଯତ୍ର ବିଶ୍ୱଂ ଭବତ୍ୟେକନୀଡ଼ମ୍" (This is Viswa bharati where the world makes a home in a single nest.) । ଏଠାରେ ଜ୍ଞାନ ଆହରଣ ଓ ସତ୍ୟପ୍ରକାଶ କ୍ଷେତ୍ରରେ ସର୍ବଜାତିକ ମନୁଷ୍ୟଙ୍କୁ ଓ ବିଶ୍ୱ ପ୍ରକୃତିକୁ ଉଚ୍ଚ ସମ୍ମାନ ଦିଆଯାଇଛି । ଏଣୁ ଉତ୍ସବ ଅନୁଷ୍ଠାନ ଓ କୁଟିଶିଳ୍ପକୁ କରାଯାଇଥାଏ ପ୍ରାକୃତିକ ପରିବେଶ ମଧ୍ୟରେ ପ୍ରକୃତିର ବୈଶିଷ୍ଟ୍ୟକୁ ଉଦ୍‌ବୋଧିତ କରିବା ପାଇଁ । ଏହା ହେଉଛି ବିଶ୍ୱଭାବନାର ପ୍ରତୀକ । ଏହାଦ୍ୱାରା ବିଭିନ୍ନ ମତାବଲମ୍ବୀ ମଣିଷଙ୍କୁ ଗୋଟିଏ ସୂତ୍ରରେ ଗୁନ୍ଥିଦେବାକୁ ସୁବିଧା । ଏଥିରେ ବାଧା ନାହିଁ । ଏଣୁ ବିରୋଧ ନାହିଁ ।

ଗୁରୁଦେବ ରବୀନ୍ଦ୍ର ନାଥ ଠାକୁର ଓ ମହାତ୍ମା ମୋହନ ଦାସ କରମ ଚାନ୍ଦ ଗାନ୍ଧି ଭାରତର ସାଂସ୍କୃତିକ ତଥା ରାଜନୈତିକ ସ୍ୱାଧୀକାର ନିମନ୍ତେ ଯଥେଷ୍ଟ ସଚେତନ ହୋଇ ଉଠିଥିଲେ । ସେହି ଅନୁସାରେ ଶାନ୍ତିନିକେତନ ଆଶ୍ରମର କର୍ମୀ ଓ ସେବାଗ୍ରାମ ଆଶ୍ରମର କର୍ମୀଙ୍କର ପରିଣତି ମୁଖ୍ୟତଃ ଗୋଟିଏ ହୋଇଥିଲେ ସୁଦ୍ଧା ମାର୍ଗଥିଲା ଭିନ୍ନ ପ୍ରକାରର । ୧୯୨୧ ମସିହା ମାର୍ଚ୍ଚ ମାସ ୧୩ ତାରିଖରେ ମହାତ୍ମା ଶାନ୍ତି ନିକେତନରେ ଉପସ୍ଥିତ ହୋଇ ଗୁରୁଦେବଙ୍କର ଅତିଥି ହୋଇଥିଲେ । ଆଶ୍ରମବାସୀମାନଙ୍କୁ ସ୍ୱାବଲମ୍ବୀ ହେବା ନିମନ୍ତେ ଉପଦେଶ ଦେଇଥିଲେ । ଉପଦେଶର ପୁଣ୍ୟ ସ୍ମୃତିକୁ ସ୍ମରଣ କରିବା ପାଇଁ ଆଶ୍ରମରେ ଏହି ଦିନକୁ କୁହାଯାଇଥାଏ ଗାନ୍ଧିପୁଣ୍ୟାହ । ପ୍ରତ୍ୟେକ ଆଶ୍ରମବାସୀ ଗାନ୍ଧି ମହାରାଜାଙ୍କ ଶିଷ୍ୟହୋଇ ସ୍ୱହସ୍ତରେ ସମସ୍ତ କର୍ମ ସମ୍ପାଦନ କରିଥାନ୍ତି ଓ ଭୃତ୍ୟାଶ୍ରିତ-ଶ୍ରମିକର ପ୍ରବୃତ୍ତିଙ୍କୁ ଛୁଟି ଦେଇଥାନ୍ତି । କଳାଭବନର ଛାତ୍ର-ଛାତ୍ରୀ ଆଚାର୍ଯ୍ୟ ନନ୍ଦଲାଲଙ୍କ ନେତୃତ୍ୱରେ ଆଶ୍ରମର ସଫାଇ ଦାୟିତ୍ୱ ହାତକୁ ନିଅନ୍ତି । ଆଶ୍ରମ ଚଳାଇବାଠାରୁ ଆରମ୍ଭ କରି ପାଇଖାନା ସଫାଇ କରିବା ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟରେ ଥାଏ ନିଷ୍ଠାର ବୀଜ ନିହିତ । ପରିବେଶର ପରିଚ୍ଛନ୍ନତା ମଧ୍ୟରେ ନିହିତ ଥାଏ ଶିଳ୍ପରୁଚିର ଯାଦୁମନ୍ତ୍ର । ମନ ମଧ୍ୟରେ ସୌନ୍ଦର୍ଯ୍ୟବୋଧକୁ ଜଗାଇ ଦେଇ ପାରିଲେ ଆଚାର, ବ୍ୟବହାର, ଦୈନନ୍ଦିନ କର୍ମରୁ ନୀଚତା ଓ କ୍ଷୁଦ୍ରତାକୁ ଦୂର କରାଇ ଦିଏ । ଯାହା ସୁନ୍ଦର, ତାହାହିଁ କଲ୍ୟାଣକର ।

ଆଶ୍ରମର ନୃତ୍ୟ-ଗୀତ-ନାଟକର ଆସର ମଞ୍ଚ ଏବଂ ନଟ-ନଟୀମାନଙ୍କୁ ସୁସଜ୍ଜିତ କରି ମଞ୍ଚ ଉପରକୁ ଆଣିବାର ଦାୟିତ୍ୱ ଥାଏ କଳାଭବନର ଶିଳ୍ପୀଙ୍କ ଉପରେ । ସେମାନେ ନିର୍ମୋହ ମନ ଓ ଅପ୍ରମତ୍ତ ଦୃଷ୍ଟିଯୋଗେ ଅତି ସାମାନ୍ୟ ବସ୍ତୁକୁ ଅସାମାନ୍ୟ ରୂପେ ପ୍ରକାଶିତ କରାଇଥାନ୍ତି । ସେମାନଙ୍କର କର ସ୍ପର୍ଶରେ ଯତ୍‌ସାମାନ୍ୟ

Digitized by srujanika@gmail.com

ଦ୍ରବ୍ୟରେ ନାଟକର ପୃଷ୍ଠପଟକୁ ସୁସଜ୍ଜିତ କରାଯାଏ । ଛବି ଆଙ୍କିବାରେ ଯେଉଁଭଳି ନିଷ୍ଠା ଓ ନିପୁଣ-ଶିଳ୍ପାନୁଭୂତିର ପରିଚୟ ଦିଆଯାଇଥାଏ, ସେହିପରି ଭାବରେ ଘଣ୍ଟା ଘଣ୍ଟା ଠିଆହୋଇ ନଟ-ନଟୀମାନଙ୍କୁ ସଜାଇବାରେ କଟିଯାଏ । ନାନାବିଧ ରଙ୍ଗୀନ୍ ବସ୍ତ୍ର, ଫୁଲ, ଶୁଖିଲା ଫଳ ଓ ହାତରେ ତିଆରି ହୋଇଥିବା ଗହଣା-ଗୁଡ଼ିକ ହିଁ ପ୍ରଧାନ ଉପାଦାନ । ଏହାରି ମଧ୍ୟରେ ଥାଏ ପ୍ରାଚୀନ ଶିଳ୍ପର ଐତିହାସିକ ଓ ଆଧୁନିକ ସମାଜର ପରିବର୍ତ୍ତିତ ଦୃଷ୍ଟିକୋଣ । ରଙ୍ଗର ଛନ୍ଦବୋଧ, ପରିଚ୍ଛଦର ଭାବ ଓ ଦେହ ଛନ୍ଦର ସାମ୍ୟ ପ୍ରତି ଦୃଷ୍ଟି ଦେବାକୁ ହୋଇଥାଏ । ରବୀନ୍ଦ୍ରନାଥଙ୍କ ନାଟକ-ନାଟିକା ମଧ୍ୟରୁ ଚିତ୍ରାଙ୍ଗଦା, ଚଣ୍ଡାଳିକା, ନଟୀର ପୂଜା, ଶାପ ମୋଚନର ଇନ୍ଦ୍ରସଭା ଓ ସର୍ବୋପରି ତାସେର୍ ଦେଶକୁ ମଞ୍ଚସ୍ଥ କରିବା ସମୟରେ ଆମକୁ ବାରମ୍ବାର ଆଚାର୍ଯ୍ୟ ନନ୍ଦଲାଲ୍, ଅଧ୍ୟକ୍ଷ ସୁରେନ୍ଦ୍ରନାଥ କିମ୍ବା ଅଧ୍ୟାପକ ବିଶ୍ୱରୂପଙ୍କ ଠାରୁ ଉପଦେଶ ଗ୍ରହଣ କରିବାକୁ ହୋଇଥାଏ । ତାସେର ଦେଶର ମଞ୍ଚ ଓ ନଟ-ନଟୀଙ୍କୁ ସଜାଇବା ସମୟରେ ସବୁବେଳେ ରୁଚିର ପରୀକ୍ଷା ଓ ବୁଦ୍ଧିର ବିକାଶ ଘଟିବା ସ୍ୱାଭାବିକ । ମୋଟା ଧରଣର କାଗଜପଟି, ଝଙ୍କୁଆପତ୍ର, ନଡ଼ିଆପତ୍ର, ତାଳ-ପତ୍ର, ଅଶ୍ୱତ୍ଥ ପତ୍ର, ନାନାପ୍ରକାର ଫୁଲ, ପୁଷ୍ପମାଳ, ଶିରିଷ ଗଛର ଶୁଖିଲା ନରମ ଫୁଲ, କାଶଫୁଲର କାଠି, କଦଳୀଗଛର ପଟ ଓ ବାସୁଙ୍ଗା, ମଞ୍ଜା, ଶୁଖିଲା ଫଳ, ବିଭିନ୍ନ କୋଳର ମଞ୍ଜି, ନଡ଼ା, ବାଉଁଶପାତିଆ ପ୍ରଭୃତି ଆବଶ୍ୟକ ହୋଇଥାଏ । ଦାମୀ ଶାଢ଼ୀ, ଜରି ଓ ମାଳର ଝଲମଲ ଗହଣା କିମ୍ବା ପ୍ରକୃତିର ଅନୁକରଣରେ ଚିତ୍ରିତ ରଙ୍ଗୀନ୍ ପୃଷ୍ଠପଟର ଆବଶ୍ୟକତା ନ ଥାଏ । ଅଭିନେତା କିମ୍ବା ଅଭିନେତ୍ରୀ-ମାନଙ୍କ ମଧ୍ୟରେ ଯେଉଁମାନଙ୍କର ବର୍ଣ୍ଣ ମ୍ଳାନ, ସେମାନଙ୍କୁ ରଙ୍ଗମଡ଼ାଇ ସୁନ୍ଦର କରାଯାଏ ନାହିଁ । ବରଂ ସେହି ମ୍ଳାନ ଶ୍ୟାମଳ ବର୍ଣ୍ଣକୁ ଏପରି ରୁଚିପୂର୍ଣ୍ଣ ଭାବରେ ସଜାଇ ଦିଆଯାଏ ଯାହା ଦର୍ଶକର ଦୃଷ୍ଟି ଆକର୍ଷଣକାରୀ ହୋଇଉଠେ । ଅର୍ଥଶାଳୀ ଶିକ୍ଷିତ ବ୍ୟକ୍ତିମାନେ ଅର୍ଥର ମାପକାଠି ଦ୍ୱାରା ଶିଳ୍ପରୁଚିକୁ ବିଗ୍ଭର କରିଥାନ୍ତି । ସେହି ଅନୁସାରେ ପିଲାଦିନରୁ ଆମର ଯାତ୍ରାଦଳ ଠାରୁ ଆରମ୍ଭ କରି ବିଦ୍ୟାଳୟ ଓ ମହାବିଦ୍ୟାଳୟ ଅଭିନୟ ପର୍ବରେ ଅଧିକ ଅର୍ଥ ଓ ଜାକଯମକ ପୂର୍ଣ୍ଣ ବେଶପୋଷାକର ଆବଶ୍ୟକତା ଦ୍ୱାରା ଅଭ୍ୟସ୍ତ ହୋଇ ପଡ଼ିଥିଲି । କଳାଭବନର ଗୁରୁମାନଙ୍କ ସହ ମିଳାମିଶି ମଞ୍ଚସଜ୍ଜା କରିବା ଦ୍ୱାରା ମୋର ଦୃଷ୍ଟିକୋଣ ସମୂଳେ ପରିବର୍ତ୍ତିତ ହୋଇଗଲା । ସୌନ୍ଦର୍ଯ୍ୟର ସୃଷ୍ଟି ଓ ରସବୋଧ ଯେ ଆଦୌ ବ୍ୟୟବହୁଳ ନୁହେଁ ତାହା ମର୍ମେ ମର୍ମେ ଅନୁଭବ କରିପାରିଲି ।

ଶାନ୍ତିନିକେତନର ମଞ୍ଚସଜ୍ଜା ନିମନ୍ତେ ଆବଶ୍ୟକ ହୋଇଥାଏ ଛାଉଆ, ଗେରୁଆ, ହଳଦୀ, ନୀଳ, ସବୁଜ, ଧଳା ଓ କଳା ରଙ୍ଗର ଅଳ୍ପ କେତେଖଣ୍ଡ କପଡ଼ା ମାତ୍ର । ପୃଷ୍ଠପଟ ରୂପେ ଦିଆହୋଇଥାଏ ଗାଢ଼ ନୀଳରଙ୍ଗର ଏକ ବିସ୍ତୃତ ପରଦା ।

Digitized by srujanika@gmail.com

ତାହାର ଦୁଇପାଖରେ ପ୍ରାୟ ଦୁଇହାତ ଚଉଡ଼ାର ଗାଢ଼ ହଳଦୀ କମ୍ବା ଛାଉଆ ରଙ୍ଗର ଦୁଇଟି ଉଇଙ୍ଗ୍‌ସ (Wings) ରୂପେ କନାକୁ କାଠ ଫ୍ରେମ୍‌ରେ ଅଟକାଇ ଦିଆଯାଇଥାଏ । ସେହି ରଙ୍ଗର ଆଉ ଖଣ୍ଡିଏ କପଡ଼ାକୁ ଉପରେ ଝୁଲାଇ ଦିଆଯାଏ ଫ୍ଲାଏ (Fly) ଭାବରେ । ଏହାପରେ ଗୁଜରାଟି, କାଠିଆବାଡ଼ି କମ୍ବା ଲକ୍ଷ୍ନୌ ସିଲାଇ ଥିବା କପଡ଼ା ଖଣ୍ଡେ ଚାରିକୋଣିଆ କମ୍ବା ତ୍ରିକୋଣିଆଁ କରି ଅଟକାଇ ଦିଆଯାଇଥାଏ । ଦେଶୀ ଆଲଂକାରିକ ବୁଣାଇ କପଡ଼ାରେ କାଠର ବାକ୍‌ସ କମ୍ବା ଷ୍ଟେଟ ଡେକ୍‌ସ କମ୍ବା ସେହି ଧରଣର କୌଣସି ଗୋଟିଏ ବସ୍ତୁକୁ ସଜାଇ କରାଯାଇଥାଏ ବସିବାପାଇଁ ଆସନ । କେବେ କମିତ୍‌ ସୁଦୃଶ୍ୟ ପିଲସଜ (ବଡ଼) କମ୍ବା ଫୁଲଡ଼ାଲା କମ୍ବା ସେହିଭଳି କୌଣସି ଗୋଟିଏ କାରୁକାର୍ଯ୍ୟ ଖଚିତ ବସ୍ତୁକୁ ମଞ୍ଚ ଉପରେ ରଖି ନାନା ଭାବେ ସଜାଇ ଦିଆଯାଇଥାଏ । ଦେଖିବାକୁ ଗଲେ ମଞ୍ଚ ଉପରେ ଥାଏ ଊଣା ଉପକରଣ । ପୃଷ୍ଠପଟରେ ରିଏଲିଷ୍ଟିକ୍ ଦୃଶ୍ୟପଟ ଆଦୌ ନଥାଏ । ଚୀନ୍ ଓ ଜାପାନ ତଥା ଏସିଆର ପ୍ରାଚୀନ ରଙ୍ଗମଞ୍ଚର ଆଦର୍ଶ ଅନୁକରଣରେ ଏହି ମଞ୍ଚସଜ୍ଜାର ସୂତ୍ରପାତ । ବର୍ତ୍ତମାନ କାଳରେ ଶାନ୍ତିନିକେତନୀୟ ରଙ୍ଗମଞ୍ଚ ବ୍ୟବସ୍ଥା ବହୁ କ୍ଷେତ୍ରରେ ଅନୁସରଣ କରାଯାଇଥିଲେ ମଧ୍ୟ, କେଉଁଟା କାର୍ଯ୍ୟ ଓ କେଉଁଟା କମିତ୍ ସେ ସମ୍ବନ୍ଧରେ ସ୍ପଷ୍ଟ ଧାରଣା ଜନ୍ମିପାରି ନାହିଁ ।

ଶିଳ୍ପାଚାର୍ଯ୍ୟ ନନ୍ଦଲାଲଙ୍କର ଶ୍ରୀନିକେତନ ଠାରେ ଥିବା ହଳକର୍ଷଣ (୧୧୪ × ୧୬.୫ ସେ: ମି:) ଓ ଚୀନାଭବନର ବାହାର ବାରଣ୍ଡାରେ ଥିବା ନଟୀର ପୂଜା (୧୦୯.୭ × ୯.୫ ସେ: ମି:) ବୃହଦାକାର ଇଟାଳୀୟ ପଦ୍ଧତିରେ ନିର୍ମିତ ଭିତ୍ତିଚିତ୍ର ଦୁଇଟି ଶାନ୍ତିନିକେତନର ମଞ୍ଚ ଓ ଉତ୍ସବର ସାଜସଜ୍ଜା ସମ୍ବନ୍ଧରେ ପର୍ଯ୍ୟଟକ ଓ ଗୁଣିମାନଙ୍କ ମଧ୍ୟରେ ସ୍ପଷ୍ଟ ଧାରଣା ସୃଷ୍ଟି କରିଥାଏ । ଏହା ବ୍ୟତୀତ ତାଙ୍କର ବସନ୍ତ ଉତ୍ସବର ଟେମ୍ପରା ଚିତ୍ର ଓ ବୃକ୍ଷରୋପଣ ଉତ୍ସବର କାଠଖୋଦାଇ ଚିତ୍ର ଆଶ୍ରମର ଉତ୍ସବ ଓ ଅନୁଷ୍ଠାନ ସମ୍ବନ୍ଧରେ ସ୍ପଷ୍ଟ ଧାରଣା ଦେଇଥାଏ । ଯେଉଁମାନେ ଏହି ଛବିଗୁଡ଼ିକର ପ୍ରତିଲିପି ଦେଖିଛନ୍ତି ସେମାନଙ୍କ ମନରେ ନିଷ୍ଟୟ ପରିବେଶ ସମ୍ବନ୍ଧରେ ମୋଟାମୋଟି ଧାରଣା ସୃଷ୍ଟି ହୋଇଥିବ ।

॥ ବାର ॥

ଗୋବରପୋକକୁ ଗୋଟିଏ ଡାଟିଆ ତଳେ ଘୋଡ଼ାଇ ଦେଲେ ସେ ସିମିତ୍ ଡାଟିଆ ଚାରିପାଖରେ ଘୁଞ୍ଚୁ ଘୁଞ୍ଚୁ ହୋଇ ଘୂରି ବୁଲୁଥାଏ; କପରି ବାହାରକୁ

Digitized by srujanika@gmail.com

ତାହାର ଆସିବ ? ମୁଁ ଯେଉଁପରି କଳାଭବନର ସୀମିତ ପରିବେଶ ମଧ୍ୟରେ ପ୍ରଥମେ କେତୋଟି ଦିନ ଘୂରି ବୁଲୁଥିଲି, କିପରି ବୃହତ୍ତର କ୍ଷେତ୍ରରେ ପ୍ରବେଶ କରିବ ? ଯେଉଁମାନେ କଳାଭବନର ତତ୍କାଳୀନ ଛାତ୍ର ଥିଲେ, ସେମାନଙ୍କ ମଧ୍ୟରୁ ଅଳ୍ପ କେତେଜଣ ମାତ୍ର ବୃହତ୍ତର ଦୃଷ୍ଟିକୋଣରୁ ନିଜର ସ୍ଥିତିକୁ ବହିର୍ମୁଖୀ କରୁଥିଲେ । ସେମାନଙ୍କ ସହିତ ମିଶି ମୁଁ ପାଠଭବନ, ଶିକ୍ଷାଭବନ, ଚୀନାଭବନ ଓ ହିନ୍ଦୀଭବନ ସହିତ ଯୋଗାଯୋଗ ସ୍ଥାପନ ନିମନ୍ତେ ଆଗ୍ରହୀ ହୋଇଉଠିଲି । ସେହି ମୂଲ୍ୟବାନ୍ ମୁହୂର୍ତ୍ତିଗୁଡ଼ିକର ସ୍ମୃତିଚାରଣ ଆନନ୍ଦର ଗଚ୍ଛାଧର ସ୍ୱରୂପ । ବିଶ୍ୱଭାରତୀର କେନ୍ଦ୍ରୀୟ ଗ୍ରନ୍ଥାଗାରରୁ ନାନାପ୍ରକାର ପୁସ୍ତକ ଆଣି ପଢ଼ିବାକୁ ଆରମ୍ଭ କଲି । ଏଥିରେ ପ୍ରାୟ ଲକ୍ଷାଧିକ ପୁସ୍ତକ ଅଛି । ଗ୍ରନ୍ଥଗ୍ରାହୀମାନେ ମନଖୁସିରେ ବହି ଦାଉଛନ୍ତି ଓ ପଢ଼ନ୍ତି । ସେମାନଙ୍କର ସେଠାରେ ଯେପରି ଅବାରିତ ଅଧିକାର । ଗ୍ରନ୍ଥାଗାରିକ ପ୍ରଭାତକୁମାର ମୁଖୋପାଧ୍ୟାୟଙ୍କର ଶ୍ମଶ୍ରୁଳ ମୁଖମଣ୍ଡଳକୁ ଦେଖିଲେ ଯେପରି କି ରବୀନ୍ଦ୍ରନାଥଙ୍କର ଦ୍ୱିତୀୟ ଅବତାର ? ସେ ଆବାଲ୍ୟରୁ ରବୀନ୍ଦ୍ରନାଥଙ୍କ ନିକଟରେ ରହି ତାଙ୍କର ମହାନ୍ ଆଦର୍ଶରେ ଅନୁପ୍ରାଣିତ । ବୃହଦାକାର ରବୀନ୍ଦ୍ର ଜୀବନୀ ଓ ରବୀନ୍ଦ୍ର-ସାହିତ୍ୟ ପ୍ରବେଶିକା ସଙ୍କଳନ କରିଛନ୍ତି । ଏହା ତାଙ୍କର ଅମର କୃତି ।

ଗ୍ରନ୍ଥାଗାରର ଉପର ମହଲରେ ଥାଏ ସେତେବେଳର ବିଦ୍ୟାଭବନ ଓ ଏହାର ଗୋଟିଏ ପ୍ରକୋଷ୍ଠରେ ଥାଏ ଓଡ଼ିଆ ବିଭାଗ । ଏହି ବିଭାଗର ପାର୍ଶ୍ୱ ପ୍ରକୋଷ୍ଠରେ ପଣ୍ଡିତ କ୍ଷିତିମୋହନ ସେନ୍, ଆଶ୍ରମର ଆଚାର୍ଯ୍ୟ ଓ ଛାତ୍ରଛାତ୍ରୀଙ୍କର ପ୍ରିୟ ଦାଦୁ, ପାଣ୍ଡିତ୍ୟ ଓ ସରସ ଆଳାପ ଆଲୋଚନା କରିପାରୁଥିଲେ । ତାଙ୍କର ମଧୁବର୍ଷୀ ରସନା ଓ ସୁମଧୁର କଣ୍ଠସ୍ୱର ଅଜଣା ଲୋକକୁ ନିଜର କରିଇ ପାରୁଥିଲା । ରବୀନ୍ଦ୍ରନାଥ ଯେଉଁ ପଣ୍ଡିତ ମଣ୍ଡଳ ପରିବୃତ୍ତ ହୋଇ ବିଶ୍ୱଭାରତୀ ପ୍ରତିଷ୍ଠା କରିଥିଲେ ସେମାନଙ୍କ ମଧ୍ୟରେ ଏହି ଜ୍ଞାନାନ୍ୱେଷୀ ପଣ୍ଡିତପ୍ରବର ଥିଲେ ପ୍ରାଚୀନ ତପୋବନ-ବାସୀ ଋଷି ଭଳି ଜ୍ଞାନଚର୍ଚ୍ଚାରେ ନିମଗ୍ନ । ଭାରତୀୟ ସଂସ୍କୃତି ପ୍ରତି ଗଭୀର ଅନୁରାଗ ଓ ତାର ଶ୍ରଦ୍ଧା ବନ୍ଧନରେ ଆବଦ୍ଧ । କବିଙ୍କର ଅଗ୍ରଜ ଦ୍ୱିଜେନ୍ଦ୍ରନାଥଙ୍କ କଥାରେ କହିବାକୁ ଗଲେ—"ଏକା ନବରତନ, କ୍ଷିତିମୋହନ ।" ଅପର ପାର୍ଶ୍ୱରେ ଥାଆନ୍ତି ଏକାଗ୍ରଚିତ୍ତ ପଣ୍ଡିତ ପଞ୍ଚାନନ ମଣ୍ଡଳ । ନିଜ ଚେଷ୍ଟାରେ ବିଦ୍ୟାଚର୍ଚ୍ଚା ଓ ବିଦ୍ୟାଲାଭ ନିମନ୍ତେ ପ୍ରଚଣ୍ଡ ଅଧ୍ୟବସାୟ ତାହାଙ୍କୁ ସାରସ୍ୱତ ସାଧକ ସୋପାନକୁ ଉନ୍ନୀତ କରିଇଛି । ସେ ପ୍ରାୟ ତିନିହଜାର ପୃଷ୍ଠାବ୍ୟାପୀ ନନ୍ଦଲାଲ ବସୁଙ୍କର ଜୀବନ-ଚରିତ ରଚନା କରିଛନ୍ତି, ଯାହାର ନାମ ଭାରତଶିଳ୍ପୀ ନନ୍ଦଲାଲ । ବିଶ୍ୱଭାରତୀ ଓ କଳାଭବନର ଆଦ୍ୟପର୍ବର ବହୁ ପ୍ରାମାଣିକ ତଥ୍ୟ ଏଥିରେ ସନ୍ନିବେଶିତ ହୋଇଛି ।

Digitized by srujanika@gmail.com

ଭାରତ ସ୍ୱାଧୀନ ହେଲା; ବିଶ୍ୱଭାରତୀରେ ଓଡ଼ିଆ ବିଭାଗର ଶୁଭାରମ୍ଭ ଘଟିଲା ୧୯୪୭ ମସିହାରେ । କଳାଭବନର ଗ୍ରନ୍ଥସ୍ୱତ୍ୱ ଗ୍ରହଣ କଲାପରେ, ମୋର ଆଖି ଆଗରେ ଏହି ବିଭାଗ ପରିପୁଷ୍ଟ ହୋଇଥିଲା । ଓଡ଼ିଆ ଭାଷା ଓ ସାହିତ୍ୟରେ ସ୍ନାତକୋତ୍ତର ଶ୍ରେଣୀ ଖୋଲିବାରୁ ବିଦ୍ୟାଲାଭ ସହିତ ବିଦ୍ୟାଦାନ ନିମନ୍ତେ ଏକ ସୁନ୍ଦର ଅବକାଶ ସୃଷ୍ଟି ହେଲା । ତାହା ପୂର୍ବରୁ ଯାହା ଥିଲା ତାହା କେବଳ ଗବେଷଣା ବିଭାଗ । ଓଡ଼ିଶା ସରକାର ଏଥିନିମନ୍ତେ ବ୍ୟବସ୍ଥା କରିଥିଲେ ବାର୍ଷିକ କିଛି ଆର୍ଥିକ ସାହାଯ୍ୟ ଦେଇ । ଅଧ୍ୟାପକ କୁଞ୍ଜବିହାରୀ ଦାଶ ଓ ଗବେଷକ ନରେନ୍ଦ୍ରନାଥ ମିଶ୍ରଙ୍କୁ ହିଁ ତତ୍‌କାଳୀନ ଓଡ଼ିଆ ବିଭାଗର ସର୍ବମୟ କର୍ତ୍ତାରୂପେ ବୁଝିବାକୁ ଦେଉଥିଲା । ଉଭୟ ସେହି କ୍ଷୁଦ୍ର ପ୍ରକୋଷ୍ଠରେ ଏକାଗ୍ରଚିତ୍ତ ହୋଇ ଗବେଷଣା କରୁଥିଲେ । ସେମାନଙ୍କ ସହିତ ମଧ୍ୟ ବସୁଥିଲେ କଳାଭବନର ପ୍ରାକ୍ତନ ଗ୍ରନ୍ଥ ଗବେଷକ ବର୍ମାଜୀ । କ୍ଷୀଣ ଶରୀର ହେଲେ ମଧ୍ୟ ବନ୍ଧୁ ନରେନ୍ଦ୍ରନାଥ ଥିଲେ ଅସୀମ ମାନସିକ ଦୃଢ଼ତାର ଅଧିକାରୀ । ରହୁଥିଲେ ଚୀନସଙ୍ଗୀଠାରେ । କଥକଳୀ ନୃତ୍ୟବିଦ୍ ଅଧ୍ୟାପକ ଥିଲେ ତାଙ୍କର ପଡ଼ୋଶୀ । ଉଭୟ କ୍ଷୀଣସ୍ୱାସ୍ଥ୍ୟ ହେଲେ ମଧ୍ୟ କେବଳ ନରେନ୍ଦ୍ରନାଥ ନିଜ ସ୍ୱାସ୍ଥ୍ୟର ଉନ୍ନତି ନିମନ୍ତେ ସର୍ବଦା ଆଗ୍ରହୀ ଥିଲେ । ସେଥି ନିମନ୍ତେ ଚେଷ୍ଟା କରୁଥିଲେ । ଅଧିକ ଖାଦ୍ୟସାର ଆହରଣ କରିବା ପାଇଁ ମାଂସ ସହିତ ଭୃସୁଙ୍ଗପତ୍ର ପକାଇ ବ୍ୟଞ୍ଜନ ପ୍ରସ୍ତୁତ କରିବାକୁ ଆଦୌ କୁଣ୍ଠିତ ନ ଥିଲେ । ଅଧ୍ୟାପକ କୁଞ୍ଜବିହାରୀଙ୍କର ପତ୍ନୀଙ୍କ ସାହାଯ୍ୟକାରୀ ହୋଇ ଯାଇଥିଲେ ଦନ୍ତଚିକିତ୍ସକଙ୍କ ନିକଟକୁ ବର୍ଦ୍ଧମାନ । ପରେ ଦେଖାଗଲା ଯେ, ସେ ଏକାକୀ ବର୍ଦ୍ଧମାନ ଯାଇ ଦନ୍ତଚିକିତ୍ସକଙ୍କ ନିକଟରେ ସମ୍ମୁଖ ପାଟିର ଦନ୍ତଗୁଡ଼ିକ ବଳିଦେଇ ଆସିଛନ୍ତି । ଦନ୍ତ ଅପରିଷ୍କାର ରହି ପାଟିରେ ମଇଳା ଜମିଲେ ସ୍ୱାସ୍ଥ୍ୟ ଖରାପ ହୁଏ ବୋଲି ଯେଉଁ ମହତ୍‌ବାଣୀ ରହିଛି ତାହା ହିଁ ଏଭଳି ପରିଣତିର ହେତୁ । ଦନ୍ତୋତ୍ପାଟନ ଦ୍ୱାରା ମନର କ୍ଲେଦ ନ୍ୟୂନ ହୋଇ ଯାଇଥିଲା ସତ୍ୟ; କିନ୍ତୁ ସ୍ୱାସ୍ଥ୍ୟ ଥିଲା ଯଥା ପୂର୍ବଂ ତଥା ପରଂ ! ଅନମନୀୟ ପ୍ରତିଜ୍ଞା ଓ ଅପ୍ରମେୟ ଅଧ୍ୟବସାୟ ଆଜି ତାହାଙ୍କୁ ଜ୍ଞାନରାଜ୍ୟରେ ଉପରକୁ ଉଠାଇ ପାରିଛି । ଓଡ଼ିଆ ସାହିତ୍ୟ ପ୍ରତି ଅନୁରକ୍ତି ଓ କବିତା ପ୍ରତି ଆଶକ୍ତି ହିଁ ମୋତେ ପ୍ରଥମରୁ ସେମାନଙ୍କ ସହିତ ପରିଚୟ କରାଇ ଦେଇଥିଲା । ଦିନ ଗଡ଼ିବା ସଙ୍ଗେ ସଙ୍ଗେ ସେହି ପରିଚୟ ଗାଢ଼ରୁ ଗାଢ଼ତର ହେଲା । ଭାବର ଆଦାନପ୍ରଦାନ ସହିତ ମନର ଆଦାନପ୍ରଦାନ ସମ୍ଭବ ହେଲା । ସଖ୍ୟତା ବଢ଼ିଲା । ଅଲେଖଧର୍ମୀ ନରେନ୍ଦ୍ରମୋହନ ବେହେରା, ରସବେତ୍ତା ଦୁର୍ଗାଚରଣ ପରିଡ଼ା, ପ୍ରଗତିପନ୍ଥୀ କୃଷ୍ଣଚରଣ ବେହେରାଙ୍କ ସହିତ ମଧ୍ୟ ଜନ୍ମିଲା ଅନ୍ତରର ନିବିଡ଼ତା ।

କଳାଭବନର ଦୈନିକ କର୍ମ ମଧ୍ୟରୁ କିଞ୍ଚିତ ଅବସର ମିଳିଲେ ମୁଁ ଛୁଟି ଯାଉଥିଲି ବିଦ୍ୟାଭବନର ବିଦ୍ୟାପୁରୀକୁ । ପ୍ରତ୍ୟେକ ସାନ୍ଧ୍ୟ ଆସର ବସୁଥିଲା ଅଧ୍ୟାପକ

Digitized by srujanika@gmail.com

କୁଞ୍ଜବିହାରୀଙ୍କ ଘରେ । ଅପରିହାର୍ଯ୍ୟ ଅଭ୍ୟାସବଶତଃ ଏହା ହୋଇ ଯାଇଥିଲା ପ୍ରୟୋଜନର ତାଲିକାଭୁକ୍ତ । ବାଲିକ କୁନା ଦାଶ (ପ୍ରିୟଦର୍ଶୀ) ଥିଲେ ଏହି ଆସରର ପ୍ରାଣକେନ୍ଦ୍ର । ପ୍ରତିଦିନ ସନ୍ଧ୍ୟା ବିହାରରେ ବାହାରିବା ଯେପରି ଥିଲା ନିତ୍ୟ ନୈମିତ୍ତିକ କାର୍ଯ୍ୟାବଳୀର ପୁନରାବୃତ୍ତି । ଗୋଧୂଳି ସମୀରର ଶ୍ରାନ୍ତିହରା ଅଳସ ତରଙ୍ଗରେ ନିଜକୁ ଭୁଲାଇ ଦେଇ ଯେତେବେଳେ ଆମେ ଜନାକୀର୍ଣ୍ଣରୁ ନିର୍ଜନତା, ପୂର୍ଣ୍ଣତାରୁ ଶୂନ୍ୟତା ଆଡ଼କୁ ଆଗେଇ ଯାଉଥିଲୁ ସେତେବେଳେ ଆମକୁ ଅନେକ ଦୁଇଭାଇ ବୋଲି ଭ୍ରମ କରୁଥିଲେ । ସେହିଭଳି ଭ୍ରମ କରିବାର ଯଥେଷ୍ଟ ଅବକାଶ ଥିଲା । ଉଚ୍ଚତା ଓ ଆୟତନର ବିପୁଳତାରେ ସେ ଓ ମୁଁ ପ୍ରାୟ ସମଯୋଗ୍ୟତା ଅର୍ଜନ କରିଥିଲୁ । ବୋଲପୁରଠାରୁ କେବେ କମିତ ଦୁହେଁ ଗୋଟିଏ ରିକ୍‌ସାରେ ବାହାରିପଡ଼ିଲେ ରିକ୍‌ସାଚାଳକଟି ମନେ ମନେ ପ୍ରମାଦ ଗଣୁଥିଲା । ଶାନ୍ତିନିକେତନର ଦିଗନ୍ତ ବିସ୍ତାରୀ ଶାଳ-ତାଳ-ଖର୍ଜୁର ଶୋଭିତ ନତୋନ୍ନତ କଙ୍କରମୟ ନାଲିମାଟି ଉପରେ ଯେଉଁମାନେ ଗୋଧୂଳିର ରକ୍ତିମଶ୍ରୀ ଉପଭୋଗ କରିଛନ୍ତି ସେମାନେ ଆମକୁ ଅନାଉଥିଲେ ବିସ୍ମୟ ବିସ୍ଫାରିତ ନୟନରେ । ଆମ ଦୁହିଁଙ୍କ ଅବାରିତ ବିଶାଳ ପ୍ରାକୃତିକ ପରିବେଶ ମଧ୍ୟରେ ଦୁଇଟା ଚଳନ୍ତି ତାଳଗଛ ବୋଲି ଭ୍ରମ କରିବାରେ କିଛି ଅସୁବିଧା ନ ଥିଲା ।

ମଣିଷ ଜୀବନ ଅପ୍ରତ୍ୟାଶିତଭାବରେ ଏଭଳି ମଣିଷଙ୍କ ସାନ୍ନିଧ୍ୟ ଯୁକ୍ତ ହୋଇଯାଏ, ଯାହା ଫଳରେ ନିର୍ଦ୍ଦିଷ୍ଟ ଗତିପଥର ଗୁଳାରୁ ବାହାରିଯାଇ ସେ ନୂତନ ପଥର ଅନ୍ୱେଷଣରେ ଚାଲିବାକୁ ଆରମ୍ଭ କରେ । ନବଭାରତର କାର୍ଯ୍ୟାଳୟଠାରେ କବି କୁଞ୍ଜବିହାରୀଙ୍କ ପ୍ରତ୍ୟକ୍ଷ ସମ୍ପର୍କରେ ଆସି ଅସମ୍ଭବକୁ ସମ୍ଭବ କରିବାଭଳି ଆତ୍ମବିଶ୍ୱାସ ଓ ସଂକଳ୍ପ ଜନ୍ମିଥିଲା । ପୂର୍ବରୁ ପରିଚିତ ଥିଲି ତାଙ୍କର କାବ୍ୟ-କବିତା ସହିତ । ସେଠାରେ ଲଭିକଲି ତାଙ୍କ ବ୍ୟକ୍ତିତ୍ୱର ସାନ୍ନିଧ୍ୟ । ଅତ୍ୟନ୍ତ ହାର୍ଦ୍ଦିକତାର ସହିତ କଳାଭବନରେ ସ୍ଥାନଟିଏ ଯୋଗାଡ଼ କରିଦେବାକୁ ପ୍ରତିଶ୍ରୁତି ଦେବାରୁ ମୋର ଗତିପଥ ପରିଚ୍ଛନ୍ନ ହୋଇଯାଇଥିଲା । ତାଙ୍କ ସହିତ ପ୍ରତ୍ୟକ୍ଷ ଆଲୋଚନାରେ ଯଥେଷ୍ଟ ଉଦ୍ଦୀପ୍ତ ହୋଇପାରିଥିଲି । ଏହି ଯୋଗାଯୋଗଟି ନବଭାରତ କାର୍ଯ୍ୟାଳୟରେ ଘଟି ନ ଥିଲେ, ହୁଏତ ମୋର ସ୍ୱପ୍ନ ସାର୍ଥକ ହୋଇପାରି ନ ଥାନ୍ତା ।

ଓଡ଼ିଆ କବିତାର ଆଭିମୁଖ୍ୟ ବଦଳିଗଲା ପରେ, କେତେକ ତରୁଣ ଲେଖକ ଓ ସାହିତ୍ୟିକ ସ୍ପଷ୍ଟରୂପେ ଯୋଗ ଦେଇଥିଲେ । ସେହିମାନଙ୍କର ଐକାନ୍ତିକ ଉଦ୍ୟମରେ ଓଡ଼ିଆ ସାହିତ୍ୟ ପରିଷଦ ଗଠିତ ହୋଇଥିଲା । ତାର ସ୍ଥାୟୀ ସଭାପତି ଥିଲେ ଅଧ୍ୟାପକ କବି କୁଞ୍ଜବିହାରୀ ଦାଶ । ଆଧୁନିକ ଆଭିଜାତ୍ୟର ଉଜ୍ଜ୍ୱଳ ନିଦର୍ଶନ କିମ୍ବା ନିର୍ଦ୍ଦିଷ୍ଟ ଆଇନ୍‌କାନୁନ୍‌ର ଲମ୍ବିତା ନ ଥିଲେ ମଧ୍ୟ ଏହି ପରିଷଦର

Digitized by srujanika@gmail.com

ବୈଠକ ବସିବାରେ କୌଣସି ପ୍ରକାର ଅସୁବିଧା ସୃଷ୍ଟି ହେଉ ନ ଥିଲା । ସଭ୍ୟ ସଂଖ୍ୟା ସ୍ୱଳ୍ପ ହୋଇଥିବାରୁ ପ୍ରତ୍ୟେକ ପ୍ରାୟ ଲେଖାଲେଖି କରିବାକୁ ଆଗ୍ରହୀ ହେଉଥିଲେ ଓ ଯେତେ ତତ୍ତ୍ୱ ସମ୍ପନ୍ନ ସଭ୍ୟମାନେ ଏକତ୍ର ହୋଇ ଆଲୋଚନାର ଲମ୍ବ ପଣତକୁ ଲମ୍ବାଇ ଦେଉଥିଲେ । କୌଣସି ସମୟରେ ମାଧୁର୍ଯ୍ୟ ବିତରଣ ଊଣା ପଡ଼ୁ ନ ଥିଲା । ମନେପଡ଼େ, ଥରେ ଅଧ୍ୟାପକ କୃତ୍ତିବାସଙ୍କ ଘରେ ଝରାଛୁଟି ପୂର୍ବରୁ ଭୋଜିଟାଏ କରା ହୋଇଥିଲା । ନିମନ୍ତ୍ରିତ ଅତିଥି ଥିଲେ ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ । ରୋଷାଇ ଶେଷ ହେଲାବେଳକୁ କୁଆଁ ତାରା ଉଙ୍କିମାରିଲାଣି । ରାନ୍ଧୁଣୀ ଥିଲେ ଓଡ଼ିଆ ଗ୍ରନ୍ଥୀମାନେ । ଥଲାଉ ଖୁବ୍ ରୁଚିକର ହେବ ବୋଲି ଘିଅ ମନେକରି ସୋରିଷତେଲ ଟିଣ ଉଠାଇ ଚାଲା ଯାଇଥିଲା । ମାଂସ ଜୀର୍ଣ୍ଣକାରକ ହେବ ବୋଲି ଅତ୍ୟଧିକ ସିଝାଇ କଡା ବାହାର କରିଦିଆଯାଇଥିଲା । ଏଥିରେ କ୍ଷୁଧା-ନିବୃତ୍ତି ଯାହା ହେଉନା କାହିଁକି ଆନନ୍ଦ ଊଣା ନ ଥିଲା ।

ବନ୍ଧୁମାନେ ଏକତ୍ର ହୋଇ ଗୋଟିଏ ଗୋଟିଏ ପତ୍ରିକାକୁ ନବ ନବ ସର୍ଜନରେ ସମୃଦ୍ଧ କରୁଥିଲେ । ସାଙ୍ଗରେ ଆସି ଯୋଗ ଦେଇଥିଲେ ଅଧ୍ୟାପକ ରୂପେ କବି ଚନ୍ଦ୍ରାମଣି ବେହେରା । ତାଙ୍କର କାନ୍ଥଦନ ରହିଣି ପରେ ଅଧ୍ୟାପକ ହୋଇ ଆସିଥିଲେ ଦେବୀପ୍ରସନ୍ନ ପଟ୍ଟନାୟକ । ତତ୍କାଳୀନ ପ୍ରଭାତ, ଚନ୍ଦ୍ରିକା, ଉତ୍କଳ, ଆସନ୍ତାକାଲି ଓ ଝଙ୍କାର ପ୍ରଭୃତି ପତ୍ରିକା ଦେଖିଲେ ତିନି ବନ୍ଧୁଙ୍କର ରଚନା ଏକତ୍ର ଆଖିରେ ପଡ଼ୁଥିଲା । ସବୁଜଯୁଗ କମ୍ବା ସତ୍ୟବାଦୀ ଯୁଗ ଭଳି ଏମାନେ ଶାନ୍ତିନିକେତନ ଯୁଗର ମୋଟାମୋଟି ଭିତ୍ତିପତ୍ତନ କରିଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ । ଗ୍ରାମାଞ୍ଚଳରେ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟ ଆରମ୍ଭ ହୋଇଗଲା ପରେ ବାଞ୍ଛିତ, କପୀଡ଼ିତ, ନିରକ୍ଷର, ନିରୁପାୟ, ଜାତ୍ୟହୀନ, ଜାତସମ୍ବଳ ମଣିଷର ସାଂସ୍କୃତିକ ଚେତନାର ଅଭିବୃଦ୍ଧି ପାଇଁ ଯେଉଁ ସମାଜ ଶିକ୍ଷା ସଙ୍ଗଠକମାନଙ୍କୁ ନିଯୁକ୍ତ ଦିଆଯାଉଥିଲା, ସେମାନେ ଆସୁଥିଲେ ଶ୍ରୀନିକେତନ ଓ ବିନୟଭବନକୁ ତାଲିମ୍ ପାଇବା ପାଇଁ । ସେମାନଙ୍କ ମଧ୍ୟରେ ଯେଉଁ ଓଡ଼ିଆ ଯୁବକମାନେ ଥିଲେ, ଅତି ସ୍ୱାଭାବିକ ଭାବରେ ସେମାନେ ଓଡ଼ିଆ ସାହିତ୍ୟ ପରିଷଦ ସହ ମିଶି କାର୍ଯ୍ୟ କରୁଥିଲେ । ଯେତେଦୂର ମନେହୁଏ ସାମାଜିକ ଶିକ୍ଷା ସଙ୍ଗଠକମାନଙ୍କ ମଧ୍ୟରେ ପ୍ରତିଭାଶାଳୀ ଅତି ଭାବପ୍ରବଣ ଅଗ୍ରନାୟକ ଥିଲେ ମୟୂରଭଞ୍ଜ ଜିଲ୍ଲାର ଜୀବନାନନ୍ଦ ପାଣି । ଅତି କ୍ଷୀଣ ଶରୀରରେ ତାଙ୍କର ଅତୀବ ଶକ୍ତ ସମର୍ଥଶାଳୀ ସାଂସ୍କୃତିକ ପୁରୁଷ ଉଙ୍କିମାରୁଥିଲା ।

ଓଡ଼ିଆ ସାହିତ୍ୟ ପରିଷଦରେ ସମୟ ସମୟରେ ଯୋଗ ଦେଉଥିଲେ ସବୁଜ ଯୁଗର ଉଜ୍ଜ୍ୱଳ ନକ୍ଷତ୍ର ଓ ବଙ୍ଗଳା ସାହିତ୍ୟର ବିଦଗ୍ଧ ସ୍ରଷ୍ଟା ଅନ୍ନଦାଶଙ୍କର ରାୟ ।

Digitized by srujanika@gmail.com

ଚାକିରିକାଳ ସାତବର୍ଷ ବାକିଥିଲା ଓ ଦରମା ମିଳୁଥିଲା ଅନ୍ୟୂନ ତିନିହଜାର ଟଙ୍କା । ସମସ୍ତ ତ୍ୟାଗ କରି ସରସ୍ୱତୀଙ୍କ ସେବା କରିବା ନିମନ୍ତେ ଆସି ନୀଡ଼ ରଚନା କରିଥିଲେ ଶାନ୍ତିନିକେତନରେ । ମୁଁ ବ୍ୟକ୍ତିଗତ ଭାବରେ ଥିଲି ତାଙ୍କର ଅସୀମ ସ୍ନେହର ଅଧିକାରୀ । ପ୍ରତ୍ୟେକଥର ଛୁଟିରେ ଗ୍ରାମକୁ ଆସିବାବେଳେ ତାଙ୍କଠାରୁ ବିଦାୟ ନେବାକୁ ଗଲେ, ସେ ମୋତେ ଅକୁଣ୍ଠିତ ଆଶୀର୍ବାଦ ସହିତ ତାଙ୍କ ରଚିତ ଖଣ୍ଡିଏ ବଙ୍ଗଳା ପୁସ୍ତକ ଧରାଇ ଦେଉଥିଲେ ଛୁଟିରେ ପଢ଼ିବା ପାଇଁ । ଏହିପରି ଭାବରେ ଆଗୁନ୍ ନିଏ ଖେଲା, ପୁତୁଲ ନିଏ ଖେଲା, ନତୁନରାଧା ପ୍ରଭୃତି ପୁସ୍ତକ ମୋର ହସ୍ତଗତ ହୋଇଥିଲା । ମୁଁ ମଧ୍ୟ ତାଙ୍କର କେତେଗୁଡ଼ିଏ ପ୍ରକାଶିତ ଓଡ଼ିଆ ଲେଖା ସଂଗ୍ରହ କରିଦେଇଥିଲି ସ୍ୱଇଚ୍ଛାରେ । ତାହା ପାଇଲା ପରେ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଦ୍ୱାରା ପ୍ରରୋଚିତ ହୋଇ ଓ ଅଧ୍ୟାପକ କୃଷ୍ଣବିହାରୀଙ୍କର ପ୍ରଯତ୍ନରେ ତାଙ୍କର ଓଡ଼ିଆ ଗ୍ରନ୍ଥାବଳୀ ସବୁଜ ଅକ୍ଷର ପ୍ରକାଶ କରାଇଥିଲେ । ସେ ତୁଣ୍ଡେ ତୁଣ୍ଡେ ଅତ୍ୟନ୍ତ ରସବନ୍ତ କ୍ଷୁଦ୍ର କବିତା ସୃଷ୍ଟି କରୁଥିଲେ । ତାହା ଥିଲା ତାଙ୍କର ତୀକ୍ଷ୍ଣତମ ଧୀର ଅବାଧ ସ୍ଫୁରଣ ! ସାଧାରଣ ନିର୍ବାଚନରେ ଯେତେବେଳେ ଢେଙ୍କାନାଳରୁ ଶ୍ରୀ ବୈଷ୍ଣବ ପଟ୍ଟନାୟକ ଓ ସାରଙ୍ଗଧର ଦାସ ପ୍ରମୁଖ ନିର୍ବାଚିତ ହୋଇଥିଲେ, ସେତେବେଳେ ସେ ରହସ୍ୟ କରି ପୂଜ୍ୟା ମାଳତୀ ଚୌଧୁରୀଙ୍କ ଉଦ୍ଦେଶ୍ୟରେ ରଚନା କରିଥିଲେ—"ଢେଙ୍କାନାଲ୍ ହ'ଏଛେ ଲାଲ୍; ହାୟ୍ ମିନୁଦି' ସବ୍ ବେହାଲ୍ !" ସେ କାଳର ସମ୍ମୋହିତ ଫେନିଳ ଉଦ୍ଦାମତା ଏବେ ଆଉ ନାହିଁ । କିନ୍ତୁ ତାଙ୍କର ସୁନ୍ଦର ଦରଦ ସ୍ନିଗ୍ଧ ବ୍ୟବହାର ଓ ମାର୍ଜିତ ଶିଷ୍ଟତା ମୋର ସମଗ୍ର ସ୍ମୃତିକୁ ପୂର୍ଣ୍ଣ କରି ରଖିଛି ।

ଧୂପକାଠି ଜଳେ, ଅଳ୍ପକାଳ ପରେ ତାହା ଲିଭିଯାଏ । କିନ୍ତୁ ତାର ସୁଗନ୍ଧ ବହୁ ସମୟ ପର୍ଯ୍ୟନ୍ତ ବାୟୁକୁ ଆମୋଦିତ କରୁଥାଏ । ସେହିଭଳି ତତ୍କାଳୀନ ଓଡ଼ିଆ ସାହିତ୍ୟ ପରିଷଦର କେତେକ ସଭ୍ୟଙ୍କ ଉଦ୍ୟମରେ କବିତା ପତ୍ରିକାଟିଏ ପ୍ରକାଶିତ ହୋଇଥିଲା । ଆମେ ବହୁକାଳ ପର୍ଯ୍ୟନ୍ତ କବିତାର ଅବମାନନା ମର୍ମେ ମର୍ମେ ଅନୁଭବ କରୁଥିଲୁ । ପତ୍ରପତ୍ରିକାରେ କେବଳ ଶୂନ୍ୟାଂଶ ପୂରଣ ପାଇଁ ଯେଉଁଭଳି ଶ୍ରଦ୍ଧାହୀନ ଭଙ୍ଗୀରେ କବିତା ମୁଦ୍ରିତ ହେଉଥିଲା, ତାହା ଆଦୌ ରୁଚିପୂର୍ଣ୍ଣ ନ ଥିଲା । ଏଣୁ କବି ପ୍ରତି ସମ୍ପାଦକମାନଙ୍କର ଅକୃତଜ୍ଞତାର ଜ୍ୱାଳା ହିଁ କେତେକ ପରିମାଣରେ କବିତା ପତ୍ରିକାଟିଏ ପ୍ରକାଶ କରିବା ପାଇଁ ପ୍ରେରଣା ଯୋଗାଇଥିଲା । ବଙ୍ଗଳାର ବୁଦ୍ଧଦେବ ବସୁଙ୍କର ସମ୍ପାଦିତ କବିତା ଓ ମାର୍କିନ ପୋଏଟ୍ରି ପତ୍ରିକା ହୋଇଥିଲା ଆଦର୍ଶ । ପରିସ୍ଥିତିର ଚାପରେ ତିନୋଟି ସଂଖ୍ୟା ପରେ ଏହାର ବିଲୟ ଘଟିଥିଲା । ଅର୍ଥ ସଙ୍କଟ ଥିଲା ଅତ୍ୟନ୍ତ ପୀଡ଼ାଦାୟକ ।

Digitized by srujanika@gmail.com

ପର୍ବତଗିଳା ଚଢ଼େଇ ପାଇଁ ଆମ ପାଖରେ ଥିଲା ମାତ୍ର ପତଙ୍ଗର ଆହାର । ମୋର ଯେତେଦୂର ମନେହୁଏ, ଏହି କବିତା ହିଁ ଓଡ଼ିଆ ସାହିତ୍ୟର ଇତିହାସରେ ଏକ ନିର୍ଦ୍ଦିଷ୍ଟ ରାସ୍ତାର ପ୍ରଥମ ପଥିକ ।

ତାଳଧ୍ୱଜର ବାସିନ୍ଦା କ୍ଷିତେଶ୍ ଚନ୍ଦ୍ର ସେନ୍, ସୁପଣ୍ଡିତ ନିତାଇ ବିନୋଦ ଗୋସ୍ୱାମୀ (ଗୋସାଇଁଙ୍କ) ହିନ୍ଦିଭବନର ଶିବନାଥଙ୍କ, ଚୀନାଭବନର ଅଧ୍ୟକ୍ଷ ତାନ୍‌ୟୁନ୍-ସାନ୍, ଅଭିଧାନ ରଚନାରେ ମଗ୍ନ ଋଷି ହରିଚରଣ ବନ୍ଦ୍ୟୋପାଧ୍ୟାୟ, ପ୍ରଭୃତି ପ୍ରୌଢ଼ ପୂର୍ଣ୍ଣ ପରିଣତ ଅଧ୍ୟାପକବୃନ୍ଦ ଯେ ବିଶ୍ୱଭାରତୀ ବିଦ୍ୟାୟତନର ଗୋଟିଏ ଗୋଟିଏ ସମୁଚିତ ଅଂଶ, ଏଥିରେ ତିଳାର୍ଦ୍ଧ ପରିମାଣର ସନ୍ଦେହ ନାହିଁ । ସାଂସ୍କୃତିକ ଉତ୍ସବ ମନ୍ଦିରର ପ୍ରଜ୍ୱଳିତ ପ୍ରଦୀପ ଶିଖା । ଏମାନଙ୍କ ପାଦପ୍ରାନ୍ତରେ ବସି ମହତ୍ ଶିକ୍ଷାଲାଭର ସାମାନ୍ୟତମ ସୌଭାଗ୍ୟ ଯିଏ ଅର୍ଜନ କରିଛି, ଯୁଗଚିତ୍ତର ଅସ୍ୱାଭାବିକତା ଓ ଉନ୍ମାର୍ଗଗାମୀତାର ଆବର୍ତ୍ତ ମଧ୍ୟରେ ତାର ଭସ୍ମାର୍ତ୍ତି ବ୍ରୀଡ଼ା ଲାଞ୍ଛିତ ଅସହାୟ ମୂର୍ତ୍ତି ଗଭୀର ଯନ୍ତ୍ରଣାଦାୟକ !

॥ ତେର ॥

କଳାଭବନର ଜଣେ କ୍ଷୁଦ୍ର ଛାତ୍ର ଓ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ସ୍ନାତକ ରୂପେ ସେଠାରୁ ମୁଁ ଯଥେଷ୍ଟ ସ୍ନେହ ଓ ଶ୍ରଦ୍ଧା ପାଇଛି । ସବୁପ୍ରକାର ଉତ୍ସବ, ଆୟୋଜନ, ଆନ୍ଦୋଳନ ମଧ୍ୟରେ ଜଣେ ହୋଇ ଦିନ କଟାଇଛି । ପ୍ରବୀଣ ଓ ନବୀନ ଶିଳ୍ପୀ ରସିକମାନଙ୍କର ସମ୍ପର୍କରେ ଆସି ବହୁ ବହୁ ନୂତନ କଥା ଶିକ୍ଷା କରିଛି । ମନ ମଧ୍ୟରେ ଦାନାବାନ୍ଧି ରହିଥିବା ବହୁ ଅହମିକା ଆଡ଼ମ୍ବରର ଆଟୋପକୁ ଉଠାଇଁ ଦେଇଛି । ନନ୍ଦନର ଗ୍ରନ୍ଥାଳୟ ଓ ସଂଗ୍ରହାଳୟରୁ ବହୁ ମାନସିକ ଖାଦ୍ୟ ସଂଗ୍ରହ କରିଛି । ସେହି ଜ୍ଞାନାଲୋକରେ ମୋର ତୃତୀୟ ନେତ୍ର ଯତ୍ ସାମାନ୍ୟ ଉନ୍ମିଳିତ ହୋଇଛି । ସମସ୍ତେ କହିଥାନ୍ତି ଆଖିକାନ ଖୋଲିଥିଲେ ଶାନ୍ତିନିକେତନ ପରିବେଷ୍ଟନୀ ମଧ୍ୟରେ ଜଣେ ସାଧାରଣ ମଣିଷର ରୁଚିମାର୍ଜିତ ହୋଇଯିବ, ଶାଳୀନତା ପରିବର୍ଦ୍ଧିତ ହୋଇଯିବ । ତ୍ୱରିତ ନିର୍ଣ୍ଣୟ ସକ୍ଷମ ଦୃଷ୍ଟିପୁଷ୍କଳ ହେବ ଏକଥା ଅସତ୍ୟ ନୁହେଁ । କିନ୍ତୁ ପରିପୂର୍ଣ୍ଣ ଭାବରେ ନିଜକୁ ସମର୍ପଣ କରିଦେଇ

Digitized by srujanika@gmail.com

ଆଶ୍ରମିକ ହୋଇପାରିବା ହିଁ ବଡ଼କଥା । ସବୁପ୍ରକାର ଶିକ୍ଷା ମଧ୍ୟରୁ ଶ୍ରେଷ୍ଠତମ ଶିକ୍ଷା ପାଇଛି, ପ୍ରତ୍ୟେକ କ୍ଷେତ୍ରରେ ନିର୍ଭୀକ ହେବାପାଇଁ । ଚିନ୍ତାର ସ୍ୱାଧୀନ ଓ ଅବାଧ ସ୍ଫୁରଣକୁ ଅବ୍ୟାହତ ରଖିବା ପାଇଁ । ତାହାହିଁ ବିଦ୍ୟା, ମଣିଷର ଚିନ୍ତାଶକ୍ତିକୁ ଯାହା ମୁକ୍ତି ଦାନକରେ । ତାହାହିଁ ବିଦ୍ୟା, ଯାହା ମଣିଷର ଭୟଭୀତ ପ୍ରାଣକୁ ନିର୍ଭୟ କରେ । ତାହାହିଁ ବିଦ୍ୟା, ଯାହା ଗଭୀର ଅନ୍ଧାର ମଧ୍ୟରେ ଆଲୋକବର୍ତ୍ତିକା ଧରି ଆଗେଇଯିବାକୁ ଉଦ୍‌ବୋଧିତ କରେ । ବହୁବିଧ ସଂଶୟ ଓ ଶଂକାକୁଳ ମନ ଯେନ ରୂପର ତପସ୍ୟା କରିବା, ରୂପରାଜ୍ୟରୁ ଅରୂପରାଜ୍ୟରେ ପ୍ରବେଶ କରିବା ବିଡ଼ମ୍ବନା ମାତ୍ର । ଆମ୍ଭର ଆଚରଣରେ, କର୍ମରେ, ମନରେ, ଚିନ୍ତାରେ ଭୟହୀନ ନ ହେଲେ ଅନାବିଳ ରସ ପରିବେଷଣ କରାଯାଇ ପାରିବ ନାହିଁ । ଖର୍ବୀକୃତ ମନ, ଅସଂସ୍କୃତ ରୁଚି, ଅବିବେକୀ ଚିତ୍ତ ଯେନ ଅପରର ମନକୁ ସୁହାଇଲା ଭଳି ଚାଲିଯିବା ଗୋଟିଏ ପ୍ରକାର ବ୍ୟାଧିଗ୍ରସ୍ତ ମଣିଷର ବିକାର ବୋଲି ବୁଝିଛି । ସେଥିପାଇଁ ଜୀବନର ବହୁ କ୍ଷେତ୍ରରେ ନିଦାରୁଣ ଆଘାତ ପାଇଛି । ଅନିଚ୍ଛାକୃତ ଭାବେ ଜଞ୍ଜାଳ ଜାଲରେ ଛନ୍ଦିହୋଇ ପଡ଼ିଛି । ଭୟହୀନ ବକ୍ତବ୍ୟ ପାଇଁ ବହୁ ଗୁରୁଜନଙ୍କର ଚକ୍ଷୁଃଶୂଳ ହୋଇଛି । ଅଦ୍‌ଭୁତ ଆତ୍ମସମ୍ମାନ ବୋଧ ହେବାରୁ ବିପଦର ଆକସ୍ମିକ ପ୍ରକୋପରେ ମୁଣ୍ଡ ଭଗ୍ନକ୍ଲାନ୍ତ ହୋଇଛି । ତଥାପି କଳାଭବନୀୟ ଶିକ୍ଷାଦର୍ଶକୁ ମୋର ଦୀନତମ ଶିଳ୍ପୀ ଜୀବନର ଧ୍ୟେୟ ବୋଲି ଗ୍ରହଣ କରିଛି ।

ଏହା ମଧ୍ୟରେ ଏକ ଚତୁର୍ଥ ଶତାବ୍ଦୀ କଟିଗଲାଣି । ଆଜି ଆତ୍ମସ୍ଥ ହୋଇ ବସିଲେ ଛାତ୍ର ଜୀବନର ସମସ୍ତ ଘଟଣ ଓ ଅଘଟଣର କାହାଣୀ ଆଖି ଆଗରେ ଚଳଚିତ୍ରର କାହାଣୀ ଭଳି ଉଜ୍ଜ୍ୱଳ ହୋଇଉଠେ । ଏକାଧିକ ଜ୍ଞାନପୀଠରେ ନିଜକୁ ଛାତ୍ରରୂପେ ପହଞ୍ଚାଇଥିଲି । ବହୁ ଆଦର୍ଶର ଲାଳସୀ ହୋଇ ଶେଷରେ ବ୍ୟର୍ଥକାମ ହୋଇଥିଲି । ବହୁ ମହତ୍ତର ବ୍ୟକ୍ତିଙ୍କର ମାନସ ତୀର୍ଥର ଉଦକ ପାଇଁ ନିଜର ଶୂନ୍ୟ ପାତ୍ରକୁ ସଜାଡ଼ି ଧରିଥିଲି । କିନ୍ତୁ କଳାଭବନ ଭଳି ଅନ୍ୟ କୌଣସି ଶିକ୍ଷାଳୟରେ ଏତେ ସ୍ୱଚ୍ଛଳ ଓ ନିର୍ଭୟ ହୋଇପାରି ନ ଥିଲି । ଅନ୍ୟ କୌଣସି କ୍ଷେତ୍ରରେ ନିଜର ସଙ୍ଗୋପନ ଆକାଙ୍‌କ୍ଷାକୁ ସର୍ବୋତ୍ତମ ବିଶ୍ୱର ଧାରା ସହିତ ମିଶାଇ ପାରି ନ ଥିଲି । କଳାଭବନର ଶିକ୍ଷାଦୀକ୍ଷାର ବିଧିବ୍ୟବସ୍ଥା ଯାହା ହେଉନା କାହିଁକି ମୋ ଭଳି ଅକିଞ୍ଚନକୁ ତାହା ସଂପୂର୍ଣ୍ଣରୂପେ ଗ୍ରହଣ କରି ପାରିଥିଲା ବୋଲି ମୁଁ ସେଠାରେ ଅପ୍ରମତ୍ତ ଭାବରେ ମିଶିଯାଇଥିଲି । କାଙ୍‌କ୍ଷିତ ଅଭିଳାଷ ପୂର୍ଣ୍ଣ ହେବାରୁ ତୃପ୍ତି ଲାଭ କରିଥିଲି । କଳା ଲକ୍ଷ୍ମୀଙ୍କ ସହିତ ମୋର ପ୍ରଥମ ପରିଚୟ ଘଟିଥିଲା କହିଲେ ଆଦୌ ଅତ୍ୟୁକ୍ତି ହେବ ନାହିଁ । ଏହି ପରିଚୟ ଜୀବନରେ ସବୁଠାରୁ ପବିତ୍ର ଓ କାମ୍ୟ ହୋଇପାରିଛି । ଅବିକଳ ଫୁଟନ୍ତ ଫୁଲର ସାନ୍ନିଧ୍ୟ ଭଳି ଅମ୍ଳାନ ହୋଇ ରହିଛି ।

Digitized by srujanika@gmail.com

ମୁଁ ମୋର ସହାଧ୍ୟାୟୀ ଓ ସହାଧ୍ୟାୟିନୀମାନେ କଳାଭବନର ଆୟତନ ମଧ୍ୟରୁ କେବଳ ବିଦାୟ ନେଲୁ ନାହିଁ, ସମଗ୍ର ଛାତ୍ରଜୀବନରେ ତୋରଣବନ୍ଧା ହେଲା । ଆମ ଜୀବନର ମନ୍ଦାକିନୀ ଧାରା ପ୍ରବେଶ କଲା ରୂଢ଼, ରୁକ୍ଷ, ଧୂଳି ଧୂସରିତ ସଂସାରର ମରୁଭୂମିରେ । ଜୀବନ ଓ ଜୀବିକା ପାଇଁ କର୍ମକ୍ଷେତ୍ରର ପରିଧିକୁ ପ୍ରଶସ୍ତ କରିବାକୁ ମନ ଦେବା କଥା । ଜୀବନ ସଂଗ୍ରାମ ମଧ୍ୟରେ ଯାହା କୋମଳ, କାନ୍ତ, ସବୁଜ, ସଜୀବ ତାହାକୁ ଗୋଟି ଗୋଟି ସାଉଁଟି ଆଣି ରୂପ ଦେବତାଙ୍କ ମାଳା ରଚନାରେ ମନ ଦେବା ପାଇଁ ଅବକାଶ ସୃଷ୍ଟି କରିବା କଥା । ଅଧ୍ୟାପକମାନେ ସେମାନଙ୍କ ତୂଳି ସ୍ପର୍ଶର ସଙ୍କେତରୂପେ ଗୋଟିଏ ଗୋଟିଏ ଚିତ୍ର ସମ୍ପଦ ମୋତେ ଉପହାର ଦେଲେ । ଅଧ୍ୟାପକ ରାମକିଙ୍କର ସବୁ ପ୍ରକାର ଅନୁସୃତ ଧାରାର ବ୍ୟତିକ୍ରମ । କୋପାଇ ନଦୀ କୂଳରେ ପଳାଶ ବନର ଗୋଟିଏ ଦୃଶ୍ୟ ଚିତ୍ର ସହିତ ଦେଇଦେଲେ ତାଙ୍କର ଅନବଦ୍ୟ ହାତରେ ନମୁନା ସ୍ୱରୂପ ସ୍କେଚ ଖାତାଟିଏ । ମାଷ୍ଟର ମହାଶୟ ନନ୍ଦଲାଲ ବନଫୁଲର ଫୁଲଗୁଚ୍ଛ ଅଙ୍କିତ ଥିବା ଗ୍ରେଟିଂ କାର୍ଡ଼ଟିଏ ଦେଇ ଆଶୀର୍ବାଦ କଲେ— "ବିନୋଦ ରାଉତରାୟ କେ ଆମାର ଆଶୀର୍ବାଦ ।" ଅନୁଜ ଛାତ୍ର ବନ୍ଧୁମାନେ କଳା ଓ ନୀଳ ରଙ୍ଗରେ ଅନୁରଞ୍ଜିତ ଛବିଟିଏ ଉପହାର ଦେଲେ ବିଦାୟ ସଭା ଆହ୍ୱାନ କରି । ତାହାର ପଛପଟରେ ଲେଖାଥିଲା—

"ପ୍ରାନ୍ ଦିୟେ, ଦୁଃଖସୟେ, ଆପନାର ହାତେ
ସଂଗ୍ରାମ କରିତେ ଦାଓ ଭଲ ମନ୍ଦ ସାଥେ ।"

ମୋର ଗୋଟିଏ ହାତ ଅଙ୍କା ଚିତ୍ର କଳାଭବନର ଯାଦୁଘରକୁ ଉପହାର ଦେଲି । ଏହାହିଁ ମୋର କଳାଭବନର ଉଜ୍ଜ୍ୱଳ ପୃଷ୍ଠା ଉପରେ ସର୍ବଶେଷ ଓ ସର୍ବଶ୍ରେଷ୍ଠ ସନ୍ତକ । ଅଧ୍ୟାପକ ଓ ଅଧ୍ୟକ୍ଷମାନଙ୍କର ପାଦଧୂଳି ମୁଣ୍ଡରେ ଧରି କଳାଭବନ ଛାଡ଼ିଲି । ଶାନ୍ତି ନିକେତନର ପରିସର ମଧ୍ୟରୁ ବିଦାୟ ନେଲି । ଚକ୍ଷୁ ଲୋତକାର୍ଦ୍ର ହେଲା ।

ଅଧ୍ୟାପକ ବିଶ୍ୱରୂପ ବସୁ ବଳାଇ ଦେବାକୁ ଆସିଥିଲେ ବୋଲପୁର ପର୍ଯ୍ୟନ୍ତ । ସମସ୍ତ ପ୍ରକାର ମାୟା ମମତାର ରଜ୍ଜୁକୁ ନିର୍ମମ ଭାବରେ ଛିଣ୍ଡାଇ ଦେଇ ଆଗକୁ ରିକ୍ସା ଗଡ଼ିବା ସଙ୍ଗେ ସଙ୍ଗେ ଅନ୍ତର ଭିତର ବିକଳରେ ବିଳାପ କରି ଉଠିଥିଲା । ଅଧ୍ୟାପକ ବିଶ୍ୱରୂପ ବୋଧ ଦେବାକୁ ଯାଇଁ କହିଥିଲେ—"ଆଜି ଯେଉଁ ଜୀବନ ଧାରଣର ଟ୍ରେନ୍ ଧରିଲଛ, ସେହି ଟ୍ରେନ୍‌ର ସର୍ବନିମ୍ନ ଶ୍ରେଣୀରେ କୌଣସି ପ୍ରକାର ନିଜର ବୁଜୁଲିଟି ଥୋଇ ଦେଇ ଯଦି କୌଣସିମତେ ଚଢ଼ିଯାଇ ପାରିଲ ତାହାହେଲେ ଏଠାକାର ଶିକ୍ଷା ଓ ସଂସ୍କୃତିର ବାହକ ହୋଇ ରହିପାରିବ । ଆମ ଆଖିରେ ତମେ ଯେତେ ଅନାଡ଼ି ହେଲେ ମଧ୍ୟ ବାହାରର ଦୁନିଆଁ ତମଠାରୁ

Digitized by srujanika@gmail.com

ଆହୁରି ଅନାଡ଼ି । ସେଠାରେ ତମର ବାଟ ଭୁଲି ଯିବା ପାଇଁ ବହୁ ଉପାଦାନ ରହିଛି । ଥରେ ଅନ୍ତର୍ଦୃଷ୍ଟି ମେଲାଇ ଦେଖିଲେ ନିଶ୍ଚୟ ଅନୁଭବ କରି ପାରିବ । ବାହାରେ ବାଟ ନ ଭୁଲି ଯଦି ନିଜର ଦୃଷ୍ଟିକୋଣ ଠିକ୍ ରଖି ପାରିଲ, ତେବେ ତାହାରି ମଧ୍ୟରେ ଆମେ ବଞ୍ଚି ରହିଲୁ । ନୋହିଲେ ଛାତ୍ରର ଆଗ୍ରହ ଓ ଆଚରଣ ମଧ୍ୟରେହିଁ ଦୈନିକ ଶିକ୍ଷକଙ୍କୁ କ୍ରୁଶବିଦ୍ଧ କରାଯାଉଥିବ ।"

ଶାନ୍ତିନିକେତନ ତ୍ୟାଗ କଲା ପରେ ଯେଉଁ ମହଲରେ ପାଦ ଦେଇଛି, ସେଠାରେ ଆଲୋକ ନାହିଁ କିମ୍ବା ତେଜ ନାହିଁ । ଆଶା ନାହିଁ କିମ୍ବା ଆନନ୍ଦ ନାହିଁ । କେବଳ ହାତ ପତାଇ ଭିକ୍ଷା କରିବା କିମ୍ବା ଯୋଡ଼ ହାତ ହୋଇ ଗୃହୁ କରିବା ବ୍ୟତୀତ ମଣିଷ ଭିତରେ ସମସ୍ତ ସତ୍‌କର୍ମର ସନ୍ତକ ସେଠାରେ ନାହିଁ । ରସହୀନ ଜୀବନ ଦିନକୁ ଦିନ ଝୁଙ୍କି ପଡ଼ୁଛି ରସାତଳକୁ । ଅଶ୍ରୁର କାଳିମା ଓ ଲହୁର ରକ୍ତିମାରେ କେତେ କେତେ ଅବ୍ୟକ୍ତ ଆଲେଖ୍ୟ ଏହାରି ମଧ୍ୟରେ ସୃଷ୍ଟି କରିବାକୁ ପଡ଼ୁଛି । ପ୍ରାଣ ଦେଇ, ଦୁଃଖ ସହି ସର୍ବଦା ଭଲ ଓ ଭେଲ ସହିତ ସଂଗ୍ରାମ କରିବାକୁ ହେଉଛି । ଯେଉଁ ଶିକ୍ଷାରେ ଶିକ୍ଷିତ ଯେଉଁ ଦୀକ୍ଷାରେ ଦୀକ୍ଷିତ ହୋଇଛି, ତାହାକୁ ଛାତ୍ରମାନଙ୍କ ମଧ୍ୟରେ ବିତରଣ କରିବା ଭଳି ପରିବେଶ ସୃଷ୍ଟି କରିବା ସ୍ୱପ୍ନାତୀତ ହୋଇପଡ଼ୁଛି । ସମୟର ପରିବର୍ତ୍ତନ ଓ ଶିକ୍ଷା ଧାରାର କ୍ରମ ବିବର୍ତ୍ତନ ଏପରି ଏକ ସ୍ଥାନରେ ପହଞ୍ଚାଇଛି ଯେଉଁଠି ଛାତ୍ରର ଭୀମ ନାଦରେ ଉଚ୍ଚାରିତ ସ୍ଲୋଗାନ ଓ କ୍ରୁଦ୍ଧୋଦ୍ୟତ ବଜ୍ର ମୁଷ୍ଟିର ନିଷ୍ପେଷଣରେ ଛାତ୍ର ଓ ଶିକ୍ଷକ ମଧ୍ୟରେ ଥିବା ଅପରିମିତ ମଧୁର ସମ୍ପର୍କ, ଭକ୍ତି, ବିନୟ, ଶ୍ରଦ୍ଧା, ସ୍ନେହ, ନିଷ୍ଠା ଓ ସାଧୁତା ନିଃଶେଷ ହେଉଛି । ଅଧ୍ୟାପକ ବିଶ୍ୱରୂପଙ୍କର ଶେଷ ମୁହୂର୍ତ୍ତର ସଙ୍କେତ ସବୁବେଳେ କାନ ପର୍ଦ୍ଦାରେ ହାତୁଡ଼ି ପ୍ରହାର ବସାଉଛି ।

କଳପଠା ଷାଠିଏ ଅତିକ୍ରମ କରିବା ପାଇଁ ଆଉ ଅଧିକ ବିଳମ୍ବ ନାହିଁ । ତଥାପି ମନେ ହେଉଛି ଆଦର୍ଶ, ସାଧନା ଓ ସିଦ୍ଧିକୁ ଗଭୀର ଗମ୍ଭୀର ସୌନ୍ଦର୍ଯ୍ୟଯୁକ୍ତ ମହିମାମୟ ଉନ୍ନତ ବେଦୀରେ ପ୍ରତିଷ୍ଠିତ କରାଇବା ପାଇଁ ଆଉ ଷାଠିଏ ବର୍ଷ ଆୟୁ ଲୋଡ଼ା !

ଖଲ୍ଲିକୋଟ

ହୁନିଆଁ, ୬, ସେପ୍ଟେମ୍ବର, ୧୯୮୪

Digitized by srujanika@gmail.com